ବର୍ଷ-୨୪, ସଂଖ୍ୟା-୨୧୪
ଭୁବନେଶ୍ୱର
୦୩ ସେପ୍ଟେମ୍ବର, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 214
Bhubaneswar
03 September, 2024, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ସୁମିତଙ୍କ କମାଲ୍

# ଚାଷୀଙ୍କ ପାଇଁ କେନ୍ଦ୍ରର ୭ ଘୋଷଣା

**ନୂଆଦିଲ୍ଲୀ,୨।୯(ଏଜେନ୍ସି):** କୃଷି କ୍ଷେତ୍ରକୁ ବୁଷ୍ଟ ଯୋଗାଇ ଦେବା ପାଇଁ ଆଜି କେନ୍ଦ୍ର କ୍ୟାବିନେଟ ୭ ବଡ଼ ନିଷ୍ପତ୍ତି ନେଇଛି। କୃଷି ଓ ଚାଷୀଙ୍କ କଲ୍ୟାଣ ପାଇଁ ଆରମ୍ଭ ହେବ ୧୪ ହଜାର କୋଟି ଟଙ୍କାର କାର୍ଯ୍ୟକ୍ରମ। ଆଜି ଉକ୍ତ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ ମୋହର ମାରିଛି। ଡିଜିଟାଲ କୃଷି, ଖାଦ୍ୟ ସୁରକ୍ଷା, ଶିକ୍ଷା ଓ ନିୟମିତ ଫାର୍ମିଂ ଭଳି କୃଷି ସହ ଜଡ଼ିତ କାର୍ଯ୍ୟକ୍ରମକୁ କ୍ୟାବିନେଟ ଅନୁମତି ମିଳିଛି।

କ୍ୟାବିନେଟ୍ ବୈଠକ ପରେ ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଡିଜିଟାଲ କୃଷି ମିଶନ ପାଇଁ ୨,୮୧୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।ଏହି ମିଶନ ଜରିଆରେ କୃଷି କ୍ଷେତ୍ରକୁ ଅତ୍ୟାଧୁନିକ କରାଯିବ। ଟେକ୍ନୋଲୋଜିର ବ୍ୟବହାର କରି ଚାଷ ଜମିର କାର୍ଯ୍ୟଦକ୍ଷତା ଓ ଉତ୍ପାଦନ ବୃଦ୍ଧି କରିବା ପାଇଁ ପ୍ରୟାସ କରାଯିବ। ହା ଦୁଇଟି ମୂଳଦୁଆ। ଉପରେ ଆଧାରିତ। କୃଷି ଷ୍ଟାକ୍, ଚାଷୀ ରେଜିଷ୍ଟ୍ରୀ, ଗାଁ ଜମି ମାନଚିତ୍ର ରେଜିଷ୍ଟ୍ରୀ, ଫସଲ ବୁଣା ରେଜିଷ୍ଟ୍ରୀ, କୃଷି ନିଷ୍ପତ୍ତି ସହାୟତା ପ୍ରଣାଳୀ, ଭୂସ୍ଥାନିକ ତଥ୍ୟ, ମରୁଡ଼ି/ବନ୍ୟା ନିରୀକ୍ଷଣ, ପାଣିପାଗ/ଉପଗ୍ରହ ତଥ୍ୟ, ଭୂତଳ ଜଳ/ଜଳ ଉପଲବ୍ଧତା ତଥ୍ୟ ଓ ଫସଲ ଉତ୍ପାଦନ ଏବଂ ବୀମା ପାଇଁ ମଡେଲିଂ ରହିଛି।

ଏହି ମିଶନରେ ମୃତ୍ତିକା ପ୍ରୋଫାଇଲ୍, ଡିଜିଟାଲ ଫସଲ ଆକଳନ, ଡିଜିଟାଲ ଅମଳ ମଡେଲିଂ, ଫସଲ ଋଣ ପାଇଁ ଯୋଗାଯୋଗ, ଏଆଇ ଏବଂ ବିଗ୍ ଡାଟା ଭଳି ଆଧୁନିକ ଜ୍ଞାନକୌଶଳ, କ୍ରେତାଙ୍କ ସହ ଯୋଗାଯୋଗ ଓ ମୋବାଇଲ ଫୋନରେ ନୂଆ ଜ୍ଞାନ ବ୍ୟବସ୍ଥା ରହିଛି।

ଖାଦ୍ୟ ଓ ପୁଷ୍ଟିକର ସୁରକ୍ଷା ପାଇଁ କେନ୍ଦ୍ର କ୍ୟାବିନେଟ କ୍ରପ ସାଇନ୍ସ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଅନୁମତି ଦେଇଛି। ଏଥିପାଇଁ ୩,୯୭୯ କୋଟି ଟଙ୍କା ଖର୍ଚ୍ଚ ହେବ। ଲୋକଙ୍କୁ ଉତ୍ତମ ଗୁଣବତ୍ତାର ଖାଦ୍ୟ ଓ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ କ୍ରପ ସାଇନ୍ସ ବିକାଶ ଓ ରିସର୍ଚ୍ଚ ଏହା ଦ୍ୱାରା କରାଯିବ।

କୃଷି ଶିକ୍ଷା, ପରିଚାଳନା ଓ ସାମାଜିକ ବିଜ୍ଞାନ ପାଇଁ ୨୨୯୧ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପାଣ୍ଠି ସମଗ୍ର ଦେଶରେ କୃଷି ଶିକ୍ଷା ଓ ପରିଚାଳନା କାର୍ଯ୍ୟକ୍ରମକୁ ସହାୟତା ପ୍ରଦାନ କରିବ। ପଶୁଧନର ପରିପୋଷଣୀୟ ସ୍ୱାସ୍ଥ୍ୟ ଓ ଉତ୍ପାଦନ ପାଇଁ ମଧ୍ୟ କେନ୍ଦ୍ର କ୍ୟାବିନେଟ ୧୭୦୨ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏଥିରେ ପ୍ରାଣୀ ସ୍ୱାସ୍ଥ୍ୟ ପରିଚାଳନା ଓ ପ୍ରାଣୀ ଚିକିତ୍ସା ଶିକ୍ଷା, ଦୁଗ୍ଧ ଉତ୍ପାଦନ ଓ ବୈଷୟିକ ଜ୍ଞାନକୌଶଳ ବିକାଶ, ପ୍ରାଣୀ ଆନୁବଂଶିକ ସମ୍ବଳ ପରିଚାଳନା, ଉତ୍ପାଦନ ଓ ଉନ୍ନତି, ପ୍ରାଣୀ ପୋଷଣ ଏବଂ କ୍ଷୁଦ୍ର ପ୍ରାଣୀ ଉତ୍ପାଦନ ଓ ବିକାଶ ପ୍ରମୁଖ ରହିଛି।

## 'ନୂଆ ଓ' କାର୍ଯ୍ୟକ୍ରମ ପାଇଁ ୨୬୧ କୋଟି ଖର୍ଚ୍ଚ

**ଭୁବନେଶ୍ୱର,୨।୯(ମହାଭାରତ):** ପୂର୍ବତନ ବିଜେଡି ସରକାରଙ୍କ ସମୟରେ 'ନୂଆ ଓ' କାର୍ଯ୍ୟକ୍ରମ ବାବଦରେ ରାଜକୋଷରୁ ୨୬୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବିଧାନସଭାରେ ପ୍ରକାଶ କରିଛନ୍ତି।

ବିଧାୟକ ଶ୍ରୀ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ନୂଆ କାର୍ଯ୍ୟକ୍ରମ କେବଳ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ନାଚକୁଦ ପାଇଁ ଉଦ୍ଦିଷ୍ଟ ହୋଇଥିଲା। ଏ ବାବଦକୁ ଯେଉଁ ଅର୍ଥ ଖର୍ଚ୍ଚ କରାଯାଇଛି ସେ ସମ୍ପର୍କରେ ଏଜି ତଦନ୍ତ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

# ଭିଜିଲାନ୍ସ ଜାଲରେ ଖଣି ଉପନିର୍ଦ୍ଦେଶକ

**ଭୁବନେଶ୍ୱର,୨।୯(ମହାଭାରତ):** ତାଳଚେର ଖଣି ଉପନିର୍ଦ୍ଦେଶକଙ୍କ ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ବଡ଼ଧରଣର ଚଢାଉ ଚାଲିଛି। ଖଣି ଉପନିର୍ଦ୍ଦେଶକ ଧରଣୀଧର ନାୟକଙ୍କ ଘରେ ଏହି ରେଡ ଚାଲିଥିବା ଜଣାପଡ଼ିଛି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏକକାଳୀନ ୮ଟି ସ୍ଥାନରେ ଭିଜିଲାନ୍ସ ଟିମ ଏହି ଚଢ଼ାଉ ଜାରି ରଖିଛି। ଚଢାଉ ବେଳେ ଖଣି ଅଫିସରଙ୍କ ଘରୁ ଟଙ୍କାର ଗନ୍ତା ଘର ମିଳିଛି।



ଏବେ ସୁଦ୍ଧା ଭୁବନେଶ୍ୱର ସୁରେଖା ଅର୍ଚ୍ଚିଡ ଆପାର୍ଟମେଣ୍ଟ ଘରୁ ପୁଳା ପୁଳା ଟଙ୍କା, ଦାମୀ ଘଣ୍ଟା, ସୁନା ଅଳଙ୍କାର ରୁପା ସାମଗ୍ରୀ ଜବତ ହୋଇଛି।ଏହି ଘରେ ଧରଣୀଧର ରହୁଥିବା ବେଳେ ଏହି ଘରର ମୂଲ୍ୟ ପାଖାପାଖି ୧ କୋଟି ୫୦ ଲକ୍ଷ ଟଙ୍କା ହେବ। ସେହିଭଳି ସୁନ୍ଦରପଦାରେ ଦୁଇମହଲା କୋଠା ରହିଛି, ଯାହାର ମୂଲ୍ୟ ୫୫ ଲକ୍ଷ ଟଙ୍କା। କେନ୍ଦୁଝରର ତେଲକୋଇରେ ୩ ଟି ମାର୍କେଟ କମ୍ପ୍ଲେକ୍ସ, ୨ଟି ଦୁଇମହଲା ବିଶିଷ୍ଟ ଓ ଗୋଟିଏ ଏକ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ଠାବ କରିଛି ଭିଜିଲାନ୍ସ ବିଭାଗ। କେନ୍ଦୁଝର, ଅନୁଗୋଳ, ଭୁବନେଶ୍ୱର, କଟକରେ ଏକାଧିକ ପ୍ଲଟ ମଧ୍ୟ ରହିଥିବା ଜଣା ପଡ଼ିଛି। କେବଳ ସେତିକି ନୁହେଁ ବାବୁଙ୍କର୍ ବ୍ୟାଙ୍କ ଜମା ୧୦ ଲକ୍ଷ ଟଙ୍କା ଥିବା ବେଳେ ୧୬ ଲକ୍ଷ ଟଙ୍କା ଫିକ୍ସ ଡିପୋଜିଟ ରହିଛି। ସବୁଠୁ ଆଶ୍ଚର୍ଯ୍ୟର କଥା ୨୦ ବର୍ଷରେ ଶୁଝିବା ପାଇଁ ଆଣିଥିବା ୧ କୋଟି ୧୩ ଲକ୍ଷ ଟଙ୍କାକୁ ମାତ୍ର ୨ ବର୍ଷରେ ଶୁଝି ଦେଇ ଭିଜିଲାନ୍ସ ଆଖିଆଗକୁ ଆସିଛନ୍ତି। ଭୁବନେଶ୍ୱର ଘରକୁ ଛାଡ଼ିଦେଲେ ତାଳଚେର ଘରୁ ମଧ୍ୟ ମିଳିଛି ପୁଳା ପୁଳା ଟଙ୍କା।

# ବିଧାନସଭାରେ ଉଠିଲା ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ

**ଭୁବନେଶ୍ୱର,୨।୯(ମହାଭାରତ):** ଓଡ଼ିଶାରେ ପ୍ରତିଷ୍ଠା ହୋଇ ନ ପାରେ ହାଇକୋର୍ଟ ବେଞ୍ଚ। ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝି ଲିଖିତ ଉତ୍ତରରେ ଏହା ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି, ସୁପ୍ରିମକୋର୍ଟ ଦ୍ୱାରା ଏ ସଂକ୍ରାନ୍ତରେ ଆସିଥିବା ରାୟ ଅନୁଯାୟୀ ଓ କୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାର କୌଣସି ଯଥାର୍ଥତା ନାହିଁ। ଆଜି ବିଧାନସଭାରେ ଉତ୍ତର ରଖିବା ପରେ ତେଜିଛି ରାଜନୀତି। ପଶ୍ଚିମ ଓଡ଼ିଶାବାସୀଙ୍କ ପ୍ରତି ଏହା ବିଶ୍ୱାଘାତକତା ବୋଲି ବିଜେଡି କହିଛି। ଆଉ ବିଜେଡି ସାଙ୍ଗରେ ସ୍ୱର ମିଳାଇଛି। କଂଗ୍ରେସ ବିଜେପି ବିଧାୟକ ଜୟନାରାୟଣ ମିଶ୍ର ମଧ୍ୟ ହାଇକୋର୍ଟ ବେଞ୍ଚ ଦାବି ଯଥାର୍ଥ ବୋଲି କହିଛନ୍ତି।

ଆଜି ବିଧାନସଭାରେ ବଲାଙ୍ଗିରରେ ହାଇକୋର୍ଟର ସର୍କିଟ୍ ବେଞ୍ଚ ପ୍ରତିଷ୍ଠା ନେଇ ସରକାରଙ୍କ ପ୍ରସ୍ତାବ ଅଛି କି ବୋଲି ବିଜେଡି ବିଧାୟକ କଳୀକେଶ ସିଂହଦେଓ କରିଥିଲେ। ଏହା ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ସୁପ୍ରିମକୋର୍ଟଙ୍କ ପକ୍ଷରୁ ଏ ସଂପର୍କିତ ଆସିଥିବା ରାୟ ଅନୁସାରେ ଓଡ଼ିଶାର କୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହେବାର ଯଥାର୍ଥତା ନାହିଁ।

କଳିକେଶ ସିଧା ବିଜେପି ସରକାରକୁ ଆକ୍ଷେପ କରି କହିଛନ୍ତି, ଏହା ପଶ୍ଚିମ ଓଡ଼ିଶାବାସୀଙ୍କ ପ୍ରତି ବିଶ୍ୱାସଘାତ ସରକାର ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ। କଂଗ୍ରେସ ମଧ୍ୟ ଆରୋପ ଲଗାଇଛି, ବିଜେପି ବିରୋଧୀ ଦଳରେ ଥିବାବେଳେ ଆନ୍ଦୋଳନକୁ ସମର୍ଥନ କରୁଥିଲା। ହେଲେ କ୍ଷମତାକୁ ଆସିବା ପରେ ବଦଳି ଗଲା। ସେପଟେ ଖୋଦ୍ ଶାସକ ଦଳର ବିଧାୟକ ଜୟନାରାୟଣ ମିଶ୍ର ମଧ୍ୟ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିରେ ଅଟଳ ରହିଛନ୍ତି। ତେଣେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏନେଇ ପ୍ରତିକ୍ରିୟା ରଖି କହିଛନ୍ତି, ଏ ପ୍ରସଙ୍ଗରେ ଅଧିକ ବିଚାର ବିମର୍ଶର ଆବଶ୍ୟକତା ରହିଛି। ତାପରେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ରାଜ୍ୟରେ ଏକ ଚର୍ଚ୍ଚିତ ଓ ପୁରୁଣା ଦାବି। ଏ ନେଇ ଆଇନଜୀବୀଙ୍କ ଆନ୍ଦୋଳନର ନିଆଁ ପଶ୍ଚିମରୁ ଦକ୍ଷିଣ ଓଡ଼ିଶା ଯାଏଁ ବ୍ୟାପି ଯାଇଥିଲା। ତେବେ ଗତ ୨୦୨୨ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟଙ୍କ ରାୟ ସେ ନିଆଁକୁ ଥଣ୍ଡା ପକାଇ ଦେଇଥିଲା।

# ବିରୋଧୀଙ୍କ ହଟ୍ଟଗୋଳ

**ଭୁବନେଶ୍ୱର,୦୨।୯(ମହାଭାରତ):** ସୁଭଦ୍ରା ଯୋଜନାରେ ସମସ୍ତ ମହିଳାଙ୍କୁ ସାମିଲ କରିବାକୁ ନେଇ ବିରୋଧୀ ଦଳ ପକ୍ଷରୁ ଆଜି ପ୍ରବଳ ହଟ୍ଟଗୋଳ କରା ଯାଇଥିଲା। ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ବିରୋଧୀ ଦଳର ବିଧାୟକ ମାନେ ନାରାବାଜି ଓ ହଟ୍ଟଗୋଳ ଜାରି ରଖି ଥିଲେ। ତେଣୁ ବାଧ୍ୟ ହୋଇ ବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ ବୋଲି ଘୋଷଣା କରି ଥିଲେ। ଏହି କାରଣରୁ ଆଜି ଗୃହରେ ପ୍ରଶ୍ନକାଳ କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା।

ଆଜି ଗୃହରେ ଶୋକ ପ୍ରସ୍ତାବ ପାରିତ ହେବା ପରେ ବାଚସ୍ପତି ପ୍ରଶ୍ନକାଳ ଆରମ୍ଭ କରିବାକୁ ଚାହିଁଥିଲେ। ବାଚସ୍ପତି ଶ୍ରୀମତୀ ପାଢୀ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଏକ ଗୃହ ବିଭାଗର ପ୍ରଶ୍ନର ଉତର ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଡାକିଥିଲେ । ଠିକ ସେତିକି ବେଳେ ବିରୋଧୀ ଦଳର ସଚେତକ ଶ୍ରୀମତୀ ପ୍ରମିଳା ମଲିକ ନିଜ ଆସନରେ ଠିଆ ହୋଇ ସୁଭଦ୍ରା ଯୋଜନାରେ ରାଜ୍ୟର ସମସ୍ତ ମହିଳାଙ୍କୁ କାହିଁକି ସାମିଲ କରାଯାଉ ନାହିଁ ବୋଲି ପ୍ରଶ୍ନ କରିଥିଲେ। ଏହା ପରେ ବିଜେଡି ଦଳର ବିଧାୟକ ମାନେ ଗୃହର ମଧ୍ୟ ଭାଗକୁ ଚାଲି ଆସିଥିବା ଦେଖିବାକୁ ମିଳିଥିଲା । ବିଜେଡି ବିଧାୟକ ମାନଙ୍କ ପରେ କଂଗ୍ରେସ ବିଧାୟକ ମାନେ ମଧ୍ୟ ଗୃହର ମଧ୍ୟ ଭାଗକୁ ଚାଲି ଆସିଥିଲେ । ବିଜେଡି ବିଧାୟକ ମାନେ ସୁଭଦ୍ରା ଯୋଜନାରେ ରାଜ୍ୟର ସମସ୍ତ ମହିଳା ମାନଙ୍କୁ ସାମିଲ କରିବାକୁ ଦେଇଥିବା ପ୍ରତିଶ୍ରୁତି କୁଆଡେ ଗଲା କହି ସ୍ଲୋଗାନ ମାନ ଦେଇଥିବା ଦେଖିବାକୁ ମିଳିଥିଲା । ସେମାନେ ନାରାବାଜୀ ଓ ହଟ୍ଟଗୋଳ ଜାରୀ ରଖିଥିବା ବେଳେ ମୁଖ୍ୟମନ୍ତ୍ରୀ ପ୍ରଶ୍ନର ଉତର ଦେଉଥିଲେ।






## ମାଟି ହାଣ୍ଡି ଶୁଖୁଆ

ଆବଶ୍ୟକ ସାମଗ୍ରୀ : କଟା ପିଆଜ, ଅଦା ବଟା, ରସୁଣ ବଟା, ସୋରିଷ ବଟା, ବଟା କଞ୍ଚାଲଙ୍କା, ଲଙ୍କା ଗୁଣ୍ଡ, ଧଣିଆ, କଟା ଟମାଟୋ, ଲୁଣ, ହଳଦୀ ଗୁଣ୍ଡ, ବଡ଼ି, ପୋଇଡ଼ଙ୍କ, ମାଟି ଆଳୁ, ସାରୁ, ପଥର ମୁଣ୍ଡି ଶୁଖୁଆ ଭଜା ଓ ସୋରିଷ ତେଲ

ପ୍ରସ୍ତୁତି ପ୍ରଣାଳୀ : ପ୍ରଥମେ ଗ୍ୟାସ୍ ଲଗାଇ ପଥର ମୁଣ୍ଡି ଶୁଖୁଆ କାଟି ଭାଜି ରଖନ୍ତୁ। ଚୁଲିରେ ହାଣ୍ଡି ବସାଇ ଦୁଇ ଚାମଚ ସୋରିଷ ତେଲ ପକାନ୍ତୁ । ତେଲ ଗରମ ହୋଇଯିବା ପରେ କଟା ପିଆଜ, ରସୁଣ ବଟା ୨ ଚାମଚ, ଅଦା ବଟା ୨ ଚାମଚ, ୨ ଚାମଚ ଲଙ୍କା ଗୁଣ୍ଡ, କିଛି କଟା କଞ୍ଚାଲଙ୍କା, କଟା ଟମାଟୋ ଓ ହଳଦୀ ଗୁଣ୍ଡ ପକାଇ କଷନ୍ତୁ।

ମସଲା କଷି ହୋଇଯିବା ପରେ ସେଥିରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ସିଝା ସାରୁ ଓ ମାଟି ଆଳୁ ପକାଇ କଷନ୍ତୁ। ଏହାପରେ ସେଥିରେ ୨ ଚାମଚ ସୋରିଷ ବଟା, ସ୍ୱାଦ ଅନୁସାରେ ଲୁଣ ପକାଇ କଷିବା ପରେ ଭଜା ହୋଇଥିବା ପୋଇ ପକାଇ ପାଣି ଦିଅନ୍ତୁ। ପାଣି ଫୁଟିଯିବା ପରେ ଶୁଖୁଆ ଭଜା ଓ ଭଜା ବଡ଼ି ପକାଇ ୧୦ ରୁ ୧୫ ମିନିଟ୍ ଭଲ ଭାବରେ ଫୁଟାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ମାଟି ହାଣ୍ଡି ଶୁଖୁଆ।



..... ପରଦା ଖବର .....

## ସେପ୍ଟେମ୍ବର ୧୩ରେ ମୁକ୍ତିଲାଭ କରିବ ଆଭା

: ବଡ଼ ପରଦାରେ ଆସନ୍ତା ୧୩ ତାରିଖରେ ମୁକ୍ତିଲାଭ କରିବ ଚଳଚ୍ଚିତ୍ର ଆଭା। ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ତାରିଖ ଘୋଷଣା ହୋଇଥିବାବେଳେ ଆଭା ଚଳଚ୍ଚିତ୍ରର ପୋଷ୍ଟର ଉନ୍ମୋଚିତ ହୋଇଯାଇଛି । ଜଣେ ଭିନ୍ନକ୍ଷମ ନାରୀର କାହାଣୀକୁ ନେଇ ନିର୍ମାଣ ହୋଇଛି ଆଭା ଚଳଚ୍ଚିତ୍ର। କାର୍ଯ୍ୟକ୍ରମରେ ସିନେମାର ମୁକ୍ତିଲାଭ ତାରିଖ ଘୋଷଣା କରିଥିଲେ ପ୍ରଯୋଜକ ପ୍ରବୀର ମହାପାତ୍ର । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଯୋଜକ ପ୍ରବୀର ମହାପାତ୍ର, ଅଭିନେତାମଶାଲ, ଅଭିନେତ୍ରୀ ମାମାଲି, ସହ ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ, ଆଭା ଚଳଚ୍ଚିତ୍ରରେ ଆଭା ଚରିତ୍ରରେ ଅଭିନୟ କରିଥିବା ସୋନା ମଲ୍ଲିକଙ୍କ ସମେତ ଚଳଚ୍ଚିତ୍ରର କ୍ରିଏଟିଭ ହେଡ୍ ମାର୍କେଟିଙ୍ଗ୍ ଓ ପିଆର୍ ପ୍ରଣୟ ଜେଠୀ ପ୍ରମୁଖ ଯୋଗ ଦେଇଥିଲେ ।ଏହି ଅବସରରେ ଆଭାର ପୋଷ୍ଟର ରିଲିଜ ହୋଇଛି । ପ୍ରଯୋଜନା ସଂସ୍ଥା ପକ୍ଷରୁ ଏହା ଆଗାମୀ ଦିନରେ ଦର୍ଶକଙ୍କ ହୃଦୟକୁ ଛୁଇଁବ ବୋଲି କୁହାଯାଇଛି । ଆଭା ଚଳଚ୍ଚିତ୍ରର ମୁଖ୍ୟ ନାୟିକା ଭାବେ ନବାଗତା ଅଭିନେତ୍ରୀ ସୋନା ମଲ୍ଲିକ ଅଭିନୟ କରିଛନ୍ତି । ତାଙ୍କ ସହିତ ଅଭିଜ୍ଞ ଅଭିନେତ୍ରୀ ଅନୁ ଚୌଧୁରୀ, କେଦାର ମିଶ୍ର , ଶତୋ ଆଚାର୍ଯ୍ୟଙ୍କ ସମେତ ଆହୁରି ଅନେକ ତାରକା ଅଭିନୟ କରିଛନ୍ତି । ଚଳଚ୍ଚିତ୍ରଟି ପଶ୍ଚିମବଙ୍ଗର ମେଦିନିପୁରର ଏକ ଆଦିବାସୀ ଗ୍ରାମର ଜଙ୍ଗଲ ଘେରି ରହିଥିବା ଏକ ଗ୍ରାମୀଣ ପରିବେଶରେ ସୁଟିଂ କରାଯାଇଛି । ସଂଳାପ ରଚନା କରିଛନ୍ତି ବିଶିଷ୍ଟ ଗୀତିକାର ମୋହିତ ଚକ୍ରବର୍ତ୍ତୀ । ଚଳଚ୍ଚିତ୍ରର ଫଟୋଗ୍ରାଫି ନିର୍ଦ୍ଦେଶକ ଚିତ୍ତରଞ୍ଜନ ବିଶ୍ୱାଳ, ନିର୍ଦ୍ଦେଶକ ପ୍ରଲବ ରୟ, କାର୍ଯ୍ୟକାରୀ ପ୍ରଯୋଜକ ସତ୍ୟ ପ୍ରକାଶ ସାହୁ ଏହି ଚଳଚ୍ଚିତ୍ରକୁ ନେଇ ବହୁତ ଆଶାବାଦୀ ।ଅଭିଜିତ ମଜୁମଦାରଙ୍କ ସଂଗୀତ ନିର୍ଦ୍ଦେଶିତ ଚମତ୍କାର ଗୀତ ସହିତ ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ଏକ ନୂତନ ସ୍ୱାଦର ରସର ଚିନ୍ତା କରିବାକୁ ଶିଖାଇବ । ସ୍କ୍ରିପ୍ଟ, ସ୍କ୍ରିନ୍ ପ୍ଲେ ଏବଂ ଡିରେକସନ ପଲ୍ଲ ରୟ ।ଏହି ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶକ ଅନେକ ନୂଆ ସ୍ୱାଦ ପାଇବେ ବୋଲି ନିର୍ଦ୍ଦେଶକ କହିଛନ୍ତି । ଏହି ଚଳଚ୍ଚିତ୍ର ନାରୀ କୈନ୍ଦ୍ରିକ ହୋଇଥିବାରୁ ସମାଜରେ ସୁପ୍ରଭାବ ପକାଇବ ବୋଲି ଟିମ୍ ଆଶା ରଖିଛି ।



## ଦୈନନ୍ଦିନ ଖାଦ୍ୟରେ ଏହି ସବୁ ବ୍ୟବହାର କରନ୍ତୁ ନାହିଁ



ଆମେ ଦୈନନ୍ଦିନ ରୋଷେଇରେ ବ୍ୟବହାର କରୁଥିବା ଏମିତି ଅନେକ ଖାଦ୍ୟ ପ୍ରସ୍ତୁତି ଉପକରଣ ରହିଛି ଯାହା ଶରୀର ପାଇଁ ଆଦୌ ସୁସ୍ଥକର ନୁହେଁ। ପ୍ରାରମ୍ଭରୁ ସେସବୁ ବ୍ୟବହାର ହେଉଥିବାର ଦେଖିଥିବା ହେତୁ ହେଉ କିମ୍ବା ନିଜେ ବ୍ୟବହାର କରିଥିବା ହେତୁ ହେଉ ସେଗୁଡ଼ିକର ଖରାପ ଗୁଣ ବିଷୟରେ ଚିନ୍ତା କରନ୍ତି ନାହିଁ। ମାତ୍ର ଏପରି ଅନେକ ଜିନିଷ ରହିଛି ଯାହାକୁ ଖାଦ୍ୟରେ ବ୍ୟବହାର କରିବା ଅନୁଚିତ। ବଜାରରେ ମିଳୁଥିବା ଶସ୍ତା ଖୋଲା ତୈଳ ଆଦୌ ବି ଦେହ ପାଇଁ ଭଲ ହୋଇନଥାଏ। ତେଲ ପଛେ ଖୁବ କମ୍ ବ୍ୟବହର କରନ୍ତୁ ମାତ୍ର ଶସ୍ତା ତେଲ ରୋଷେଇରେ ବ୍ୟବହାର କରି ରୋଗକୁ ନିମନ୍ତ୍ରଣ କରନ୍ତୁ ନାହିଁ। ପୂରା ବାହାର ଖାଇବାର ସ୍ୱାଦ ପାଇବା ପାଇଁ ଆମେ ଖାଦ୍ୟରେ ଯେଉଁ ସବୁ କ୍ରିମ୍ ବ୍ୟବହାର କରିଥାନ୍ତି ତାହା ଦେହ ପାଇଁ ନିହାତି ଅସୁସ୍ଥକର। ପାରୁଛନ୍ତି ଯଦି ସେହି କ୍ରିମ୍ ବ୍ୟବହାର କରିବା ଛାଡ଼ି ଦିଅନ୍ତୁ। ଖାଦ୍ୟର ରଂଗ ଭଲ କରିବା ପାଇଁ ଆଜିକାଲି ବଜାରରେ ନାନା ପ୍ରକାରର ଫୁଡ୍ କଲରିଂ ଉପଲବ୍ଧ ହେଉଛି। ମାତ୍ର ମନେ ରଖନ୍ତୁ ତାହା ଦେହ ପାଇଁ ଆଦୌ ସୁସ୍ଥକର ନୁହେଁ। ଆଖିକୁ ଭଲ ଦିଶିଥାଏ ବୋଲି ଆମେ ଅଧିକାଂଶ ସମୟରେ ଧଳା ଚାଉଳ ଖାଇବାକୁ ପସନ୍ଦ କରିଥାନ୍ତି। ମାତ୍ର ମନେ ରଖନ୍ତୁ ଧୂଷର ରଙ୍ଗର ଚାଉଳ ଦେହ ପାଇଁ ଭଲ ହୋଇଥାଏ। ଖାଦ୍ୟର ସ୍ୱାଦ ବଢ଼ାଇବା ପାଇଁ ଆମେ ଅଧିକାଂଶ ଖାଦ୍ୟରେ ଚିନି ବ୍ୟବହାର କରିଥାନ୍ତି। ମାତ୍ର ଯେତେ ପାରୁଛନ୍ତି ଏହାକୁ କମ୍ ବ୍ୟବହାର କରନ୍ତୁ। ଏହା ଦେହ ଖରାପ କରାଇବାରେ ମୁଖ୍ୟ ଭୁମିକା ଗ୍ରହଣ କରିଥାଏ।

## କୋଲେଷ୍ଟର କମ୍ କରେ ନାସପାତି



ଆପଣମାନେ ହୁଏତ ପ୍ରତିଦିନ ସେଓ ଖାଉଥିବେ। କିନ୍ତୁ ପ୍ରତିଦିନ ନାସପାତି ଖାଉଥିବା ଲୋକ ଖୁବ୍ କମ୍। ସେଓ ଭଳି ଆଉ ଏକ ଫଳ ହେଉଛି ନାସପାତି । ଏଥିରେ ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ରହିଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି, ନାସପାତି ଖାଇବା ଅନ୍ୟ ଫଳ ତୁଳନାରେ ଅଧିକ ଫାଇଦା ରହିଥାଏ । ଆସନ୍ତୁ ଜାଣିବା କ'ଣ ରହିଛି ନାସପାତିର ଫାଇଦା...

ନାସପାତିର ଭରପୂର ମାତ୍ରାରେ ଫାଇବର ରହିଥାଏ । ଫାଇବର ଯୋଗୁଁ ପାଚନ ତନ୍ତ୍ର ମଜବୁତ ହୋଇଥାଏ । ନାସପାତିରେ ଥିବା ପୋକଟିନ ନାମକ ତତ୍ତ୍ୱ କୋଷ୍ଠକାଠିନ୍ୟ ସମସ୍ୟା ପାଇଁଞ୍ଚ ରାମବାଣ ହୋଇଥାଏ ।

ନାସପାତି ଚୋପାର ମଧ୍ୟ ଅନେକ ଫାଇଦା ରହିଥାଏ । ଏହାର ଚୋପାରେ ୩-୪ ଗୁଣା ଅଧିକ ଫାଇଟୋନ୍ୟୁଟ୍ରିଏଣ୍ଟନ୍ସ ରହିଥାଏ । ଯାହା ଶରୀରର ଇମ୍ୟୁନିଟ୍ ବଢାଇଥାଏ । ଏହାକୁ ଖାଇବା ଦ୍ୱାରା କ୍ୟାନସର ଏବଂ ହୃଦ ସମ୍ବନ୍ଧୀୟ ରୋଗ ଆଶଙ୍କା କମ୍ ହୋଇଥାଏ ।

ନାସ ପାତିରେ ପ୍ରଚୁର ମାତ୍ରାରେ ଆଇରନ ରହିଥାଏ । ଯାହା ହିମୋଗ୍ଲୋବିନର ସ୍ତର ବଢାଇଥାଏ । ଏନିମିୟା ଗସ୍ତ ରୋଗୀଙ୍କୁ ସୁରକ୍ଷା ଦେଇଥାଏ ନାସପାତି ।

ନାସପାତିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନର ଉଚିତ ମାତ୍ରା ରହିଛି, ଯାହା ରୋଗ ପ୍ରତିରକ୍ଷା ପ୍ରଣାଳୀକୁ ସୁଧାରିଥାଏ ଏବଂ ବିଭିନ୍ନ ରୋଗ ସହିତ ଲଢିବା ପାଇଁ ଶକ୍ତି ଯୋଗାଇଥାଏ ।

ନାସପାତିରେ ପୋକଟିନ୍ ରହିଛି, ଯାହା କୋଲେଷ୍ଟ୍ରଲକୁ କମ୍ କରିବାରେ ସହାୟକ ହୋଇଥାଏ ।

ଯଦି ଆପଣଙ୍କୁ ଭୋକ ବାରମ୍ବାର ଲାଗୁଛି, ତେବେ ନାସପାତି ଖାଆନ୍ତୁ। ଏଥିରେ ଥିବା ଫାଇବର ଆପଣଙ୍କ ପେଟକୁ ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ । ଫାଇବର ଛଡା ଏଥିରେ ଭିଟାମିନ ସି, ଆଇରନ ଏବଂ ମ୍ୟାଗ୍ନେସିୟମ ଭରପୂର ମାତ୍ରାରେ ରହିଥାଏ ।

## ତ୍ୱଚା ପାଇଁ କଞ୍ଚାକ୍ଷୀରର ଉପାଦେୟତା





କଞ୍ଚାକ୍ଷୀର ଶରୀର ପାଇଁ ଭଲ ବୋଲି ଆମେ ପିଲାବେଳୁ ଶୁଣି ଆସିଛେ। ଏଥିରେ ଭିଟାମନ୍ ଏ, କ୍ୟାଲସିୟମ୍, ଆଇରନ୍, ପ୍ରୋଟିନ୍, ଫ୍ୟାଟ୍, କୋଲେଷ୍ଟଲ୍ ପରି ପୋଷକତତ୍ତ୍ୱ ରହିଛି।

କେବଳ ଶରୀର ନୁହେଁ, ତ୍ୱଚାକୁ ସୁସ୍ଥ ରଖିବା ପାଇଁ କଞ୍ଚାକ୍ଷୀର ସାହାଯ୍ୟ କରିଥାଏ। ଏହାକୁ ମୁହଁରେ ଲଗାଇଲେ ତ୍ୱଚା ଉଜ୍ଜ୍ୱଳ ହେବା ସହିତ କୋମଳ ହୋଇଥାଏ। ତା'ହେଲେ ଆସନ୍ତୁ ଜାଣିବା ତ୍ୱଚାର ସୌନ୍ଦର୍ଯ୍ୟ ପାଇଁ କଞ୍ଚାକ୍ଷୀରକୁ କିପରି ବ୍ୟବହାର କରାଯାଇପାରିବ।

୧. ଅମୃତଭଣ୍ଡା ଓ କଞ୍ଚାକ୍ଷୀରର ମିଶ୍ରଣକୁ ତ୍ୱଚାରେ ଲଗାଇଲେ ତ୍ୱଚାରେ ନାଚୁରାଲ୍ ଗ୍ଲୋ ଆସିଥାଏ। ଅମୃତଭଣ୍ଡାରେ ଏକ ଏନଜାଇମ୍ ରହିଛି, ଯାହା ଡେଡ୍ ସେଲ୍କୁ ତ୍ୱଚାରୁ ବାହାର କରି ବ୍ରଣ ଓ ଦାଗ ସମସ୍ୟା ଦୂର କରିଥାଏ।

୨. ବୟସ ବଢିଲେ ତ୍ୱଚାରେ କୁଞ୍ଚନ ଆସିଥାଏ। ଏଥିପାଇଁ ଅମୃତଭଣ୍ଡାରେ କଞ୍ଚାକ୍ଷୀର ମିଶାଇ ମୁହଁରେ ଲଗାନ୍ତୁ। କିଛି ସମୟ ରଖିବା ପରେ ମୁହଁକୁ ପାଣିରେ ଧୋଇ ଦିଅନ୍ତୁ। ଦେଖିବେ ମୁହଁରେ ଉଜ୍ଜ୍ୱଳତା ଆସିବ।

୩. ଧୂଳି ଓ ଧୂଆଁ ଯୋଗୁ ତ୍ୱଚା ମଳିନ ଦିଶିଥାଏ। ଏଥିପାଇଁ କଞ୍ଚାକ୍ଷୀରରେ ମହୁ ମିଶାଇ ମୁହଁରେ ଲଗାନ୍ତୁ। ମହୁ ତ୍ୱଚାରେ ଥିବା ଟାନ୍କୁ ସଫା କରିଥାଏ।

୪. ମସୁର ଡ଼ାଲି, ବେସନ ଓ କଞ୍ଚାକ୍ଷୀରକୁ ରାତିରେ ବତୁରାଇ ରଖିଦିଅନ୍ତୁ। ସକାଳେ ଏହାର ପେଷ୍ଟ ପ୍ରସ୍ତୁତ କରି ନିୟମିତ ଭାବରେ ମୁହଁରେ ଲଗାନ୍ତୁ। ଏପରି କଲେ ତ୍ୱଚାରେ ଥିବା ଅତିରିକ୍ତ କେଶ ସଫା ହେବା ସହିତ ତ୍ୱଚା ଉଜ୍ଜ୍ୱଳ ହୋଇଥାଏ।



## କଣ କୁହେ ପାପୁଲିର ଏମ ଅକ୍ଷର ...

ମଣିଷ କାହିଁ କେଉଁ ଯୁଗରୁ ଭାଗ୍ୟ ଓ ଜ୍ୟୋତିଷଶାସ୍ତ୍ର ଉପରେ ବିଶ୍ୱାସ କରି ଆସୁଛି। ଆଜି ମଧ୍ୟ ବିଶ୍ୱାସ କରୁଛି। ଏହି ଜ୍ୟୋତିଷ ଶାସ୍ତ୍ରରେ ଆମ ଭାଗ୍ୟ ଓ ଭବିଷ୍ୟତର ସୂଚନା ମିଳିଥାଏ। ତେବେ ହସ୍ତ ରେଖାରୁ ମଧ୍ୟ ଏହାର ସୂଚନା ମିଳେ। ଆଜି ଆସନ୍ତୁ ହସ୍ତ ରେଖାରୁ କିଛି ଜାଣିବା।



ଆମ ହାତରେ ଚାରୋଟି ମୁଖ୍ୟ ରେଖା ଥାଏ । ଜୀବନ ରେଖା, ମସ୍ତିଷ୍କ ରେଖା, ହୃଦୟ ରେଖା ଏବଂ ଭାଗ୍ୟ ରେଖା । ଏହି ୪ଟି ରେଖା ମଣିଷ ଜୀବନରେ ସର୍ବାଧିକ ପ୍ରଭାବ ପକାଇଥାଏ ।ଯଦି ଏହି ଚାରି ରେଖା ସ୍ପଷ୍ଟ ଥାଏ ତେବେ ସେହି ବ୍ୟକ୍ତି ରାଜା ଭଳି ଜୀବନଯାପନ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ। ଅନ୍ୟପକ୍ଷରେ ଏହି ଚାରୋଟି ରେଖା ଏକତ୍ର ହୋଇ ଉପରୋକ୍ତ ଚିତ୍ର ଅନୁଯାୟୀ ଇଂରାଜୀ ଭାଷାର ଏମ ଅକ୍ଷର ଭଳି ଆକାର ହୋଇଥାନ୍ତି, ତାହେଲେ ସେହି ବ୍ୟକ୍ତି ନିଃସନ୍ଦେହରେ କୋଟିପତି ହୋଇଥାନ୍ତି। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଏପରି ବ୍ୟକ୍ତି ଭଗବାନଙ୍କର ଅତି ପ୍ରିୟ ଅଟନ୍ତ। ଏହି ବ୍ୟକ୍ତିମାନଙ୍କୁ ଆଦର୍ଶ ବ୍ୟକ୍ତି ଭାବରେ ବିବେଚନା କରାଯାଏ। ଏହିପରି ଲୋକମାନେ ଅତି ନିର୍ଭୀକ, ଇଶ୍ୱରବିଶ୍ୱାସୀ , ବୁଦ୍ଧିମାନ, ସଚ୍ଚୋଟ ଏବଂ ସଫଳ ଅଟନ୍ତି । ଏମାନଙ୍କ ହୃଦୟ ବେଶ ପରିଷ୍କାର ବା ନିଷ୍କପଟ। ଏପରି ହସ୍ତରେଖାର ବ୍ୟକ୍ତିମାନେ ଯେଉଁ କାମ କରିବା ପାଇଁ ନିଷ୍ପତ୍ତି ନିଅନ୍ତି ତାକୁ ସର୍ବଦା ସଂପୂର୍ଣ୍ଣ କରିଥାନ୍ତି। ଯଦିଓ ସମଗ୍ର ବିଶ୍ୱ ସେମାନଙ୍କ ବିରୁଦ୍ଧରେ ଥାଏ ତଥାପି ବି ସେମାନେ ପଛଘୁଞ୍ଚା ନ ଦେଇ କାର୍ଯ୍ୟ ପୁରା କରିଥାନ୍ତି । ଏମାନେ ଜଣେ ସଚ୍ଚୋଟ ଜୀବନସାଥୀ ପାଇଥାନ୍ତି ଏବଂ ବ୍ୟବସାୟରେ ତାଙ୍କ ଜୀବନସାଥୀ ତାଙ୍କୁ ପୁରା ସହଯୋଗ କରିଥାନ୍ତି। ଏମାନେ ଯାହା ସହ ବନ୍ଧୁତା ସ୍ଥାପନ କରନ୍ତି ସେମାନଙ୍କ ଭାଗ୍ୟ ଖୋଲିଯାଏ। ଯଦି ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ହାତରେ ଏମ ଅକ୍ଷର ପାଆନ୍ତି ତେବେ ଏହାର ଅର୍ଥ ହେଉଛି ସେମାନେ ଦୁନିଆର ସବୁଠାରୁ ଭାଗ୍ୟଶାଳୀ ଦମ୍ପତି । ସେମାନଙ୍କର ଯୋଡି ଏକ ଆଦର୍ଶ ଯୋଡି ।

# ଡ଼ାକ୍ତରଙ୍କ ସୁରକ୍ଷା ପାଇଁ ଟାସ୍କଫୋର୍ସ ଗଠିତ

ଭୁବନେଶ୍ୱର,୨।୯ (ମହାଭାରତ): ବିଧାନସଭାରେ ଆଜି ସ୍ୱାସ୍ଥ୍ୟ ବିଭାଗ ଖର୍ଚ୍ଚ ଦାବି ଆଲୋଚନା ସମୟରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ ରାଜ୍ୟରେ ଚାଲିଥିବା ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଦେଇଛନ୍ତି ସେ କହିଛନ୍ତି ଯେ କୋଲକାତାର ଆରଜି କର ମେଡ଼ିକାଲ କଲେଜ ଘଟଣାକୁ ଗୃହ ନିନ୍ଦା କରୁଛି। ସୁପ୍ରିମକୋର୍ଟ ନିର୍ଦ୍ଦେଶ ପରେ ଆମେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଗୋଟେ ଟାକ୍ସଫୋର୍ସ ଗଠନ କରାଯାଇଛି।

ଯେଉଁ ଟାକ୍ସଫୋର୍ସ କାମ କରୁଥିବା ଡାକ୍ତରମାନଙ୍କର ସୁରକ୍ଷାକୁ ଦୃଷ୍ଟି ଦେବେ। ସମସ୍ତ କାର୍ଯ୍ୟ କରୁଥିବା ଡାକ୍ତରଙ୍କ ସୁରକ୍ଷା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଯାହାକୁ ଦୃଷ୍ଟିରେ ରଖି ସବୁ ମେଡ଼ିକାଲ କଲେଜରେ ଗୋଟେ ଗୋଟେ ପୁଲିସ ଆଉଟ ପୋଷ୍ଟ ଖୋଲିବୁ। ସେହିପରି ମୁକେଶ କହିଛନ୍ତି ଯେ ସମ୍ବଲପୁରଠାରେ ଆମେ ଦ୍ୱିତୀୟ ଏମ୍ସ ଖୋଲିବାକୁ ଯାଉଛୁ। ଖୁବଶୀଘ୍ର ଏ ନେଇ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରାଯିବ।

ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନେଇ ତତ୍କାଳୀନ ନବୀନଙ୍କ ସରକାରକୁ ଘେରିଛନ୍ତି ମୁକେଶ ସେ କହିଛନ୍ତି ବିଜେଡି ସରକାର ସମୟରେ ଜୁଲାଇ ୨୦୨୩ରେ ୧ ଲକ୍ଷ ୧୬ ହଜାର ୪୮ ଜଣ ଚିକିତ୍ସିତ ହୋଇଥିବାବେଳେ ଆମ ସରକାର ସମୟରେ ୧ ଲକ୍ଷ ୬୫ ହଜାର ୧୧୪ ଜଣ ଚିକିତ୍ସିତ ହୋଇଛନ୍ତି। କେବେ ବି ଆମ ସରକାରଙ୍କ ସମୟରେ ରୋଗୀ ହନ୍ତସନ୍ତ ହୋଇ ନାହାନ୍ତି ଯ ବରଂ ଲୋକଙ୍କର ବିଶ୍ୱାସ ବଢିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଓଡିଶାରେ କି ଓଡ଼ିଶା ବାହାରେ ୯୦୦ ହସ୍ପିଟାଲରେ ଲୋକେ ଚିକିତ୍ସା ପାଉଥିଲେ କିନ୍ତୁ ଆମର ଦୁଇ ଯୋଜନା ଦ୍ୱାରା ୨୭୦୦୦ ହସ୍ପିଟାଲରେ ଚିକିତ୍ସା ପାଇପାରିବେ। ସେ କହିଛନ୍ତି ଯେ ଆୟୁଷ୍ମାନ ଯୋଜନା ଓଡିଶାରେ ଲାଗୁ ହେବା ଦ୍ୱାରା ଓଡିଶା ୬୦୦ କୋଟିର ଆର୍ôଥିକ ଲାଭ ପାଇବ। ଯାହା ପୂର୍ବ ସରକାରର ଟାଳଟୁଳ ନୀତି କାରଣରୁ ଏହି ଟଙ୍କା ପାଇବାରୁ ଓଡିଶା ବଞ୍ôଚିତ ହେଉଥିଲା।

ଆମ ସରକାର ସମୟରେ ଯାଜପୁରରେ ମେଡ଼ିକାଲ କଲେଜ ଆରମ୍ଭ ହେବାକୁ ଯାଉଛି ୧୯୬୨ ପରଠୁ ୫୫ ବର୍ଷ ପରେ ୨୦୧୭ରେ ରାଜ୍ୟରେ ନୂଆ ମେଡ଼ିକାଲ କଲେଜ ନିର୍ମାଣ ହୋଇଛି। ଆଉ ୨୦୧୭ ପରଠୁ ଯେତେ ମେଡିକାଲ କଲେଜ ହୋଇଛି ତାହା କେନ୍ଦ୍ର ସରକାରଙ୍କ ଅବଦାନରୁ ହୋଇଛି। ସେଥିରେ ତତ୍କାଳୀନ ରାଜ୍ୟ ସରକାରଙ୍କର କୌଣସି ବାହାବାହା ନେବାର ଅଧିକାର ନାହିଁ। ସେ କହିଛନ୍ତି ଯେ ନ୍ୟାସନାଲ ଡିଜିଟାଲ ହେଲ୍ଥ ମିଶନ ଆମେ ଆରମ୍ଭ କରାଯିବ।

ଡିଜିଟାଲ ଜରିଆରେ ଲୋକେ ସ୍ୱାସ୍ଥ୍ୟ ସେବା ପାଇପାରିବେ। ୫୫ଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣା ଡାଇଲିସିସି କାର୍ଯ୍ୟକ୍ରମ କରାଯିବ ଯ ଆମ୍ବୁଲାନ୍ସର ସମୟ ୩୦ ମିନିଟ ବଦଳରେ ୨୦ ମିନିଟ କରାଯିବ। ଲୋକଙ୍କ ପାଖରେ କମ ଟାଇମରେ ଆମ୍ବୁଲାନ୍ସ ପହଁଚିବ ଯ ବୀର ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଆମ ସରକାର ଆରମ୍ଭ କରିଛନ୍ତି।୪୯୫୨୨ ଜଣ ଆଶା କର୍ମୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ଆମ ସରକାର ଯତ୍ନବାନ ବାଲେଶ୍ୱର, ମୟୁରଭଞ୍ଜ, କୋରାପୁଟ, ପୁରୀ, ଯାଜପୁର ଭଳି ସ୍ଥାନରେ ନୂଆ ମେଡ଼ିକାଲ କଲେଜ ସହିତ ନୂଆ ନର୍ସିଂ କଲେଜକୁ ଯୋଡ଼ାଯିବ। ସମସ୍ତ ଗ୍ରାମପଂଚାୟତ ହେଡ଼ କ୍ୱାର୍ଟରରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ କରାଯିବ। ଦୁଇ ବର୍ଷ ମଧ୍ୟରେ ଏହି କାର୍ଯ୍ୟକ୍ରମ ଶେଷ ହେବ। ଏହି ସ୍ଥାନରେ ଜଣେ ଯୋଗ ଶିକ୍ଷକ ଏବଂ ମେଡ଼ିକାଲ ଷ୍ଟାଫ ରହିବେ। ଓଡିଶା ହେଲ୍ଥ ବିଶ୍ୱବିଦ୍ୟାଳୟକୁ ଆମେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବୁ ମେଡ଼ିକାଲ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମ ଓଡ଼ିଆରେ ଆମେ କରିବୁ ୧୫୭୭୪ ମଞ୍ଜୁରୀ ପ୍ରାପ୍ତ ଡାକ୍ତର ପଦବୀ ରହିଛି ସେଥି ମଧ୍ୟରୁ ୧୦୦୦୦ ହଜାର ଡାକ୍ତର ବର୍ତ୍ତମାନ ରହିଛନ୍ତି। ୫୬୦୦ ପଦବୀ ସେଥିରୁ ଖାଲି ଅଛି। ଡାକ୍ତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖୁବଶୀଘ୍ର ୩୦୦ ଡାକ୍ତର ଓ ପାରା ମେଡ଼ିକାଲ ଷ୍ଟାଫ ନିଯୁକ୍ତି ଦେବାକୁ ଯାଉଛୁ। କଳାହାଣ୍ଡି, ଦେବଗଡ଼, ଓ ଯାଜପୁରର ହସ୍ପିଟାଲର ଶୁଭାରମ୍ଭ କରିବା ସହ ଅନୁଗୁଳ, ବଲାଙ୍ଗୀର ସୋନପୁର, କନ୍ଧମାଳ ସମେତ ୫ରୁ ଅଧିକ ସଦର ମହକୁମାରେ ଆମେ ସ୍ତନ୍ୟପାନ ପରିଚାଳନା କେନ୍ଦ୍ର ଖୋଲିବାକୁ ଯାଉଛୁ। ସେହିପରି ୨୦୨୫ ସୁଦ୍ଧା ଯକ୍ଷ୍ମା ରୋଗକୁ ନିୟନ୍ତ୍ରଣ କରିବାକୁ ନିଷ୍ପତ୍ତି ନେଇଛୁ।

# ବାର୍ଡ ଫ୍ଲୁ ସଂକ୍ରମଣ ସଂପର୍କରେ ସମୀକ୍ଷା



ଭୁବନେଶ୍ୱର,୨।୯ (ମହାଭାରତ): ରାଜ୍ୟରେ ବାର୍ଡ ଫ୍ଲୁ ରୋଗ ଜନିତ ବର୍ତ୍ତମାନର ସ୍ଥିତି ଏବଂ ଏ ପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଆଜି ଅପରାହ୍ନରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ଓଡ଼ିଶା, ମନୋଜ ଅହୁଜା, ଭାରତ ସରକାରଙ୍କ ପଶୁପାଳନ ଏବଂ ଦୁଗ୍ଧ ବିଭାଗର ସଚିବ ସୁଶ୍ରୀ ଅଳକା ଉପାଧ୍ୟାୟ, ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଭୁବନେଶ୍ୱର ମହାନଗର ନିଗମର ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତପୁରୀ, କେନ୍ଦ୍ରାପଡା ଏବଂ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାପାଳ ଯୋଗ ଦେଇଥିଲେ।

ବର୍ତ୍ତମାନ ପର୍ଯ୍ୟନ୍ତ ଆମ ରାଜ୍ୟର କେବଳ ପୁରୀ ଜିଲ୍ଲାର ପିପିଲି, ସତ୍ୟବାଦୀ, ନିମାପଡା ଏବଂ ଡେଲାଙ୍ଗ ବ୍ଲକର ଚାରିଟି ଗ୍ରାମରେ ବାର୍ଡ ଫ୍ଲୁ ରୋଗଚିହ୍ନଟ କରାଯାଇଛି। ଭାରତ ସରକାରଙ୍କ ନିର୍ଦ୍ଦେଶିତ କାର୍ଯ୍ୟ ଯୋଜନା ଅନୁଯାୟୀ ଏହି ରୋଗର ନିୟନ୍ତ୍ରଣ ଏବଂ ନିରାକରଣ କାର୍ଯ୍ୟକ୍ରମ ଚାଲୁଅଛି ପିପିଲି ଏବଂ ସତ୍ୟବାଦୀ ବ୍ଲକରେ ସଂକ୍ରମିତ କୁକୁଡ଼ା ଗୁଡିକୁ ମରାଯାଇସାରିଥିବା ସ୍ଥଳେ ଡେଲାଙ୍ଗ ଏବଂ ନିମାପଡା ବ୍ଲକରେ ଏହି ପ୍ରକ୍ରିୟା ଜାରି ରହିଛି। ରୋଗସଂକ୍ରମଣ ରୋକିବା ପାଇଁ ୫୧ଟି ରାପିଡ୍ରେସପନ୍ସ ଟିମ୍ (ଆରଆରଟି) ପକ୍ଷୀ ମାନଙ୍କୁ ମାରିବା ଏବଂ କୁକୁଡ଼ା ଫାର୍ମ ଗୁଡ଼ିକର ବିଶୋଧନ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୩୫,୩୨୯ ଟି କୁକୁଡ଼ା ମରାଯାଇଛି, ୮୪ ଗୋଟି ଅଣ୍ଡା ଏବଂ ୧୫,୩୮୦ କିଲୋଗ୍ରାମ କୁକୁଡ଼ା ଦାନା ନଷ୍ଟ କରାଯାଇଅଛି। ଏ ପର୍ଯ୍ୟନ୍ତ ୧୦,୯୪,୫୭୨ ଟଙ୍କା କ୍ଷତିପୂରଣ ଅର୍ଥଭାବରେ କୃଷକ ମାନଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ ଥିବା ପ୍ରମୁଖ ଜଳ ଉତ୍ସ ଏବଂ ପୂର୍ବରୁ ବାର୍ଡ ଫ୍ଲୁ ହୋଇଥିବା ଜିଲ୍ଲା ମାନଙ୍କରେ ନମୁନା ସଂଗ୍ରହ ପ୍ରକ୍ରିୟା ତଥା ରୋଗର ଅନୁସନ୍ଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ଜନସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ରୋଗ ଚିହ୍ନଟ ପାଇଁ ଅଧିକ ନମୂନା ପଠାଇବା ସହିତ କୁକୁଡ଼ା ତଥା କୁକୁଡ଼ା ଚାଷ ସହ ଜଡିତ ଦାନା ଏବଂ ଅନ୍ୟାନ୍ୟ ସାମଗ୍ରୀ, ସଂକ୍ରମିତ ଅଞ୍ଚଳକୁ ନେବା ଆଣିବାକୁ ନିୟନ୍ତ୍ରଣ କରାଯିବ। ଜନସାଧାରଣ ଏଥିପାଇଁ ଭୟଭୀତ ନହେବାକୁରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମକୁ ଏ ଦିଗରେ ସଚେତନତା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଭାରତ ସରକାରଙ୍କର ପଶୁପାଳନ ଏବଂ ଦୁଗ୍ଧବିଭାଗର ସଚିବ ଏହି ରୋଗର ନିୟନ୍ତ୍ରଣ ତଥା ନିରାକରଣ ପାଇଁ ରାଜ୍ୟକୁ ସମସ୍ତ ପ୍ରକାରର ସହାୟତା ପାଇଁ ନିଶ୍ଚିତ କରିଛନ୍ତି।

# କିମ୍ସରେ ଡେଙ୍ଗୁ ଟିକାର କ୍ଲିନିକାଲ୍ ପରୀକ୍ଷା ଆରମ୍ଭ

ଭୁବନେଶ୍ୱର,୨।୯ (ମହାଭାରତ): ଭାରତର ପ୍ରଥମ ସ୍ୱଦେଶୀ ଡେଙ୍ଗୁ ଟିକା 'ଡେଙ୍ଗିଆଲ୍' ପାଇଁ କ୍ଲିନିକାଲ୍ ପରୀକ୍ଷଣର ତୃତୀୟ ପର୍ଯ୍ୟାୟ ଆଜି କିମ୍ସରେ ଆରମ୍ଭ ହୋଇଛି। ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏମ୍ଆର୍) ସହଯୋଗରେ ପାନାସିଆ ବାୟୋଟେକ୍ ଦ୍ୱାରା ବିକଶିତ ସ୍ୱଦେଶୀ ଟେଟ୍ରାଭେଲାଣ୍ଟ ଡେଙ୍ଗୁ ଟିକାର କାର୍ଯ୍ୟକାରିତାକୁ ମୂଲ୍ୟାଙ୍କନ କରିବାକୁ ଏହି ପରୀକ୍ଷଣ ଆରମ୍ଭ କରାଯାଇଛି। ଭାରତର ୧୮ଟି ରାଜ୍ୟର ୧୮ଟି ସ୍ଥାନ ଏଥିରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଓଡ଼ିଶାର ଏକମାତ୍ର ହସ୍ପିଟାଲ୍ ଭାବେ କିମ୍ସ ତୃତୀୟ ପର୍ଯ୍ୟାୟ ପରୀକ୍ଷା ପରିଚାଳନା ପାଇଁ ମନୋନୀତ ହୋଇଛି। ସଂପ୍ରତି ଭାରତରେ ଡେଙ୍ଗୁ ପ୍ରତିରୋଧୀ କୌଣସି ଆଣ୍ଟିଭାଇରାଲ୍ ଚିକିତ୍ସା କିମ୍ବା ଅଧିକୃତ ଟିକା ନାହିଁ। ଡେଙ୍ଗୁ ଜୀବାଣୁଙ୍କ ୪ଟି ସେରୋଟାଇପ୍ ମଧ୍ୟରେ ଭଲ ପ୍ରଭାବର ଆବଶ୍ୟକତା ପାଇଁ ପ୍ରଭାବଶାଳୀ ଟିକା ବିକାଶିତ କରିବା ଜଟିଳ। ଟେଟ୍ରାଭେଲେଣ୍ଟ ଡେଙ୍ଗୁ ଟିକା ଷ୍ଟ୍ରେନ୍ (ଟିଭି ୦୦୩/ଟିଭି୦୦୫) ମୂଳତଃ ଆମେରିକାର ନ୍ୟାସ୍ନାଲ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥ ଦ୍ୱାରା ବିକାଶିତ ହୋଇଛି। ଷ୍ଟେନ୍ ଗ୍ରହଣ କରିବାକୁ ତିନୋଟି ଭାରତୀୟ କମ୍ପାନୀ ମଧ୍ୟରୁ ପାନାସିଆ ବାୟୋଟେକ୍ ବିକାଶର ଶ୍ରେଷ୍ଠ ପର୍ଯ୍ୟାୟରେ ରହିଛି।

ପ୍ରଥମ ପର୍ଯ୍ୟାୟ ଏବଂ ଦ୍ୱିତୀୟ କ୍ଲିନିକାଲ୍ ପରୀକ୍ଷା ୨୦୧୮-୧୯ରେ ଶେଷ ହୋଇ ଆଶାନୁରୂପ ଫଳ ଦେଇଥିଲା। ଆଜି କିମ୍ସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିମ୍ସର ଅଧକ୍ଷ ଡା. ଏ. ପି. ମହାନ୍ତି, କମ୍ୟୁନିଟି ମେଡିସିନ୍ ବିଭାଗ ମୁଖ୍ୟ ଡା. ସୋନାଲି କର, ମେଡ଼ିସିନ୍ ବିଭାଗ ମୁଖ୍ୟ ଡା. ଲଲାଟେନ୍ଦୁ ମହାନ୍ତିଙ୍କ ସମେତ ବହୁ ବିଶେଷଜ୍ଞ ଉପସ୍ଥିତ ଥିଲେ। ତେବେ ଏହି ପରୀକ୍ଷଣ ସଫଳତା ଆଣିବ ବୋଲି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଶା ବ୍ୟକ୍ତ କରିଛନ୍ତି। ଡା. ସୋନାଲି କର ଓ ଡା. ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଇନ୍ଭେଷ୍ଟିଗେଟର୍ ରହିଥିବା ବେଳେ ଡା. ପି. ସି ସାମନ୍ତରାୟଙ୍କ ନେତୃତ୍ୱରେ ମାଇକ୍ରୋବାୟୋଲୋଜି ବିଭାଗ ମୁଖ୍ୟ ଡା. ଦିପ୍ତି ପଟ୍ଟନାୟକ, କିମ୍ସ ସେଣ୍ଟ୍ରାଲ୍ ଲାବରେଟୋରୀର ନିର୍ଦ୍ଦେଶକ ଡା ସୌରଭ ପାତ୍ର ଏଥିରେ ସହଯୋଗ କରିବେ।

# ସୁଭଦ୍ରା ଯୋଜନାରେ ୫ ଲକ୍ଷ ଫର୍ମ ବିତରଣ

ଭୁବନେଶ୍ୱର,୨।୯ (ମହାଭାରତ): ଖୋର୍ଦ୍ଧା ଜିଲ୍ଲାରେ ସରକାରଙ୍କ ବହୁ ପ୍ରତିକ୍ଷୀତ ଯୋଜନା ସୁଭଦ୍ରା ପାଇଁ ୫ ଲକ୍ଷ ଫର୍ମ ବତରଣ କରାଯାଇଛି ବୋଲି ଏଠାରେ ସୂଚନା ଦିଆଯାଇଛି। ୨୧୭୬ ଅଙ୍ଗନୱାଡି କେନ୍ଦ୍ର ,୨୮୦ ମୋ ସେବା କେନ୍ଦ୍ର ସମେତ ୧୮୦ ଗୋଟି ପିଓ ସେଣ୍ଟର ଗୁଡିକରେ ଏହି ଫର୍ମ ମାଗଣାରେ ଉପଲବ୍ଧ ହେବ ବୋଲି କୁହାଯାଇଛି। ଗତ ମାସ ୩୦ ତାରିଖ ଠାରୁ ଏହି ସୁଭଦ୍ରା ଯୋଜନା ଫର୍ମ ବିତରଣ କରାଗଲାଣି। ଯାହାକି ଜିଲ୍ଲାର ବିଭିନ୍ନ ପଞ୍ଚାୟତ , ସଦର ମହକୁମାରେ ଏହି ଫର୍ମ ଅଙ୍ଗନୱାଡି କର୍ମୀଙ୍କ ଜରିଆରେ ପ୍ରଦାନ କରାଯାଉଛି ବୋଲି ଏଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଜିଲ୍ଲାର ବାଣପୁର,ବାଲୁଗାଁ , ଜଟଣୀ ଏଂ ଖୋର୍ଦ୍ଧା ଅଞ୍ଚଳର ଜନସାଧାରଣଙ୍କ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ସବିଶେଷ ବିବରଣୀ ପ୍ରଦାନ କରାଯାଉଛି। ୨୧ ବର୍ଷରୁ ଅଧିକ ୬୦ ବର୍ଷରୁ କମ୍ ମହିଳା ଏଥିପାଇଁ ଆବେଦନ କରିପାରିବେ।

## ଏସବିଆଇ ପକ୍ଷରୁ ସହଜ ଯାତାୟତ ପାଇଁ ଅଭିନବ ସେବା

ଭୁବନେଶ୍ୱର,୨।୯ (ମହାଭାରତ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ସାରା ଭାରତରେ ଗମାନଗମନାରେ ବୈପ୍ଳବିକ ପରିବର୍ତନ ଆଣିବା ପାଇଁ ଅଭିନବ ସମାଧାନ ପ୍ରଦାନ କରାଯାଇଛି। ଭାରତର ପ୍ରଥମ ଏମ୍‌ଟିଏସ୍ କାର୍ଡ ଭାବେ ଏମ୍‌ଟିଏସ୍ ରୁପେ ଏନସିଏମସି ପ୍ରିପେଡ୍ କାର୍ଡକୁ ଏନ୍‌ସିଏମ୍‌ସିର ପରିବହନ ପ୍ରକଳ୍ପଗୁଡ଼ିକରେ ଯାତାୟତ ପାଇଁ ନିରବଚ୍ଛିନ୍ନ ଅଫଲାଇନ୍ ପେମେଂଟ୍ କରିବା ଲାଗି ପ୍ରସ୍ତୁତ କରାଯାଇଛି। ଏହି ପ୍ରିପେଡ୍ କାର୍ଡକୁ ଏନ୍‌ସିଏମ୍‌ସିର ମେଟ୍ରୋ ରେଳ, ବସ୍, ଫେରି, ଟୋଲ ଓ ପାର୍କିଂରେ ଏହାକୁ ବ୍ୟବହାର କରାଯାଇପାରିବ। ଅନ୍ୟ ଏକ ସମାଧାନ ଭାବେ ୱାନ୍‌ଭିଉ ମୋବାଇଲ୍ ଆପ୍ଲିକେସ୍ନ ଯାହାକୁ ଏସବିଆଇର ଏନ୍‌ସିଏମ୍‌ସି ପ୍ରିପେଡ୍ କାର୍ଡ ପରିଚାଳନା ପାଇଁ ଲାଗି ପ୍ରସ୍ତୁତ କରାଯାଇଛି। ଏହା ଜରିଆରେ ଗ୍ରାହକମାନେ ଗୋଟିଏ ପ୍ଲାଟଫର୍ମରେ ନିଜ କାର୍ଡ ଉପରେ ନଜର ରଖିବା ସହ ତାହାକୁ ପରିଚାଳନା କରିପାରିବେ। ସେହିପରି ଅନ୍ୟ ଏକ ସମାଧାନ ଭାବେ ଏସବିଆଇ ଫାଷ୍ଟଟ୍ୟାଗ୍ ପାଇଁ ଉନ୍ନତ ଡିଜାଇନ୍, ଯେଉଁଥିରେ ଗାଡ଼ି ପରିଚୟ ଓ ଟୋଲ୍ ସଂଗ୍ରହ ଦକ୍ଷତାରେ ଉନ୍ନତି ଅଣାଯାଇଛି। ଏହା ସାରା ଦେଶରେ ପରିବହନ ସମୟ କମ୍ କରିବାରେ ସହାୟକ ହେବ।

# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ଡିଜିପିଙ୍କୁ ଭେଟିଲା ବିଜେଡି

ଭୁବନେଶ୍ୱର,୨।୯ (ମହାଭାରତ): ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ସାମ୍ପ୍ରଦାୟିକ ସ୍ଥିତି ତଥା ଚିକିଟି ମଦମୃତ୍ୟୁ ସଂକ୍ରାନ୍ତରେ ପୋଲିସର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ନେତୃତ୍ୱରେ ଆଜି ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆଙ୍କୁ ଭେଟି ଆଲୋଚନା କରିଛନ୍ତି। ଖୋର୍ଦ୍ଧା ମୁକୁନ୍ଦପ୍ରସାଦରେ ଘଟିଥିବା ଏକ ବର୍ବୋରଚିତ ହତ୍ୟାକାଣ୍ଡରେ ଜଣେ ଯୁବକ ପ୍ରାଣ ହରାଇଥିବା ବେଳେ ଏହାକୁ ନେଇ ଅଞ୍ଚଳବାସୀ ଅତ୍ୟନ୍ତ ଭୟ ଓ ଆଶଙ୍କାରେ କାଳତିପାତ କରୁଛନ୍ତି। ନିକଟ ଅତୀତରେ ସାରୁଅ ଓ ଛଣଗିରି ସମେତ ପାତ୍ରପଡ଼ା ଓ ବାଲେଶ୍ୱର ଜିଲ୍ଲାରେ ସାମ୍ପ୍ରଦାୟିକ ସ୍ଥିତି ବିପନ୍ନ ହୋଇଛି। ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନରେ ବିଶ୍ୱାସ ରଖୁଥିବା ଓଡ଼ିଶାବାସୀଙ୍କ ମନରେ ଏହିସବୁ ଘଟଣା ଆଘାତ ଦେଇଛି। ବିଷାକ୍ତ ମଦ୍ୟପାନ



ଜନତି ଚିକିଟି ମଦମୃତ୍ୟୁ ଘଟଣାରେ ଉଦବେଗ ପ୍ରକାଶ କରି ବିଜେଡି ପ୍ରତିନିଧି ମଣ୍ଡଳୀ କହିଥିଲେ ଯେ, ୫ଟି ଅମୂଲ୍ୟ ଜୀବନ ହରାଇବା ପରେ ମଧ ମଦମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ପ୍ରଶାସନ ଖୋଜି ପାଇନାହିଁ। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏକ ପ୍ରତିନିଧି ମଣ୍ଡଳୀ ଏମକେସିଜି ମେଡ଼ିକାଲ କଲେଜ ଓ ଚିକିଟି ଗସ୍ତ କରି ଏ ବାବଦରେ ବିସ୍ତୃତ ବିବରଣୀ ରାଜ୍ୟ ସଭାପତିଙ୍କୁ ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଏମକେସିଜି ମେଡ଼ିକାଲ କଲେଜ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ୧୦ରୁ ଅଧିକ ବ୍ୟକ୍ତି ଚିକିତ୍ସିତ ହେଉଛନ୍ତି। ଭବିଷ୍ୟତରେ ଏହାର ପୁନରାବୃତ୍ତି ଯେଭଳି ନ ଘଟେ, ସେଥିପାଇଁ ପୋଲିସ୍ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଆବଶ୍ୟକ ବୋଲି ପ୍ରତିନିଧି ମଣ୍ଡଳୀ କହିଛନ୍ତି। ନିକଟ ଅତୀତରେ ପୁରୀ ରାଜଭବନ ଠାରେ ଜଣେ ସରକାରୀ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ କରାଗଲା ଏବଂ ବର୍ତ୍ତମାନ ସୁଦ୍ଧା ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ବାବଦରେ ରାଜ୍ୟବାସୀ ଅନ୍ଧକାରରେ ଅଛନ୍ତି। ଏହିଭଳି ଏକ ସମ୍ବେଦନଶୀଳ ଘଟଣାରେ ପୋଲିସର ନିରବତା ସମସ୍ତଙ୍କୁ ଆନ୍ଦୋଳିତ କରୁଥିବା ଉଲ୍ଲେଖ କରି ବିଜେଡି ପ୍ରତିନିଧି ମଣ୍ଡଳୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସ୍ ମହାନିର୍ଦ୍ଦେଶକଙ୍କ ନିକଟରେ ଦାବି ଜଣାଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସହ ସାଂସଦ ସୁଲତା ଦେଓ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ମନ୍ମଥ ରାଉତରାୟ, ମୁଖପାତ୍ର ଭୃଗୁ ବକ୍ସିପାତ୍ର ଓ ମିଡ଼ିଆ। ସଂଯୋଜକ ପ୍ରିୟବ୍ରତ ମାଝୀ ପ୍ରମୁଖ ପୋଲିସ୍ ମହାନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିଲେ।

# ଡିସିଏମ୍ ଶ୍ରୀରାମ ଏଜି-ୱାଟର ଚ୍ୟାଲେଞ୍ଜର ଫାଇନାଲିଷ୍ଟ

ଭୁବନେଶ୍ୱର,୨।୯ (ମହାଭାରତ): ଡିସିଏମ୍ ଶ୍ରୀରାମ ଫାଉଣ୍ଡେସନ ପକ୍ଷରୁ ଦି ନଜ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ଇନୋଭେସନ୍ ଓ ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ଉପେଦଷ୍ଟାଙ୍କ କାର୍ଯ୍ୟାଳୟ ସହଯୋଗରେ ଆୟୋଜନ କରାଯାଇଥିବା ଡିସିଏମ୍ ଶ୍ରୀରାମ ଏଜିୱାଟର ଚ୍ୟାଲେଞ୍ଜର ଚାରି ଫାଇନାଲିଷ୍ଟ ଘୋଷଣା କରାଯାଇଛି। ୨୦୨୩ ଜୁନ୍‌ରେ ଆରମ୍ଭ ହୋଇଥିବା ଏହି ଚ୍ୟାଲେଞ୍ଜ ପାଇଁ ୧୪ଟି ପ୍ରଯୁକ୍ତି ପହଂଚିଥିଲା ଯାହାକୁ ଅନୁଶୀଳନ କରିବା ପରେ ଫାଇନାଲିଷ୍ଟ ଚିହ୍ନଟ କରାଯାଇଛି।

ଜଳ ବ୍ୟବହାର ଦକ୍ଷତାରେ ଉନ୍ନତି ଆଣିବା ସହିତ ଧାନ, ଗହମ, ଆଖୁ ଓ କପା ଚାଷ କରୁଥିବା କ୍ଷୁଦ୍ରଚାଷୀଙ୍କ ଉତ୍ପାଦକତାରେ ଉନ୍ନତି ଆଣିବା ଲାଗି ଦେଶର କୃଷି ପ୍ରତିକୂଳ ସ୍ଥାନରେ ଏହି ପ୍ରଯୁକ୍ତିଗୁଡ଼ିକୁ ମୂତୟନ କରାଯାଇଥିଲା। ଇକୋସିଏଟ୍ କନସଲଟାଂଟ୍ ସହଯୋଗରେ ଦି ନଜ୍ ପ୍ରାଇଜ୍ ଟିମ୍ ପକ୍ଷରୁ ଏକ ମଧ୍ୟବର୍ତୀକାଳୀନ ଅନୁଶୀଳନ କରାଯିବା ପରେ ଚାରିଟି ଫାଇନାଲିଷ୍ଟ ଚିହ୍ନଟ କରାଯାଇଛି। ଚାରି ଫାଇନାଲିଷ୍ଟଙ୍କୁ ୨୪ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ପ୍ରଦାନ କରାଯିବ। ଫାଇନାଲିଷ୍ଟ ଭାବେ ଚୟନ ହୋଇଥିବା ସଂସ୍ଥା ଇଏଫ୍ ପଲିମର ମୃତିକାର ଆର୍ଦ୍ରତା ବଜାୟ ରଖିବା ସହ ସେଥିରେ ଉନ୍ନତି ଆଣିବା କ୍ଷେତ୍ରରେ କାର୍ଯ୍ୟ କରୁଛି।

# ୧୪ରେ ଖୋର୍ଦ୍ଧା ଜିଲ୍ଲାରେ ହେବ ରାଷ୍ଟ୍ରୀୟ ଲୋକଅଦାଲତ

ଭୁବନେଶ୍ୱର,୨।୯ (ମହାଭାରତ): ଖୋର୍ଦ୍ଧା, ବାଣପୁର, ଚିଲିକା, ଜଟଣୀ, ବେଗୁନିଆ ଓ ଟାଙ୍ଗୀଠାରେ ଏକ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭୁବନେଶ୍ୱର ସୂଚନା ପ୍ରଦାନ କରିଛନ୍ତି। ଉକ୍ତ ଲୋକଅଦାଲତରେ ସମସ୍ତ ପ୍ରକାରର ସାଲିସ୍‌ଯୋଗ୍ୟ ଫୌଜଦାରୀ ଓ ଦେୱାନି ମାମଲା ସହ ଗାଡ଼ିମଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ବୈବାହିକ ମାମଲା, ଜମି ଅଧିଗ୍ରହଣ, ଶ୍ରମ ବିବାଦ ଓ ଚେକ୍ ବାଉନ୍ସ ଇତ୍ୟାଦି ମାମଲାଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇପାରିବ। ଜିଲ୍ଲା ଓ ଦୌରାଜଜ୍ ତଥା ଅଧକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଖୋର୍ଦ୍ଧା ଶ୍ରୀ ନିଶିଥ୍ ନିଶାଙ୍କଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବାକୁ ଯାଉଥିବା ଉକ୍ତ ରାଷ୍ଟ୍ରୀୟ ଲୋକଅଦାଲତରେ ଆପୋଷ ବୁଝାମଣା ଜରିଆରେ ଅଦାଲତମାନଙ୍କରେ ଥିବା ବିଚାରାଧୀନ ମାମଲା ଓ ନିଜ ନିଜ ମଧ୍ୟରେ ଥିବା ଯେକୌଣସି ମିଳାମିଶାଯୋଗ୍ୟ ବିବାଦର ସହଜ ଓ ସରଳ ସମାଧାନ ପାଇଁ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଜନସାଧାରଣଙ୍କୁ ଏହାର ସୁବିଧାସୁଯୋଗ ଯୋଗାଇ ଦିଆଯାଇପାରିବ ବୋଲି ପ୍ରାଧିକରଣଙ୍କ ସଚିବ ଶ୍ରୀମତୀ ସୌଦାମିନି ସିଂ ପରାମର୍ଶ ପ୍ରଦାନ କରିଛନ୍ତି। କେବଳ ବିଚାରାଧିନ ମାମଲା ନୁହେଁ, ପ୍ରାକ୍ ମୋକଦ୍ଦମାସ୍ତରୀୟ ଯଥା- କଚେରିରେ ଦାୟର ହୋଇନଥିବା ମାମଲା ଯଥା ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ ଅନାଦେୟ, ଶ୍ରମ ଓ ନିଯୁକ୍ତି ଏବଂ ଅନ୍ୟାନ୍ୟ ସାଲିସ୍‌ଯୋଗ୍ୟ ଫୌଜଦାରୀ ଓ ଦେୱାନି ମୋକଦ୍ଦମାର ମଧ୍ୟ ସମାଧାନ ଉକ୍ତ ଲୋକଅଦାଲତରେ ହୋଇପାରିବ ବୋଲି ଜଣାପଡ଼ିଛି। ଏଠାରେ ସୂଚନା ଦିଆଯାଉଛି କି ଉକ୍ତ ଲୋକଅଦାଲତରେ ମୋକଦ୍ଦମା ବା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼େ ନାହିଁ ଏବଂ ଲୋକଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ଅଟେ। ଯଦି କୌଣସି ବିଚାରାଧିନ ମାମଲା ଲୋକଅଦାଲତ ମାଧ୍ୟମରେ ଫଇସଲା ହୋଇଯାଏ ତା'ହେଲେ ଆଗରୁ ପଇଠ ହୋଇଥିବା କୋର୍ଟ ଫି ମଧ୍ୟ ଫେରସ୍ତ ହୋଇଥାଏ।

# ସାମସଙ୍ଗ ଘୋଷଣା କରିଛି ଅତ୍ୟାଧୁନିକ ବିଶେଷତ୍ୱ ଯୁକ୍ତ ବେସପୋକ ଏଆଇ ଡ଼ବଲ ଡ଼ୋର ରେଫ୍ରିଜିରେଟର

ଭୁବନେଶ୍ୱର,୨।୯ (ମହାଭାରତ): ଘୋଷଣା ସାମସଙ୍ଗ, ଭାରତର ଏକ ଅଗ୍ରଣୀ ବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଭାରତରେ ଏହାର ନୂତନ ସେବପୋକ ଏଆଇ ଡ଼ବଲ ଡ଼ୋର ଯୁକ୍ତ ରେଫ୍ରିଜିରେଟରର ଅନାବରଣ କରିଛି। ଭାରତୀୟ ଗ୍ରାହକମାନଙ୍କ ଆବଶ୍ୟକୀୟତାକୁ ପୂରଣ କରିବା ଲକ୍ଷ୍ୟ ନେଇ ବେସପୋକ ଗଠନ ପ୍ରଣାଳୀ ସହିତ ଏଥିରେ ଅନ୍ୟ ଯେଉଁସବୁ ଅତ୍ୟାଧୁନିକ ବିଶେଷତ୍ୱ ରହିଛି ସେଗୁଡ଼ିକ ହେଲା, ଏଆଇ ଏନର୍ଜି ମୋଡ଼ ସ୍ମାର୍ଟ ଥିଙ୍ଗ, ସ୍ମାର୍ଟ ଥିଙ୍ଗ ହୋମ କେୟାର, ସ୍ମାର୍ଟ ଫରୱାଡ଼, ଏଥି ସହିତ ଏଥିରେ ରହିଛି ପରିବ ?ନୀୟ ଫାଇଭ ଇନ ୱାନ, ଟ୍ୱିନ କୁଲିଙ୍ଗ ପ୍ଲସ ତଥା ଆକଟିଭ ଫ୍ରେସ ଫିଲଟର ପ୍ଲସ ଇତ୍ୟାଦି। ଏହି ସାମସଙ୍ଗ ବେସପୋକ ଏଆଇ ଡ଼ବଲ ଡ଼ୋର ରେଫ୍ରିଜିରେଟର ଶୃଙ୍ଖଳ କାଚ୍ ତଥା ଇସ୍ପାତ ପ୍ରସ୍ତୁତିରେ ଉପଲବ୍ଧ ହେଉଥିବାବେଳେ ଏଥିରେ ରହିଛି ବିବିଧ ପସନ୍ଦ ଯୁକ୍ତ ଚୟନକାରୀତା ଯଥା ବ୍ଲାକଗ୍ଲାସ, ବ୍ଲାକମାଟ୍ଟ, ଲ୍ୟୁକ୍ସବ୍ଲାକ, ଆଇନକ୍ସ ତଥା ରିଫାଇଣ୍ଡ ଆଇନକ୍ସ। ୩୯୬ ଲିଟର, ୪୧୯ ଲିଟର ଏବଂ ୪୬୫ ଲିଟର କ୍ଷମତାଧାରୀତାରେ ଏହି ବେସପୋକ ଏଆଇ ଡ଼ବଲ ଡ଼ୋର ରେଫ୍ରିଜିରେଟର ଶୃଙ୍ଖଳ ଉପଲବ୍ଧ ହେଉଥିବା ବେଳେ ୬୪୯୯୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରୁ ଏହା ଆରମ୍ଭ ହେଉଛି ଯାହାକି ଏକ ବୃହତ୍ ଷ୍ଟୋରେଜ କ୍ଷମତାକାରୀ, ସହଜ ତଥା ନମନୀୟତା ଅଫର ପ୍ରଦାନକାରୀ ଅଟେ।

# ୧୨ଟି ଇଭି ଚାର୍ଜିଂ ଷ୍ଟେସନ ନିର୍ମାଣ କରିବ ସେର୍ଭୋଟେକ୍ ପାୱାର

ଭୁବନେଶ୍ୱର,୨।୯ (ମହାଭାରତ): ଭାରତର ସର୍ବବୃହତ୍ ଇଭି ଚାର୍ଜର ନିର୍ମାତା ସେର୍ଭୋଟେକ୍ ପାୱାର ସିଷ୍ଟମ୍ ଲିମିଟେଡ୍ କେରଳ ସରକାରଙ୍କ ଶକ୍ତି ବିଭାଗର ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ଏଜେନ୍ସି ଠାରୁ ୧୨ଟି ଇଭି ଚାର୍ଜିଂ ଷ୍ଟେସନ୍ ସ୍ଥାପନ ପାଇଁ ଯଥେଷ୍ଟ ଚୁକ୍ତି ହାସଲ କରିଛି। ଏହି ଚୁକ୍ତି ଅନୁଯାୟୀ ସେର୍ଭୋଟେକ୍ କେରଳ ମୋଟର ଯାନ ବିଭାଗର ବିଭିନ୍ନ ସ୍ଥାନରେ ୩୦ କିଲୋୱାଟ୍ ଫାଷ୍ଟ ଡିସି ଇଭି ଚାର୍ଜର ସହିତ ୧୨ଟି ଇଲେକ୍ଟ୍ରିକ୍ ଯାନ (ଇଭି) ଚାର୍ଜିଂ ଷ୍ଟେସନ୍ ନିର୍ମାଣ କରିବ। ଏହି ଚୁକ୍ତିରେ ସର୍ଭୋଟେକ୍ ଯୋଗାଣ, କାର୍ଯ୍ୟକ୍ଷମ ଏବଂ ଇଭି ଚାର୍ଜିଂ ଷ୍ଟେସନ ନିର୍ମାଣ ଅନ୍ତର୍ଭୁକ୍ତ। ଏହି ପାଇଲଟ୍ ପ୍ରୋଜେକ୍ଟ ଯାହାର କାର୍ଯ୍ୟକାରିତା ଆରମ୍ଭ ହୋଇସାରିଛି ତାହା ପ୍ରଥମ ପର୍ଯ୍ୟାୟରେ ୪ଟି ଇଭି ଚାର୍ଜିଂ ଷ୍ଟେସନ ସ୍ଥାପନ ସହିତ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୮ଟି ଇଭି ଚାର୍ଜିଂ ଷ୍ଟେସନ ସ୍ଥାପନ କରାଯିବ। ସେର୍ଭୋଟେକ୍ ପାୱାର ସିଷ୍ଟମ୍ ଲିମିଟେଡ୍‌ର ନିର୍ଦ୍ଦେଶିକା ସାରିକା ଭାଟିଆ କହିଛନ୍ତି, "ଏଏନ୍‌ଇଆରଟି ପାଇଁ ଏହି ପାଇଲଟ୍ ପ୍ରୋଜେକ୍ଟରେ କାମ କରି ଆମେ ଆନନ୍ଦିତ। ଏକ ଅଗ୍ରଣୀ ଇଭି ଚାର୍ଜିଂ ଖେଳାଳି ଭାବରେ ଯିଏ ଭାରତକୁ ସବୁଜ ପରିବହନ ଦିଗରେ ପରିବର୍ତନ କରିବା ଦିଗରେ ବହୁତ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି, ଏହି ପଦକ୍ଷେପ ଆମକୁ ଭାରତକୁ ଏକ ଇଭି ଚାଳିତ ରାଷ୍ଟ୍ର ଭାବରେ ଦେଖିବାର ଆମର ସାମୂହିକ ସ୍ୱପ୍ନକୁ ହାସଲ କରିବାର ନିକଟତର କରିଛି।

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ, କଳାହାଣ୍ଡି ।**

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ, ୩୧.୦୮.୨୦୨୪ ପାଳନ ଅବସରରେ, ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ,ସହର ର ସମସ୍ତ ନଗରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା **ସଙ୍ଗେ ସଙ୍ଗେ** ମାଁ ଲଙ୍କେଶ୍ୱରୀ ସମସ୍ତ ସହରବାସୀଙ୍କୁ ସୁଖ ଓ ସମୃଦ୍ଧିରେ ପରିପୂର୍ଣ୍ଣ ରଖନ୍ତୁ ବୋଲି ପ୍ରାର୍ଥନା କରିବା ସହିତ ନମ୍ନଲିଖିତ ବିଷୟ ପ୍ରତି ଆନ୍ତରିକ ଧ୍ୟାନ ଦେବା ନିମନ୍ତେ ବିନମ୍ର ନିବେଦନ କରୁଅଛୁ ।

ଶ୍ରୀ ପ୍ରମୋଦ କୁମାର ଖିଲୋ, ନିର୍ବାହୀ ଅଧିକାରୀ,
ଶ୍ରୀମତୀ ହିମାଦ୍ରୀ ନାୟକ, ଉପନଗରପାଳ

**ପାରିଷଦ ବୃନ୍ଦ**

ୱାର୍ଡ ନଂ ୧. ଶ୍ରୀ ଗୋପାଳ ଚନ୍ଦନ, ପାରିଷଦ ।
ୱାର୍ଡ ନଂ ୨. ଶ୍ରୀ ସଚିନ ଅନ୍ଧାନୀ, ପାରିଷଦ ।
ୱାର୍ଡ ନଂ ୩. ଶ୍ରୀ କାହ୍ନୁ ଚରଣ ବୈଠାରୁ, ପାରିଷଦ
ୱାର୍ଡ ନଂ ୪, ଶ୍ରୀମତୀ ହିମାଦ୍ରୀ ସିନ୍ଧୁର, ପାରିଷଦ ।
ୱାର୍ଡ ନଂ ୫. ଶ୍ରୀମତୀ ପୁଷ୍ପାଞ୍ଜଳ ଦଣ୍ଡସେନା, ପାରିଷଦ ।
ୱାର୍ଡ ନଂ ୬. ଶ୍ରୀମତୀ ମାଧବୀ ବାଗ, ପାରିଷଦ ।
ୱାର୍ଡ ନଂ ୭. ଶ୍ରୀମତୀ ମଞ୍ଜୁଲତା ସେଠି, ପାରିଷଦ ।
ୱାର୍ଡ ନଂ ୮. ଶ୍ରୀମତୀ କୁନ ଶବର, ପାରିଷଦ ।
ୱାର୍ଡ ନଂ ୯. ଶ୍ରୀ ଭୁପେନ୍ଦ୍ର ଦଣ୍ଡସେନା, ପାରିଷଦ ।
ୱାର୍ଡ ନଂ୧୧. ଶ୍ରୀମତୀ ମିନତୀ ମାଝୀ, ପାରିଷଦ ।
ୱାର୍ଡ ନଂ ୧୨.ଶ୍ରୀ ଚକ୍ର ବାଗ, ପାରିଷଦ ।

୧. ନିଜ ପରିବେଶକୁ ପରିଷ୍କାର ରଖନ୍ତୁ ଓ ସହରକୁ ପରିଷ୍କାର ରଖିବା ଦିଗରେ ପରିଷଦକୁ ସହଯୋଗ କରନ୍ତୁ ।
୨. ଅଳିଆ ଆବର୍ଜନା ଗୁଷ୍ତା କିମ୍ବା ନର୍ଦ୍ଦମାରେ ନ ପକାଇ ଉଦ୍ଦିଷ୍ଟ ଭ୍ରାମ୍ୟମାଣ ଆବର୍ଜନା ସଂଗ୍ରହ ଯାନରେ ପକାନ୍ତୁ ।
୩. ପରିଷଦର ବିନା ଅନୁମତିରେ କୌଣସି ପ୍ରକାର ଗୃହ ନିର୍ମାଣ କରନ୍ତୁ ନାହିଁ ।
୪. ଗୃହ ଉପକରଣ ସାମଗ୍ରୀ ରାସ୍ତା ଉପରେ ରଖନ୍ତୁ ନାହିଁ ଓ ସର୍ବ ସାଧାରଣ ରାସ୍ତା ଅବରୋଧ କରନ୍ତୁ ନାହିଁ ।
୫. ଏକକ ବ୍ୟବହୃତ ପଲିଥିନ ବ୍ୟାଗ ସଂପୂର୍ଣ ରୂପେ ନିଷିଦ୍ଧ ଓ ବ୍ୟାନ କରାଯାଇଅଛି । ତେଣୁ ପଲିଥିନ ବ୍ୟାଗ ବ୍ୟବହାରରୁ ନିବୃତ ରୁହନ୍ତୁ ।
୬. ଠିକ ସମୟରେ ପରିଷଦର ଟିକସ ଏବଂ ପରିଷଦର ଦେୟ ପୈଠ କରି ସହରର ଉନ୍ନୟନ କାର୍ଯ୍ୟରେ ସଦୟ ସହଯୋଗ କରନ୍ତୁ ।
୭. ନିଜ ଘର ଘରି ପାଖରେ ପୁରୁଣା ଟାୟାର କିମ୍ବା ପାଣି ଜମା ହେଉଥିବା ବସ୍ତୁ ରଖନ୍ତୁ ନାହିଁ କମ୍ବା ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ।

# ଘରୋଇ ବିଶ୍ୱବିଦ୍ୟାଳୟ

ଗବେଷଣା ଦୃଷ୍ଟିରୁ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ତାଲିକାରେ ସୋଆ ଏବଂ କିଟ ସହିତ ରାଉରକେଲା ଏନଆଇଟି ମଧ୍ୟ ସ୍ଥାନ ପାଇଛି। ସୋଆ ଏବଂ କିଟ ଉଭୟ ଘରୋଇ ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ରାଉରକେଲାର ଏନଆଇଟି ହେଉଛି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ। କିନ୍ତୁ ରାଜ୍ୟର କୌଣସି ସରକାରୀ ବିଶ୍ୱବିଦ୍ୟାଳୟ ତାଲିକାରେ ସ୍ଥାନ ପାଇନି। ଓଡ଼ିଶାର ସବୁଠାରୁ ପୁରାତନ ବିଶ୍ୱବିଦ୍ୟାଳୟ ଉତ୍କଳ ଏବଂ ରେଭେନ୍ସା ତାଲିକାରେ ନାହିଁ। ଏସସିବି ମେଡିକାଲ କଲେଜ ମଧ୍ୟ ତାଲିକାରେ ସ୍ଥାନ ପାଇ ନାହିଁ। ଭୁବନେଶ୍ୱର ଆଇଆଇଟି, ଏମସ ତଥା ସମ୍ବଲପୁର ଆଇଆଇଏମ କୌଣସି ବର୍ଗରେ ଶ୍ରେଷ୍ଠ ୧୦ ମଧ୍ୟରେ ନାହିଁ। ଏହା ନିଶ୍ଚିତ ଭାବେ ଆମ ପାଇଁ ଲଜ୍ଜାକନକ। ଏହାର କାରଣ କ'ଣ? ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଜେଏନୟୁ ଏବଂ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାରେ ସେମାନଙ୍କ ସ୍ଥାନ ବଜାୟ ରଖିଥିବା ବେଳେ ରେଭେନ୍ସା କାହିଁକି ସ୍ଥାନ ପାଇଲା ନାହିଁ? ଅତୀତରେ ଉତ୍କଳ ବିଶ୍ୱବିଦ୍ୟାଳୟ ଭାରତର ଶ୍ରେଷ୍ଠ ୧୦ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଉଥିଲା। କିନ୍ତୁ ବିଗତ କିଛି ବର୍ଷ ହେବ ଏହା ତାଲିକାର ବହୁ ପଛକୁ ଚାଲିଯାଇଛି। ଏହାର ଅନେକ କାରଣ ରହିଛି। ପ୍ରଥମତଃ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି। ଘରୋଇ ବିଶ୍ୱବିଦ୍ୟାଳୟ ତୁଳନାରେ ସରକାରୀ ବିଶ୍ୱବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମି ସେଭଳି ସୁଦୃଢ଼ ନାହିଁ। ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ , ଖେଳ ପଡ଼ିଆ, ଲାଇବ୍ରେରୀ, ଲ୍ୟାବ, ଗବେଷଣା ସୁବିଧା ଘରୋଇ ଶିକ୍ଷାନୁଷ୍ଠାନରେ ଅପେକ୍ଷାକୃତ ଭଲ। ରାଜ୍ୟରେ ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲ ଏବଂ ସରକାରୀ ସ୍କୁଲ ମଧ୍ୟରେ ଯାହା ତଫାତ ଜାତୀୟ ସ୍ତରରେ ବିଭିନ୍ନ ଘରୋଇ ଓ ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ତଫାତ ତାହା। ଦ୍ୱିତୀୟରେ ସରକାରୀ କଲେଜ ବା ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ମାନ ହ୍ରାସ। ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ସର୍ବଭାରତୀୟ ସ୍ତରରେ ପ୍ରତିଯୋଗିତାମୂଳକ ପରୀକ୍ଷା ବିଶେଷକରି ସିଭିଲ ସର୍ଭିସେସରେ ଉତ୍ତମ ପ୍ରଦର୍ଶନ କରୁଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ଆଇଏଏସ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ପ୍ରଥମ ହୋଇଛନ୍ତି। କିନ୍ତୁ ବିଗତ ପ୍ରାୟ ୨୦ ବର୍ଷ ହେବ ଉତ୍କଳ ଏବଂ ଅନ୍ୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସର୍ବଭାରତୀୟ ସ୍ତରରେ ସଫଳତା ହାର ଯଥେଷ୍ଟ କମ ରହୁଛି। ସର୍ବଭାରତୀୟ ସ୍ତରରେ ବିଭିନ୍ନ ଆଇଆଇଟି ଏବଂ ଜେଏନୟୁ ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଧିକ ସଫଳ ହେଉଛନ୍ତି। ଏହାର କାରଣ ହେଲା ସେଠାରେ ଦେଶର ବିଭିନ୍ନ ରାଜ୍ୟର ମେଧାବୀ ଛାତ୍ରଛାତ୍ରୀମାନେ ପାଠ ପଢୁଛନ୍ତି ଏବଂ ସେଠାରେ ଉତ୍ତମ ଶିକ୍ଷାଦାନ ବ୍ୟବସ୍ଥା ରହିଛି। ସେହିସବୁ କଲେଜ ବା ବିଶ୍ୱବିଦ୍ୟାଳୟରେ ଭଲ ପ୍ରଫେସର ଅଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରେ ପୂର୍ବରୁ ଯେପରି ପାଠପଢ଼ା ହେଉଥିଲା ଏବେ ତାହା ନାହିଁ। ଭଲ ପ୍ରଫେସର ନାହାଁନ୍ତି। ଉତ୍ତମ ଗବେଷଣା ସୁବିଧା ନାହିଁ। ଅଳ୍ପ କିଛି ବର୍ଷ ମଧ୍ୟରେ କିଟ ବା ସୋଆ ଯେଭଳି ସ୍ତରକୁ ଉଠିଛନ୍ତି, ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ ଗୁଡ଼ିକ ସେହି ସ୍ତରକୁ ଯାଇ ପାରିନାହାଁନ୍ତି। ଏଥିପାଇଁ କେବଳ ବିପୁଳ ଅର୍ଥ ବିନିଯୋଗ ନୁହେଁ, ଦୃଢ଼ ଇଚ୍ଛାଶକ୍ତି ଏବଂ ନିଷ୍ଠାପର ଉଦ୍ୟମ ଆବଶ୍ୟକ। ସମୟକ୍ରମେ ସବୁ ସଂସ୍ଥାର ମାନ୍ୟତା ହ୍ରାସ ପାଇଥାଏ। ସମୟ ସବୁ କିଛି ପରିବର୍ତ୍ତନ କରି ଦେଇଥାଏ। ତେଣୁ ସେଥିରେ କିଛି ବିଚଳିତ ହେବାର ନାହିଁ। ଏବେ ଦେଶରେ ନୂଆ ନୂଆ ଆଇଆଇଟି, ଆଇଆଇଏମ, ଏମସ ଏବଂ କନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଲାଣି। ଅନେକ ମେଧାବୀ ଛାତ୍ରଛାତ୍ରୀ ଏହିସବୁ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବାକୁ ପସନ୍ଦ କରୁଛନ୍ତି। ସେମାନଙ୍କ ସଫଳତା ହାର ଅଧିକ। ଉତ୍କଳ ବିଶ୍ୱବିଦ୍ୟାଳୟ ବା ଅନ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ତାଲିକାରେ ସ୍ଥାନ ପାଇବା ନପାଇବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ।

# ଏକ ଐଶୀକଳା ସଂପନ୍ନ ବରପୁତ୍ର

## ॥ ମୌଲାନା ଫଜଲ ହକ ଖାନ୍ ॥

*;"ମୁଁ ତୁମ୍ଭଙ୍କୁ ଏକ କରୁଣାର ଚିହ୍ନ ପ୍ରଦାନ କରୁଛି, ଯେଉଁ ରୂପେ ତୁମେ ମୋତେ ମାଗିଥିଲ, ଅତଏବ ମୁଁ ତୁମ୍ଭର ସେହି ଗୁହାରି ଶୁଣିଲି ଏବଂ ତୁମ୍ଭ ପ୍ରାର୍ଥନାକୁ ଅପାର ଦୟାପୂର୍ବକ ଅନୁଗ୍ରହୀତାର ସ୍ଥାନ ଦେଲି । ଅତଏବ ଦିବ୍ୟଶକ୍ତି, ଅନୁଗ୍ରହ ଓ ଐଶ୍ୱରିକ ସାନିଧ୍ୟର ଚିହ୍ନ ତୁମଠାରେ ପ୍ରକଟନ କରାଯାଉଛି। ହେ ତ୍ରିକାଳଜୟୀ (ତ୍ରିଭୂବନ ବିଜୟୀ) ମହାପୁରୁଷ ! ତୁମେ ଧନ୍ୟ। ତୁମ୍ଭ ପ୍ରତି ଶାନ୍ତି ବର୍ଷଣ ହେଉ ଯେ ଜୀବନକୁ ଭଲ ପାଆନ୍ତୁ, ଈଶ୍ୱର ଏହା ବ୍ୟକ୍ତ କରି ତାଙ୍କୁ ମୃତ୍ୟୁର ଫାଶରୁ ମୁକ୍ତ କରନ୍ତି ।*

କଳି କାଳରେ ଧର୍ମର ଗ୍ଲାନି ଘଟିବ । କଳକୀ ଅବତାର ଆସିବେ । ରାମରାଜ୍ୟ ପ୍ରତିଷ୍ଠା ହେବ । ଅଶାନ୍ତ ଜଗତକୁ ଶାନ୍ତିର ବାର୍ତ୍ତାବହ ଆସି ଶାନ୍ତି ସ୍ଥାପନା ଦିଗରେ ଉନ୍ନତି ମୂଳକ କାର୍ଯ୍ୟ କରିବେ । ବିଶ୍ୱ ଶାନ୍ତି, ବିଶ୍ୱ ଭ୍ରାତୃଭାବ ସୃଷ୍ଟି କରାଯିବ । ବସୁଧୈବ କୁଟୁମ୍ବକମର ସୁନ୍ଦର ବାତାବରଣ ମଧ୍ୟରେ ଜନଜୀବନ ନିର୍ଭୟରେ ଶ୍ୱାସ ପ୍ରଶ୍ୱାସ ନେଇପାରିବେ। ଏହି ପରି ପ୍ରାୟ ସବୁ ଧର୍ମଗ୍ରନ୍ଥରେ ଉଲ୍ଲେଖ ଓ ଭବିଷ୍ୟତ ବାଣୀ ରହିଛି । ଧର୍ମ ସର୍ବଦା ସଂସ୍କାର, ସେବା, ତ୍ୟାଗ, ସହଯୋଗ ଏବଂ ଶିଷ୍ଟାଚାର ଶିଖାଇଥାଏ । ମନୁଷ୍ୟ ମାତ୍ର ଦୁଇଜାତି। ପୁରୁଷ ଏବଂ ସ୍ତ୍ରୀ । ବାକି ଅନ୍ୟ ସବୁ ଗୋଷ୍ଠୀ ବା ସଂପ୍ରଦାୟ କେବଳ ଜଣେ ଅନ୍ୟକୁ ପରିଚୟ ଦେବାର ମାଧ୍ୟମ ଅଟେ ।

ଇସଲାମ ଧର୍ମ ଆଦିଧର୍ମ । ଇସଲାମ ଧର୍ମର ପ୍ରକୃତ ମର୍ମହେଲା, ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟ, ସହାନୁଭୂତି, ସଦ୍‌ଭାବନା, ସହିଷ୍ଣୁତା, ସମ୍ବେଦନଶୀଳତା, ସହଯୋଗିତା, ସମନ୍ୱୟତା, ସଂଯମତା, ସରଳତା ଏବଂ ସତ୍ୟତା । ମହାମହିମ ଅବତାର ହଜରତ ମୁହମ୍ମଦ ସଲ୍ଲମ କରୁଣାର ସାଗର ହୋଇ ସମଗ୍ର ସଂସାର ପାଇଁ ଆସିଥିଲେ । ତାଙ୍କ ଭବିଷ୍ୟତବାଣୀ ଅନୁଯାୟୀ ତାଙ୍କ ଦାସତ୍ୱରେ ୧୪୦୦ ଶହ ବର୍ଷ ପରେ ୧୮୩୫ ମସିହାରେ ପ୍ରତିଶ୍ରୁତ ମସିହ ଓ ମେହେଦୀ ମିର୍ଜା ଗୁଲାମ ଅହମଦ ଜନ୍ମ ନେଇ, ଇସଲାମ ଧର୍ମରେ ଦେଖାଯାଉଥିବା କଳୁଷିତକୁ ଦୂର କରିଥିଲେ । ତଥା ଇସଲାମ ଧର୍ମକୁ ପୁନଃର୍ଜୀବିତ କରିଥିଲେ। ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ପ୍ରତିଷ୍ଠିତ ସଂପ୍ରଦାୟକୁ ଅହମଦୀୟା ମୁସଲିମ ସଂପ୍ରଦାୟ କୁହାଯାଏ । ଅହମଦୀୟା ମୁସଲିମ ସଂପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଇସଲାମ ଧର୍ମର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ରଖିବା । ଏହାର ମୂଳ ଲକ୍ଷ୍ୟ ଇସଲାମ ଶାନ୍ତି ଓ ନିରାପତାର ଧର୍ମ ବୋଲି ମାନବ ସମାଜକୁ ବୁଝାଇବା । ତଥା ଭଗବାନ ଓ ଭକ୍ତଙ୍କ ମଧ୍ୟରେ ସୁସଂପର୍କ ସ୍ଥାପିତ କରିବା । ହଜରତ ଅହମଦଙ୍କ କାର୍ଯ୍ୟକଳାପ ପରେ ତାଙ୍କର ପାରମ୍ପରିକ କାର୍ଯ୍ୟକୁ ଏପରି ଏକ ଦକ୍ଷ ବର ପୁତ୍ର ଜନ୍ମନେଇ, ସେହି କାର୍ଯ୍ୟଭାରକୁ ତ୍ୱରାନ୍ୱିତ କରିବାର ଭବିଷ୍ୟତବାଣୀ ପ୍ରାୟ ସମସ୍ତ ଧର୍ମଶାସ୍ତ୍ରରେ ଲିପିବଦ୍ଧ ରହିଛି। ଯଦ୍ୱାରା ଇସଲାମର ଶାନ୍ତି ପୂର୍ଣ୍ଣ ବାର୍ତ୍ତା ସମଗ୍ର ସଂସାରରେ ପ୍ରସାର ଲାଭ କରିବ । ସୁତରାଂ ୨୦ ଫେବୃଆରୀ ୧୮୮୬ ମସିହାରେ ସେହି ଐଶୀବାଣୀ ଅନୁସାରେ ସର୍ବ ବ୍ୟାପକ, ସର୍ବଶକ୍ତିମାନ, ଦୟା ଓ ସଦା କରୁଣାମୟ ସର୍ବ ଅଧୀଶ୍ୱର ଅଲ୍ଲାଃ ହଜରତ ମିର୍ଜା ଅହମଦଙ୍କୁ ସମ୍ବୋଧିତ କରି କହିଛନ୍ତି;

"ମୁଁ ତୁମ୍ଭଙ୍କୁ ଏକ କରୁଣାର ଚିହ୍ନ ପ୍ରଦାନ କରୁଛି, ଯେଉଁ ରୂପେ ତୁମେ ମୋତେ ମାଗିଥିଲ, ଅତଏବ ମୁଁ ତୁମ୍ଭର ସେହି ଗୁହାରି ଶୁଣିଲି ଏବଂ ତୁମ୍ଭ ପ୍ରାର୍ଥନାକୁ ଅପାର ଦୟାପୂର୍ବକ ଅନୁଗ୍ରହୀତାର ସ୍ଥାନ ଦେଲି । ଅତଏବ ଦିବ୍ୟଶକ୍ତି, ଅନୁଗ୍ରହ ଓ ଐଶ୍ୱରିକ ସାନିଧ୍ୟର ଚିହ୍ନ ତୁମଠାରେ ପ୍ରକଟନ କରାଯାଉଛି। ହେ ତ୍ରିକାଳଜୟୀ (ତ୍ରିଭୂବନ ବିଜୟୀ) ମହାପୁରୁଷ ! ତୁମେ ଧନ୍ୟ। ତୁମ୍ଭ ପ୍ରତି ଶାନ୍ତି ବର୍ଷଣ ହେଉ ଯେ ଜୀବନକୁ ଭଲ ପାଆନ୍ତୁ, ଈଶ୍ୱର ଏହା ବ୍ୟକ୍ତ କରି ତାଙ୍କୁ ମୃତ୍ୟୁର ଫାଶରୁ ମୁକ୍ତ କରନ୍ତି ।

ସୁତରାଂ ତୁମକୁ ଶୁଭ ସୂଚନା ଦିଆଯାଇଛି କି ଏକ ପବିତ୍ର ଓ ଐଶୀକଳା ସଂପନ୍ନ ବରପୁତ୍ର ତୁମକୁ ପ୍ରଦାନ କରାଯିବ। ଜଣେ ଅନୁରକ୍ତ ଦାସ (ପୁତ୍ର ସନ୍ତାନ) ତୁମ୍ଭଙ୍କୁ ପ୍ରାପ୍ତ ହେବ। ସେହି ପୁତ୍ର ତୁମରି ଔରସରୁ ତୁମ କୂଳରକ୍ଷକ ବଂଶଧର ବୋଲାଇବ। ସେ ତୁମର ଅତିଥି-ଏକ ସୁନ୍ଦର ସୁଢ଼ଳ ଅମୃତ ସନ୍ତାନ ତୁମ ଗୃହକୁ ଆସୁଛନ୍ତି। ତାହାର ନାମ ଦୁର୍ଲ୍ଲଭ, ଯଶସ୍ୱୀ ଓ ବଶୀର (ସୁ-ସମାଚାର ପ୍ରାପ୍ତ) ମଧ୍ୟ ଅଟେ। ତାହାକୁ ପୂଣ୍ୟାତ୍ମା ଦିଆଯାଇଛି। ସେ ପରମବ୍ରହ୍ମ ପରମେଶ୍ୱର ଆଲ୍ଲାଃଙ୍କ ପରମ ଜ୍ୟୋତି। ସେ ଅଭିନ୍ନନୀୟ ଯେ ସ୍ୱର୍ଗପୁରରୁ ଆସୁଛନ୍ତି। ତାଙ୍କରି ଆଗମନ ସହିତ କରୁଣା ନିହିତ। ସେ ଅତ୍ୟନ୍ତ ଗରିମାମୟ, ଅପାର ସମ୍ପଦର ଅଧିକାରୀ। ସେ ଧରାପୃଷ୍ଠକୁ ଆସିବ ଏବଂ ମସିହା ପ୍ରାଣ ଓ ସତ୍ୟତାର ଆତ୍ମାରେ ସମୃଦ୍ଧିଶାଳୀ ହୋଇ ବହୁ ଦୁରାତ୍ମା ବ୍ୟାଧିକୁ ବିଶୋଧନ କରିବ। ସେ ଈଶ୍ୱରଙ୍କ ବାକ୍ୟ; କାରଣ ଈଶ୍ୱରଙ୍କ ପ୍ରେମ ଓ ଦୟାରେ ବିଭୂଷିତ ସେହି ଦେବପୁରୁଷଙ୍କୁ ଦିବ୍ୟ ବାକ୍ୟର ବ୍ୟାପକ ସମ୍ଭାର ସହିତ ପ୍ରେରଣ କରାଯାଇଛି। ସେ ଅତି ବିଚକ୍ଷଣ ବୁଦ୍ଧି, ବିଦ୍ୟା ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ହେବ। ତାଙ୍କ ହୃଦୟ ଉଦାରପୂର୍ଣ୍ଣ ଏବଂ ତାଙ୍କୁ ପ୍ରକାଶ୍ୟ ଓ ଗୁପ୍ତ ଜ୍ଞାନରେ ପରିପୂର୍ଣ୍ଣ କରାଯିବ। ସେ ଶୀଘ୍ର ଶୀଘ୍ର ବଢ଼ିବାରେ ଲାଗିବ ଏବଂ ଦଳିତ ନିଷ୍ପେସିତ ଜନଙ୍କ ସହାୟକ ଓ ତ୍ରାଣକର୍ତ୍ତାର ପରିଚୟକ ହେବ ଏବଂ ସେ ପୃଥିବୀର କୋଣେ କୋଣେ ସୁଖ୍ୟାତି ଅର୍ଜନ କରିବ ଏବଂ ସମସ୍ତ ଜାତି ତାହାଙ୍କ ଠାରୁ ଆଶିଷ ଲାଭ କରିବେ।''

ଏହି ଭବିଷ୍ୟତବାଣୀ ଅନୁଯାୟୀ ୧୨ ଜାନୁଆରୀ ୧୮୮୯ ମସିହାରେ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଙ୍କ ଘରେ ଏକ ମହାନ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିଥିଲେ। ଯାହାଙ୍କ ନାମ ବଶିରୁଦ୍ଦିନ ମହମୁଦ ଅହମଦ । ଯାହାଙ୍କୁ ଅହମଦୀୟା ମୁସଲିମ ସମାଜରେ ମୁସଲେଃ ମଉଦ(ଅଙ୍ଗୀକୃତ ସଂସ୍କାରକ)ବୋଲି କୁହାଯାଏ । ଆପଣ ଐଶୀଶକ୍ତି ବଳରୁ ସାଂସାରିକ ଓ ଆଧ୍ୟାତ୍ମିକ ଜ୍ଞାନରେ ପରିପୂର୍ଣ୍ଣ ଥିଲେ।

୧୯୦୮ ମସିହାରେ ଯେତେବେଳେ ତାଙ୍କ ପିତୃ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଅ.ସଙ୍କ ଦେହାନ୍ତ ହେଲା, ସେତେବେଳେ ବିରୋଧୀମାନଙ୍କ ପରିହାସ ଓ ତାଚ୍ଛଲ୍ୟପୂର୍ଣ୍ଣ ଉଲ୍ଲାସକୁ ଦେଖି ଆପଣ ପିତାଙ୍କ ମୃତ ଶଯ୍ୟାଧାର ନିକଟରେ ଛିଡ଼ା ହୋଇ ଶପଥ କରି ଥିଲେ ଯେ,'ଯଦି ସଂସାରବାସୀ ସମସ୍ତେ ମୋ ଠାରୁ ଦୂରେଇ ଯାଆନ୍ତି ଓ ମୁଁ ଏକାକି ରହିଯାଏ, ତେବେ ମୁଁ ଏକା ହିଁ ସାରା ଦୁନିଆର ମୁକାବିଲା କରିବି ଏବଂ କୌଣସି ବିରୋଧୀ ଓ ଶତ୍ରୁଙ୍କୁ ଭ୍ରୁକ୍ଷେପ କରିବି ନାହିଁ। ଆପଣ ନିଜର ଏହି ଶପଥକୁ ଅତି ଉତମ ରୂପେ ପାଳନ କରି ଇସଲାମର ଶାନ୍ତିପୂର୍ଣ୍ଣ ବାର୍ତ୍ତାକୁ କାହାରି ପ୍ରତି ଭୟ ନକରି ସାରା ଜୀବନ ଉକ୍ତ ଉତମ କାର୍ଯ୍ୟ ସମ୍ପାଦନରେ କଟାଇ ଥିଲେ। ଏହାର ଜ୍ୱଳନ୍ତ ପ୍ରମାଣ ଆପଣଙ୍କ ମହାନ କୀର୍ତିମାନରୁ ସ୍ପଷ୍ଟ ଅନୁମେୟ। ତାଙ୍କର ସଂପୂର୍ଣ୍ଣ ଚେଷ୍ଟା ଫଳରେ ବାସ୍ତବିକ ଇସଲାମ ଧର୍ମ ଅହମଦୀୟା ମୁସଲିମ ସମାଜ ସଂସାରର ଶେଷ ସୀମା ପର୍ଯ୍ୟନ୍ତ ପହଂଚିପାରିଛି । ତଥା ବିଶ୍ୱର ୨୧୪ ଗୋଟି ରାଷ୍ଟ୍ରରେ ପରିବ୍ୟାପ୍ତ । ଏହି ଅହମଦୀୟା ମୁସଲିମ ସଂପ୍ରଦାୟର ବର୍ତମାନ ଆଧ୍ୟାତ୍ମିକ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ଅହମଦୀୟା ମୁସଲିମ ସମାଜର ୫ମ ଖଲିଫା ରୂପେ ଲଣ୍ଡନ ଠାରେ ଅଧିଷ୍ଠିତ ହୋଇ ମାନବକଲ୍ୟାଣ,ଜନସେବା ତଥା ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଐକ୍ୟବଦ୍ଧ ହୋଇ ସର୍ବରାଷ୍ଟର ରାଷ୍ଟ୍ରପତି, ଶାସକ, ରାଜା, ମହାରାଜା ଏବଂ ବହୁତ ବୁଦ୍ଧିଜୀବିମାନଙ୍କୁ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଆହ୍ୱାନ ଦେଇ ଚାଲିଛନ୍ତି । ଆସନ୍ତୁ ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି,ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା । ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା । ଏବଂ ଦେଶଦ୍ରୋହୀ, ଧର୍ମଦ୍ରୋହୀ ଶନ୍ତ୍ରାସବାଦମାନଙ୍କର ତାଣ୍ଡବଲୀଳାକୁ ଦମନ କରିବା। ସର୍ବେଭବନ୍ତୁ ସୁଖିନଃର ସହର ବସାଇବା। ଏହା ହିଁ ଆମର କାମନା ।

ୟୁନିଟ-୪, ଭୁବନେଶ୍ୱର
ଯୋଗାଯୋଗ:୯୬୯୨୨୫୦୫୭

# ବିଶ୍ୱ ମାତୃଭାଷା ଦିବସ

## ॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ମା' ଓ ମାଟିର ଭାଷା ହିଁ ମାତୃଭାଷା। ଏହା ସଂସ୍କୃତିର ବାହକ ଓ ସଂହତିର ଉତ୍ସ। ଏହା ଅଗଣିତ ମଣିଷକୁ ଯୋଡ଼ିଦିଏ ଏକ ସୂତ୍ରରେ। ଉନ୍ମାଦାତ୍ରୀ ମାଆ ଓ ମାତୃଭୂମି ସହିତ ତା'ର ଆତ୍ମିକ ସମ୍ପର୍କକୁ ଅନୁଭବ କରି ଭକ୍ତକବି ମଧୁସୂଦନ ରାଓ ଗାଇଛନ୍ତି - ମାତୃଭୂମି, ମାତୃଭାଷା ଉଭୟେ ଜନନୀ, ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ। ମାତୃଭାଷାର ସମ୍ମାନ ହିଁ ଜାତିର ସମ୍ମାନ। ସେଥିପାଇଁ ଆପଣା ଭାଷାକୁ ନେଇ ଗର୍ବ ଅନୁଭବ କରେ ବିଶ୍ୱର ପ୍ରାୟ ପ୍ରତ୍ୟେକ ଜାତି। ମାତ୍ର ଜାତୀୟ ସ୍ୱାଭିମାନୀ ଯେଉଁଠି ଖର୍ବୀକୃତ, ସେଠାରେ ଦୁର୍ବଳ ହୁଏ ଭାଷାର ବ୍ୟବହାରିକ ଦିଗ। ସେହି ସ୍ୱାଭିମାନର ସଂକଟ ଯୋଗୁ ଓଡ଼ିଆ ଭାଷା ଆଜି ନାନା ବିରୋଧାଭାସ ଓ ବେଦନାବୋଧର ସମ୍ମୁଖୀନ। ପାଣିପବନରେ ବଢ଼ନ୍ତି କିନ୍ତୁ ଘରେ, ବାହାରେ ଓ ସାଧାରଣରେ ଯଥେଷ୍ଟ ଇଂଲିଶ ଭାଷା ବ୍ୟବହାର କରି ପ୍ରଦର୍ଶନ କରନ୍ତି ଆପଣା ପାଣ୍ଡିତ୍ୟ। କାର୍ଯ୍ୟାଳୟରେ ନଥିପତ୍ର ଇଂଲିଶରେ ଲେଖି ଉଲ୍ଲଂଘନ କରନ୍ତି ଭାଷା ଆଇନ। ଏମାନଙ୍କ ଦୃଷ୍ଟିରେ ଓଡ଼ିଆ ଭାଷା ଜ୍ଞାନବିଜ୍ଞାନର ଭାଷା ନୁହେଁ କି ବିକାଶର ମାଧ୍ୟମ ନୁହେଁ।

ଏହା କେବଳ ହଳିଆ, ମୂଲିଆ ଓ ଅପାଠୁଆଙ୍କ କଥିତ ଭାଷା। ଏହି ଭ୍ରାନ୍ତ ଭାବନା ନେଇ ଏମାନେ ଓଡ଼ିଆରେ ଲେଖାପଢ଼ା ନକରିପାରିବାକୁ ଗୌରବ ବୋଲି ଭାବନ୍ତି ଏବଂ ନିଜ ପିଲାମାନଙ୍କୁ ପଢ଼ାନ୍ତି ଇଂଲିଶ ମାଧ୍ୟମ ବିଦ୍ୟାଳୟରେ। ମାତୃଭାଷା ଗୋଟିଏ ଜାତିର ଜୀବନଚର୍ଯ୍ୟାର ବାହକ। ମାତ୍ର ଓଡ଼ିଆ ଭାଷାର ସେ ବ୍ୟବହାରିକ ଉପଯୋଗିତା ଓ ସାର୍ବଭୌମ ମର୍ଯ୍ୟାଦାକୁ ଉଜୁଡ଼ିଯିବା ଅବସ୍ଥାକୁ ଟାଣିନେଲାଣି ଆମ ଇଂଲିଶ ମନସ୍ତତା। ସ୍କୁଲ, କଲେଜ, କଚେରୀ, ରାସ୍ତାଘାଟ ଓ ବ୍ୟବସାୟ ପ୍ରତିଷ୍ଠାନର ବିଜ୍ଞାପନ ଫଳକ ତଥା ନିମନ୍ତ୍ରଣ ପତ୍ର ଆଦି ସବୁଠି ଇଂଲିଶ ଭାଷାର ପ୍ରାଧାନ୍ୟ। ସଂସ୍କୃତିର ରକ୍ଷକ କୁହାଯାଉଥିବା ଗଣମାଧ୍ୟମ ଆଉ ବହନ କରୁନି ଭାଷା ସୁରକ୍ଷାର ଗୁରୁଦାୟିତ୍ୱ। ଲେଖାକୁ ଓଜନଦାର କରିବା ପ୍ରୟାସରେ ଗଣମାଧ୍ୟମ ବହୁଳ ମାତ୍ରାରେ ବ୍ୟବହାର କରୁଛି ଇଂଲିଶ ଶବ୍ଦ। ଶିକ୍ଷା କ୍ଷେତ୍ରରୁ ବି ତାର ଅପସାରଣ ପାଇଁ ଚାଲିଛି ରୀତିମତ ଷଡ଼ଯନ୍ତ୍ର। ଯେଉଁ ରାଜ୍ୟରେ ଅର୍ଦ୍ଧେକ ଛାତ୍ରଛାତ୍ରୀ ଇଂଲିଶ ମାଧ୍ୟମରେ ପଢ଼ନ୍ତି ଏବଂ ବାକି ଅର୍ଦ୍ଧେକ ପଢୁଥିବା ସ୍କୁଲଗୁଡ଼ିକରେ ଓଡ଼ିଆ ଶିକ୍ଷକ ନଥାନ୍ତି, ସେ ରାଜ୍ୟରେ ଓଡ଼ିଆ ଭାଷାର ଭବିଷ୍ୟତ ଅନ୍ଧାରରେ ଜର୍ଜରିତ ହେବା ସ୍ୱାଭାବିକ।

ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା। ଭକ୍ତ କବି ମଧୁସୂଦନଙ୍କ ପଂକ୍ତି ବୋଧହୁଏ ମିଳିତ ଜାତିସଂଘ ପ୍ରତିନିଧିମାନେ ଶୁଣିଥାଇ ନପାରନ୍ତି, କିନ୍ତୁ ଏହାର ସାରମର୍ମକୁ ସେମାନେ ଠିକ୍ ଭାବେ ବୁଝିସାରିଛନ୍ତି। ଅର୍ଥାତ୍ ମଣିଷ ଜାତି ଏବଂ କୌଣସି ଏକ ସମ୍ପ୍ରଦାୟର ଉନ୍ନତି ଲାଗି ଏହାର ଭାଷା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ଅନୁଭବ କରି ମାତୃଭାଷା ଲାଗି ଦିନଟିଏ ଉତ୍ସର୍ଗ କରିଛି ବିଶ୍ୱ ସମୁଦାୟ। ବିଶ୍ୱର କୋଣଅନୁକୋଣରେ ପ୍ରଚଳିତ ଲକ୍ଷ ଲକ୍ଷ ଭାଷାର ସୁରକ୍ଷା ତଥା ପ୍ରଚାର ଏବଂ ପ୍ରସାର ଲାଗି ମିଳିତ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଫେବୃଆରୀ ୨୧ରେ ପାଳିତ ହେଉଛି ଅନ୍ତର୍ଜାତୀୟ ମାତୃଭାଷା ଦିବସ। ମାତୃଭାଷା ଓ ସାଂସ୍କୃତିକ ବିବିଧତା ତଥା ବହୁ ଭାଷାବାଦକୁ ପ୍ରୋତ୍ସାହିତ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ। ଏହି ଦିବସର ପାଳନ ଲାଗି ୧୭ ନଭେମ୍ବର ୧୯୯୯ରେ ମିଳିତ ଜାତିସଂଘର ଶିକ୍ଷା, ବିଜ୍ଞାନ ଏବଂ ସଂସ୍କୃତି ସଙ୍ଗଠନ ପକ୍ଷରୁ ପ୍ରଥମେ ଘୋଷଣା କରାଯାଇଥିଲା। ୨୦୦୦ ମସିହାରୁ ବିଧିବଦ୍ଧ ଭାବେ ଏହାର ପାଳନ ହୋଇଆସୁଛି। ଏପରିକି ୨୦୦୮ରେ ଜାତିସଂଘର ସାଧାରଣ ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇ ସେହି ବର୍ଷକୁ ଅନ୍ତର୍ଜାତୀୟ ମାତୃଭାଷା ବର୍ଷ ଭାବେ ପାଳନ କରାଯାଇଥିଲା। ଏହି ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରିବା ପଛରେ ମଧ୍ୟ ରହିଛି ଏକ ପ୍ରମୁଖ କାରଣ। ୧୯୫୨ ଫେବୃଆରୀ ୨୧ରେ ବାଙ୍ଗଲାଦେଶର ରକ୍ତାକ୍ତ ଭାଷା ଆନ୍ଦୋଳନର ସ୍ମରଣ ଉଦ୍ଦେଶ୍ୟରେ ଏହି ଦିନକୁ ଚୟନ କରାଯାଇଥିଲା। ବଙ୍ଗଳା ଭାଷାକୁ ପୂର୍ବ ପାକିସ୍ତାନର ଅନ୍ୟତମ ଜାତୀୟ ଭାଷା ମଧ୍ୟରେ ସ୍ଥାନିତ କରିବା ଲାଗି ୧୯୫୨ ଢ଼ାକାରେ ବଡ଼ଧରଣର ଛାତ୍ର ଆନ୍ଦୋଳନ ଦେଖାଦେଇଥିଲା। ଢ଼ାକା ବିଶ୍ୱବିଦ୍ୟାଳୟ ଜଗନ୍ନାଥ କଲେଜ ଏବଂ ଢ଼ାକା ମେଡ଼ିକାଲ କଲେଜର ହଜାର ହଜାର ସଂଖ୍ୟାରେ ଛାତ୍ରୀଛାତ୍ର ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ପାକିସ୍ତାନ ସରକାର ଏହି ଆନ୍ଦୋଳନକୁ ପୋଲିସ ଲଗାଇ ଦମନ କରିଥିଲେ।

ପୋଲିସ ଗୁଳିରେ ବହୁ ସଂଖ୍ୟକ ଆନ୍ଦୋଳନକାରୀ ଛାତ୍ର ପ୍ରାଣ ହରାଇଥିଲେ। ସେମାନଙ୍କ ବଳିଦାନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ କାନାଡ଼ାରେ ରହୁଥିବା ରଫିକୁଲ୍ ଇସ୍‌ଲାମ ନାମକ ଜଣେ ବ୍ୟକ୍ତି ୧୯୯୮ରେ ଜାତିସଂଘର ତତ୍କାଳୀନ ମହାସଚିବ କୁଫି ଆନ୍ନନଙ୍କ ନିକଟରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବିଶ୍ୱର କୋଣ ଅନୁକୋଣରେ ପ୍ରଚଳିତ ଅନେକ ଭାଷାକୁ ବିଲୁପ୍ତ ମୁହଁରୁ ରକ୍ଷା କରିବା ଲାଗି ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରିବାକୁ ରଫିକୁଲ୍ ନିବେଦନ କରିଥିଲେ। ତାଙ୍କ ଆବେଦନକୁ ଗ୍ରହଣ କରି ଆନ୍ନନ୍ ଏ ଦିଗରେ ପଦକ୍ଷେପ ଆରମ୍ଭ କରିଥିଲେ। ପରିଣାମ ସ୍ୱରୂପ ୧୯୯୯ ନଭେମ୍ବରରେ ୟୁନେସ୍କୋର ସାଧାରଣ ସମ୍ମିଳନୀରେ ଏହାକୁ ଗ୍ରହଣ କରାଯାଇଥିଲା। ଏହାପରେ ୨୦୦୮କୁ ଅନ୍ତର୍ଜାତୀୟ ଭାଷା ବର୍ଷ ଭାବେ ପାଳନ କରାଯିବା ସହ ଜାତିସଂଘର ସମସ୍ତ ରାଷ୍ଟ୍ର ମାତୃଭାଷାର ପ୍ରଚାର ପ୍ରସାର ଲାଗି ନିଜ ନିଜ ସ୍ତରରେ ଅଭିଯାନ ଚଳାଇବେ ବୋଲି ୨୦୦୯ ମେ ୧୬ ବୈଠକରେ ଜାତିସଂଘ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏହା ପରଠାରୁ ଫ୍ରାନସ୍ ପ୍ୟାରିସ୍‌ରେ ଥିବା ୟୁନେସ୍କୋ ମୁଖ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱର ପ୍ରତିଟି ଦେଶରେ ଏହି ଦିବସ ପାଳନ କରାଯାଇଛି। ବିଶ୍ୱବାସୀଙ୍କ ପାଇଁ ଶିକ୍ଷା ଏବଂ ଶିକ୍ଷା ଜରିଆରେ ସମସ୍ତଙ୍କ ଭବିଷ୍ୟତ ସୁରକ୍ଷିତ କରିବା ମଧ୍ୟ ଏ ବର୍ଷ ମାତୃଭାଷା ଦିବସର ଏକ ପ୍ରମୁଖ ଉଦ୍ଦେଶ୍ୟ ରହିଛି।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ମମ ଭୂତ ମହେଶ୍ୱରମ୍

## ॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

୧୩୨୧ ସାଲ ୧୯୧୪ ମସିହା ଭାବାବେଶରେ ମତୁଆଲା ହୋଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯେତେବେଳେ କୀର୍ତ୍ତନ କରୁଥିଲେ ସେ ସମୟରେ ସେ ନୃତ୍ୟର ଦୈବୀ ବିଭଙ୍ଗ ଯେପରି ଅନିର୍ବଚନୀୟ ତାହା ଏକ ଅମାନବୀୟ ପ୍ରତିଭାର ନିଦର୍ଶନ। ସଙ୍ଗରେ ଥାଆନ୍ତି ପଞ୍ଚସଖା - ଅନନ୍ତ, କିଶୋରୀ, ଗୋସାଇଁ, କୃଷ୍ଣପ୍ରସନ୍ନ, ସୁଶୀଳଚନ୍ଦ୍ର, ଏତଦ୍‌ବ୍ୟତୀତ କୀର୍ତ୍ତନ ପ୍ରେମୀ ଖୋକନ, ତରଣୀ, ନଫଂର ଘୋଷ... ଇତ୍ୟାଦି। ସେ ଏକ ଅପୂର୍ବ ଅନିର୍ବଚନୀୟ ଅଭୂତପୂର୍ବ ଦୃଶ୍ୟ - ଯାହା ଅବ୍ୟକ୍ତ, କୀର୍ତ୍ତନର ଭାବାବସ୍ଥା। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କେତେବେଳେ ଦୁଇ ବାହୁ ତୋଳି ନାଚି କୁଦି ସମସ୍ତଙ୍କୁ ପ୍ରେମ ବିହ୍ୱଳ କରି ତୋଳୁ ଥିଲେ ତ କେତେବେଳେ ଉତ୍ତାଳ ଭାବର ଆତିଶଯ୍ୟରେ ପ୍ରେମାଲିଙ୍ଗନରେ ସମସ୍ତଙ୍କୁ ବୁକୁରେ ଜାବୁଡ଼ି ଧରୁଥିଲେ ତ ପୁଣି କାହାକୁ କାନ୍ଧରେ ବସାଉ ଥିଲେ। କେତେବେଳେ ବା କାହା କାନ୍ଧ ଉପରକୁ ଚଢ଼ି ଯାଉଥିଲେ। କେତେବେଳେ ବା ନିବିଡ଼ ଭାବରେ ବୁକୁରେ ଜାବୁଡ଼ି ଧରି ପ୍ରେମାଲିଙ୍ଗନ ପୂର୍ବକ ଚୁମା ଖାଉଥିଲେ। ସେ ଭାବ ରାଜ୍ୟର ଦୃଶ୍ୟ ମର୍ତ୍ତ୍ୟରେ ସମ୍ଭବ ନୁହେଁ, ସ୍ୱର୍ଗରେ। ଜୀବନରେ ଶ୍ରୀ ଶ୍ରୀ ଠାକୁର ନିଜେ କୌଣସି ଆସନର ଅଭ୍ୟାସ ନକରି ଥିବା ସ୍ଥଳେ କୀର୍ତ୍ତନାବସ୍ଥାରେ ଏତାଦୃଶ୍ୟ ସମସ୍ତଙ୍କ ମାନସ ରାଜ୍ୟରେ ଏକ ଦୁର୍ଭେଦ୍ୟ, ବିସ୍ମୟ ଅମୀମାଂସିତ ରହସ୍ୟ ହୋଇ ରହିଯାଇଛି - ଅଦ୍ୟାବଧି। ଗୀତାରେ ସେହି ମହାନ ବାଣୀ, - 'ଅବ ଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍, ପରଂ ଭାବ ମଜାନନ୍ତୋ ମମ ଭୂତ ମହେଶ୍ୱରମ୍।।'

ଯେ ନିଜର ହୃଦୟ କ୍ଷେତରେ ପ୍ରେମର ଫସଲ ଉପୁଜାଏ ସେ ହିଁ ପ୍ରକୃତ ଖ୍ରୀଷ୍ଟିୟାନ୍, ଶିଖ, ହିନ୍ଦୁ ବା ମୁସଲମାନ। ବସ୍ତୁତଃ ଯିଏ ହୃଦୟରେ ପ୍ରେମଭାବ ପୋଷଣା କରେ ସେ ହିଁ ପ୍ରକୃତ ମାନବ। ପ୍ରେମ ମଣିଷର ପ୍ରାଣବାୟୁ ଅଟେ। ପ୍ରେମ ହିଁ ସକଳ ଜୀବ ମଧ୍ୟରେ ଦିବ୍ୟ ଚେତନା। ପ୍ରେମ ହିଁ ଜୀବନର ଲକ୍ଷ୍ୟ। ମାନବ ଜୀବନ ପ୍ରେମ ଦ୍ୱାରା ରସମୟ ହୋଇଥାଏ। ଏହି ନିତ୍ୟ ଶୁଦ୍ଧ ପ୍ରେମତତ୍ତ୍ୱକୁ ବୁଝି ନପାରି ମଣିଷ ନାନାବିଧ ଦୈହିକ ତଥା ସାଂସାରିକ ଅଶାନ୍ତି ଓ ଉଦ୍‌ବେଗରେ ହନ୍ତସନ୍ତ ହେଉଛି। ଆଜିକାଲି ଲୋକମାନଙ୍କ ମଧ୍ୟରେ ପ୍ରେମଭାବ କମିଯିବାର ଦେଖାଯାଉଛି। ପ୍ରେମଶୂନ୍ୟ ମାନବ ଦାନବ ସହ ସମାନ। ଦାନବ ପ୍ରବୃତ୍ତିଯୁକ୍ତ ମଣିଷ ଆଜି ପଶୁ ଭଳି ବ୍ୟବହାର କରୁଛି। ଭଗବାନ ଜୀବମାନଙ୍କୁ ଭୂତ, ପ୍ରେତ ବା ପିଶାଚ କରି ସୃଷ୍ଟି କରି ନଥାନ୍ତି। ଏଗୁଡ଼ିକ ମଣିଷର ସୃଷ୍ଟି। ପ୍ରତ୍ୟେକଙ୍କୁ ନାମ ଓ ପ୍ରେମ ପ୍ରଚାର ପାଇଁ ଗଠନ କର। ପ୍ରେମ ହିଁ ସ୍ୱର୍ଗ ଓ ସ୍ୱର୍ଗ ହିଁ ପ୍ରେମ - ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପବିତ୍ର ପୁଣ୍ୟପୋଥିରେ ଅମୃତ ପାବନ ଉଦ୍‌ଘୋଷଣ ଦେଇ ସତ୍‌ସଙ୍ଗୀମାନଙ୍କୁ ଆଶୀର୍ବଚନ କରି କହିଛନ୍ତି - 'ନିଃସ୍ୱାର୍ଥପର ଭାବରେ ଭଲ ପାଇ ଦେଖ। ଭଲପାଇ ଦେଖ। ଭଲ ପାଇବା ପାଇଁ ମନ ଭିତରେ କୌଣସି ପ୍ରକାର ଗୋଳମାଳ ରଖ ନାହିଁ। ଦେଖ, ମନ ହିଁ ସବୁ କରେ।' 'ପ୍ରାଣ ଧରିବାକୁ ଗଲେ ପ୍ରେମ ହିଁ ଔଷଧ। ଜଗତରେ ଯେତେ ବେଶୀ ଲୋକଙ୍କୁ ଭଲପାଇ ପାରିବୁ ଜଡ଼ ଚେତନକୁ ଯେତେ ଭଲପାଇ ପାରିବୁ, - ଈଶ୍ୱରଙ୍କୁ ସେତେ ଭଲ ପାଇପାରିବୁ। ଯଦି ମୋତେ ପାଇବାକୁ ଚାହଁ, ଭଲପାଅ। ସମସ୍ତ ଜୀବକୁ ଭଲପାଅ। ଭଲପାଅ, ପ୍ରାଣକୁ ଭଲପାଅ, ଜଗତକୁ ଭଲପାଅ, ତା'ହେଲେ ମୋତେ ପାଇବ।'

ନିଜ ହୃଦୟରେ ପ୍ରେମଭାବ ପରିପୁଷ୍ଟ କରୁଥିବା ବ୍ୟକ୍ତି ହିଁ ଜଣେ ପ୍ରକୃତ ଖ୍ରୀଷ୍ଟିୟାନ, ଶିଖ୍, ହିନ୍ଦୁ ବା ମୁସ୍‌ଲମାନ ହୋଇପାରେ। ଦୁର୍ଭାଗ୍ୟବଶତଃ ଆଜି କେହି ହେଲେ ସେମାନଙ୍କର ହୃଦୟ କ୍ଷେତରେ ପ୍ରେମର ବୀଜ ବପନ କରୁ ନାହାନ୍ତି। ତେବେ ତୁମେ ପ୍ରେମର ଶସ୍ୟ ଅମଳ କରିବ ବୋଲି କିପରି ଭାବୁଛ? ଯାହା ମଧ୍ୟରେ ପ୍ରେମଭାବ ନାହିଁ ସେ ମଣିଷ ହେବ କିପରି? ଶ୍ରୀ ଶ୍ରୀ ଠାକୁର ଆହୁରି ମଧ୍ୟ କହିଛନ୍ତି - 'ଭଗବାନଙ୍କୁ ଭଲପାଏ କି ନା ଠିକ୍ କରିବାକୁ ହେଲେ ଆଗେ ଦେଖିବାକୁ ହୁଏ ମୁଁ ଜଗତକୁ ଭଲ ପାଏ କି ନାହିଁ। ଦେଖ, ଯଦି ଜଗତର ପ୍ରତ୍ୟେକ ଜୀବକୁ ଭଲପାଉ, ପ୍ରତ୍ୟେକ ବସ୍ତୁକୁ ଭଲପାଉ ସେତେବେଳେ ବୁଝିବୁ ମୁଁ ଭଗବାନଙ୍କୁ ଭଲପାଏ, ଏହିପରି ଭାବିବା ହିଁ ଭଲ।' ଭଲପାଇବାଟା ହିଁ ସ୍ୱର୍ଗ। ଭଲପାଇବା ହିଁ ନରକରେ ସ୍ୱର୍ଗ ସ୍ଥାପନ କରିଥାଏ। ଦେଖ, ଅନ୍ତରରେ ଭଲପାଇବା ନଥିଲେ ମଧ୍ୟ ବାହାରେ ଭଲ ପାଇବାକୁ ହୁଏ। ଦେଖ, ଜଣେ କୁଷ୍ଠ ରୋଗୀ ଯଦି ରାସ୍ତାରେ ବସି 'ଗୋଟାଏ ପଇସା ଦିଅ, ଗୋଟାଏ ପଇସା ଦିଅ' କହେ, ତୁ ସେତେବେଳେ ମନକୁ ପଚାରିବୁ 'ମନ! ତୁ ଏହାକୁ ଭଲପାଇ ପାରିବୁ?' ମନ ଯଦି ଅସ୍ୱୀକାର କରିବ, ତେବେ ମନ ବିପକ୍ଷରେ ଛିଡ଼ା ହେବୁ.... 'ଦେଖ, ପାରିବୁ ନାହିଁ ବୋଲି କହୁଛୁ କାହିଁକି?' ଏଇ ପରପାଇଁ ଯେତେବେଳେ ତୁ ତୋର ଗଳାଟା କାଟି ଦେଇ ପାରିବୁ, ସେତେବେଳେ ଜାଣିବୁ ତୁହିଁ ଭଗବାନଙ୍କୁ ଭଲ ପାଉଛୁ। ପ୍ରକୃତ ହିନ୍ଦୁ, ମୁସଲ୍‌ମାନ ବା ଖ୍ରୀଷ୍ଟିୟାନ ପ୍ରେମସ୍ୱରୂପ ହେବା ଆବଶ୍ୟକ। ମୁସଲମାନମାନେ ପ୍ରାର୍ଥନା କରିଥାନ୍ତି, 'ଆଲ୍ଲା ହୋ ଆକବର୍' ଅର୍ଥାତ୍ ଈଶ୍ୱର ହିଁ ମହାନ୍। ଇସ୍‌ଲାମର ଅର୍ଥ ହେଲା ଶାନ୍ତି। ତେଣୁ ଯିଏ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରେ ସେ ପ୍ରକୃତ ମୁସଲମାନ। ଏକ ପ୍ରେମପୂର୍ଣ୍ଣ ହୃଦୟରୁ ଶାନ୍ତି ବିକଶିତ ହୁଏ। ପ୍ରେମ ବିନା ଜଣେ ଶାନ୍ତି ପାଇ ପାରେନା, ତେଣୁ ଯେ କୌଣସି ଜାତି, ଧର୍ମ ବା ମତବାଦ ପାଇଁ ମୂଳ ହେଲା ପ୍ରେମ। ପ୍ରେମ ହିଁ ଶିବ, ପ୍ରେମ ହିଁ ମଙ୍ଗଳ, ପ୍ରେମ କାହାକୁ କଷ୍ଟ ଦିଏନା। ଯାହା କଷ୍ଟ ଦିଏନା ତାହା ହିଁ ଶିବ। ପ୍ରେମଶୂନ୍ୟ ମାନବକୁ ଶବ, ପ୍ରେମଯୁକ୍ତ ମାନବକୁ ଶିବ କହିବା ଠିକ୍ ହେବ।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ଦେଲେ ଅସନ୍ତୁଷ୍ଟ କାଉନସିଲ

**ହିନ୍ଦୋଳ,(ମହାଭାରତ) :** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନ ଏ ସି ରେ ବିଭିନ୍ନ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ କାଉନସିଲର ମାନେ ଆଜି ଓଡାପଡା ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ସାକ୍ଷାତକରି ଅଭିଯୋଗ ଦେଇଛନ୍ତି । ଏହାକୁ ନେଇ ହିନ୍ଦୋଳ ଏନଏସି ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି ।ଗତ ସ୍ୱାୟତ୍ତ ଶାସନ ଦିବସରେ ଅଧ୍ୟକ୍ଷଙ୍କ ଖାସ ଦୁଇ କାଉନସିଲରଙ୍କ ସମେତ ୧୪ଜଣ ପାରିଷଦମାନେ ଅସନ୍ତୁଷ୍ଟ ହୋଇ ଯୋଗନ ଦେବାରୁ ଅଧ୍ୟକ୍ଷ, ନିର୍ବାହୀଅଧିକାରୀ ଦୁଇଜଣ କାଉନସିଲର, କର୍ମଚାରୀ ମାନଙ୍କୁ ନେଇ ସ୍ୱାୟତ୍ତଶାସନ ଦିବସ ସାରି ଦେଇଥିଲେ। ପାରିଷଦମାନଙ୍କ ଅନୁଯାଇ ନିର୍ବାଚନ ସମୟରେ ପରିଷଦର ବିନା ଅନୁମୋଦନରେ ନିର୍ବାଚନ ପାଇଁ ୧୭ଲକ୍ଷ ଖର୍ଚ୍ଚ,ଜୈନିକ କାଉନସିଲରଙ୍କ ପ୍ରରୋଚନାରେ ନିର୍ଦ୍ଦିଷ୍ଟ



ଗୋଟିଏ ୱାର୍ଡରେ ୧୭-୧୮ଲକ୍ଷ କାମ କରାଯାଇଥିବାବେଳେ ଅନ୍ୟ କୌଣସି ୱାର୍ଡ ପାଇଁ ଟେଣ୍ଡର ନହେବା, କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟ, ଆୟ ବ୍ୟୟ ହିସାବ ନଦେବା ଏବଂ ୱାର୍ଡର ଆବଶ୍ୟକତା ଅନୁଯାଇ କାଉନସିଲରଙ୍କୁ ପ୍ରାଧାନ୍ୟ ନଦେବା ଓ ୱାର୍ଡ କାର୍ଯ୍ୟକୁ ବାରମ୍ବାର ଅଣଦେଖା କରାଯିବା, ପରିଷଦ ଅଗୋଚରରେ ମନମୁଖି କାର୍ଯ୍ୟ କରିବା ଏବଂ ନିୟମାନୁଯାୟୀ ମାସିକ ବୈଠକ ନକରିବା ଇତ୍ୟାଦି କାରଣ ପାଇଁ ଅସନ୍ତୁଷ୍ଟ ଉପାଧ୍ୟକ୍ଷାଙ୍କ ସମେତ ୧୪ଜଣ କାଉନସିଲର ସ୍ୱାୟତ୍ତଶାସନ ଦିବସରେ ଅନୁପସ୍ଥିତ ରହିବା ଏକ ଭିର୍ନ୍ନ ସଂକେତ ଦେବା ସହ ଆଗକୁ ହିନ୍ଦୋଳ ଏନଏସି ରାଜନୈତିକ ପାଣିପାଗକୁ ଗୋଳିଆ କରିଦେଇଛି ଯାହା କି ସହରସାରା ରାସ୍ତାଘାଟ, ବଜାର ଛକ ସବୁଠି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହିସବୁ କାର୍ଯ୍ୟପାଇଁ ଅସନ୍ତୁଷ୍ଟ କାଉନସିଲରମାନେ ଆଜି ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏବଂ ହିନ୍ଦୋଳ ଉପଜିଲ୍ଲାପାଳ ଓ ହିନ୍ଦୋଳ ଏନଏସି ନିର୍ବାହୀଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦେଇ ତୁରନ୍ତ ନିୟମିତ କାଉନସିଲ ବୈଠକ ଡକାଇବା, ସମସ୍ତ ଆୟବ୍ୟୟ ହିସାବଦେବା,ସମସ୍ତ ୱାର୍ଡକୁ ସମାନ ଟେଣ୍ଡର, ଷ୍ଟାଣ୍ଡିଙ୍ଗ କମିଟି ଗଠନ ସହ ବେଆଇନ କାର୍ଯ୍ୟର ତଦନ୍ତ ଇତ୍ୟାଦି ଦାବି ରଖିଛନ୍ତି। ଅସନ୍ତୁଷ୍ଟ କାଉନସିଲର ମାନଙ୍କ ମତ ଅନୁଯାଇ ଅଧ୍ୟକ୍ଷ ନିର୍ଦ୍ଦିଷ୍ଟ ଜଣେ କାଉନସିଲର ଓ ଜୈନିକ ପୂର୍ବତନ ବିଜେଡି କର୍ମୀ(ବର୍ତ୍ତମାନ ବିଜେପିରେ)ଙ୍କ କଥାରେ ପରିଚାଳିତ ହୋଇ ସମସ୍ତ କାଉନସିଲରଙ୍କୁ ଅଣଦେଖାକୁ ନେଇ କାଉନସିଲର ମାନଙ୍କ ମଧ୍ୟରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି।

## କୃଷି ବିଭାଗ ପକ୍ଷରୁ ଡିଜିଟାଲ ଫସଲ ସର୍ବେକ୍ଷଣ ବୈଠକ

**ପାଟଣା,(ମହାଭାରତ) :** ଚଳିତ ବର୍ଷ ଖରିଫ ୨୦୨୪ରେ ସାହାରପଡା ବ୍ଲକ ରେ ୨୦ଟି ଗ୍ରାମ ପଞ୍ଚାୟତର ୧୫୪ ଟି ରାଜସ୍ୱ ଗ୍ରାମରେ ଡିଜିଟାଲ ଫସଲ ସର୍ବେକ୍ଷଣ ହେବ। ଏଥିରେ ହାରହାରି ୨ ଲକ୍ଷ ୬ ହଜାର ପ୍ଲଟକୁ ସର୍ବେକ୍ଷଣ କରିବା ପାଇଁ ବ୍ୟବସ୍ଥା ହୋଇଛି। ଏଥି ପାଇଁ ବିଗତ ଦିନରେ କିଛି ସର୍ବେକ୍ଷଣକାରୀ ଓ ତତ୍ୱାବଧାରକ ପଞ୍ଚାୟତିରାଜ ଓ ପାନୀୟ ଜଳ, କୃଷି ଓ କୃଷକ ସଶକ୍ତିକରଣ ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଓ ଅନ୍ୟ ଆନୁସଙ୍ଗିକ ବିଭାଗ ରୁ ଅଧିକାରୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ସାହାରପଡା କୃଷି ବିଭାଗ ସଭା ଗୃହରେ ସାହାରପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଧବ ଚନ୍ଦ୍ର ବିରୁଆ ଓ ତହସିଲଦାର ପରମାନନ୍ଦ ଖଣ୍ଡେଇ ଙ୍କ ଅଧ୍ୟକ୍ଷତା ରେ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନା ନାୟକ ଏବଂ ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼ ସଦସ୍ୟା ଚମ୍ପାବତୀ ଟୁଡୁ ଯୋଗ ଦେଇଥିଲେ। ତାଲିମ ପ୍ରାପ୍ତ ସର୍ବେକ୍ଷଣକାରି ମାନେ ବିଭିନ୍ନ ରାଜସ୍ୱ ଗ୍ରାମକୁ ଯାଇ ଚାଷ ଜମିର ସର୍ବେକ୍ଷଣ କାର୍ଯ୍ୟ କରିବେ, ଏହି ସର୍ବେକ୍ଷଣ ସମୟରେ ସର୍ବେକ୍ଷଣକାରି ମାନେ ଚାଷ ଜମିର ସତ୍ତ୍ୱାଧିକାରୀ ମାନଙ୍କର ନାମ, ଆଧାର, ଜମି ଓ ଫସଲ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବେ. ଏହା ଦ୍ୱାରା ସଠିକ କ୍ଷେତ୍ର ପରିମାଣ, ଫସଲ ପରିଚାଳନା ନିଷ୍ପତି, ସମୟାନୁମୋଦିତ ଫସଲ କ୍ଷେତ୍ର ଆକଳନ, ସରଳ ଭାବେ ଋଣ ପ୍ରଦାନ ମାଧ୍ୟମ, ସଠିକ ପ୍ରୀମିୟମ ଗଣନା, ଫସଲ ବିବିଧିକରଣ ପ୍ରସ୍ତୁତି, ବିଭିନ୍ନ କୃଷି ଯୋଜନାର ତଦାରଖ, ବିପଣନ କେନ୍ଦ୍ର ସ୍ଥାପନ ପାଇଁ ଆଗୁଆ ପ୍ରସ୍ତୁତି ଓ ଚାଷ ଆବଶ୍ୟକତା ଅନୁଯାୟୀ ବ୍ୟକ୍ତିଗତ ପରାମର୍ଶ ସୁବିଧା ପାଇପାରିବେ। ଆଜିର ଏହି କାର୍ଯ୍ୟକ୍ରମରେ ବିଭିନ ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ, ବିଭିନ ବିଭାଗୀୟ ପଞ୍ଚାୟତ ସ୍ତରୀୟ କର୍ମଚାରୀ, କୃଷକ ସାଥି ଓ ଅନ୍ୟାନ୍ୟ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ। ଗୋଷ୍ଠୀ କୃଷି ଅଧିକାରୀ ତନୟା ସାହୁଙ୍କ ତତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିବା ବେଳେ, କୃଷି ବିଭାଗ ତରଫରୁ ରୂପକ କୁମାର ଦାଶ, ଦିଲ୍ଲୀପ କୁମାର ପ୍ରଧାନ, ବିକ୍ରମ କୁମାର ଖାଟୁଆ,ବାବୁଲାଲ ସୋରେନ, ଅନୀଲ କୁମାର ସ୍ୱାଇଁ ପ୍ରମୁଖଙ୍କ ସମେତ ସମସ୍ତ କୃଷି ଅଧିଦର୍ଶକ ଓ ଗ୍ରାମ୍ୟ କୃଷି କର୍ମଚାରୀ ମାନେ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଭବାନୀପାଟଣା ଜନ ଶୁଣାଣି ଶିବିର



**ଭବାନୀପାଟଣା,(ମହାଭାରତ) :** ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ଏବଂ ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜି ଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପ ଜିଲ୍ଲାପାଳ, ଧର୍ମଗଡ ଧିମନ ଚକମା, ସି ଡି ଓ, ଜିଲ୍ଲା ପରିଶଦ ଦୟାମୟ ପାଢ଼ି ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୧୯୮ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୪୯ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୪୦ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା।୧୭ଟି ଅଭିଯୋଗର ସମାଧାନ ତୁରନ୍ତ କରଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୯ଜଣଙ୍କୁ ସହାୟତା ପ୍ରଦାନ ମଞ୍ଜୁର କରାଯାଇଥିଲା।

## ଅବସର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧନା

**କନ୍ଧମାଳ,(ମହାଭାରତ) :** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ୍ ଅନ୍ତର୍ଗତ ଦଳପଡା ପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀ ସନ୍ତୋଷ କୁମାର ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା । ସୂଚନା ପ୍ରକାରେ ଶ୍ରୀ ପଣ୍ଡା ୧୯୯୫ ମସିହା ଖଜୁରୀପଡା ବ୍ଲକ୍ ଅନ୍ତର୍ଗତ ବିଳାବାଡି ପଞ୍ଚାୟତ ଘାଟିତଳ ପ୍ରାଥମିକ ବିଦ୍ୟାଳୟ ଠାରେ ଶିକ୍ଷକତା ଜୀବନ ଆରମ୍ଭ କରି ବ୍ଲକ୍ ର ୭ଟି ବିଦ୍ୟାଳୟରେ ଶିକ୍ଷକ ପ୍ରଧାନ ଶିକ୍ଷକ ଭାବେ ଶିକ୍ଷାଦାନ କରି ଥିଲେ । ୨୦୦୦ ମସିହା ଠାରୁ ସାଧନ କର୍ମୀ ଭାବେ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ଟ୍ରେନିଂ ଦେଇ ପ୍ରିୟ ଭାଜନ ହୋଇଛନ୍ତି । ସେ ଜଣେ ଦାୟିତ୍ୱବାନ ଓ ଜଣେ ପ୍ରେରଣା ମୟୀ ଶିକ୍ଷକ ସବୁ ବେଳେ ସେ ବିଦ୍ୟାଳୟ, ଛାତ୍ର ଛାତ୍ରୀ ଏବଂ ଅଭିଭାବକମାନଙ୍କ



ସହ ଉତ୍ତମ ସଂଯୋଗ ରଖି ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷାଦାନ କରି ଉନ୍ନତି ପାଇଁ ଚାହୁଁଥିଲେ । ଦୀର୍ଘ ୩୦ ବର୍ଷ ଶିକ୍ଷକତା ମଧ୍ୟରେ ଜଣେ ବହୁ ହିତ ସାଧନ ବ୍ୟକ୍ତି ଆଉ ସମୟ ପ୍ରତି ଧ୍ୟାନ ଦେବା ବ୍ୟକ୍ତି ତେଣୁ ସେ ଲୋକ ଓ ଅଭିଭାବକମାନଙ୍କ ଠାରେ ବେଶ ପ୍ରଶଂସାର ପାତ୍ର ହୋଇଛନ୍ତି । ୨୦୧୧ ମସିହାରେ ନଗଲେଜୁ ପ୍ରାଥମିକ ବିଦ୍ୟାଳୟ ତା'ପରେ ଆର୍ ନୂଆଁ ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବର୍ତ୍ତମାନ ଦଳପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ ଚଳିତ ଅଗଷ୍ଟ ମାସ ୩୧ ତାରିଖ ଦିନ ତାଙ୍କର କାର୍ଯ୍ୟକାଳ ଶେଷ ହୋଇଥିଲା । ଏହି ଅବସରରେ ଦଳପଡା ପଞ୍ଚାୟତର ସମସ୍ତ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ଭାବେ ଖଜୁରୀପଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ବିନୋଦ ବିହାରୀ ଦିଗାଲ,ଏ ବି ଓ ଜ୍ୟୋତ୍ସ୍ନାରାଣୀ ମଳିକ ସମେତ ଦଳପଡା ପଞ୍ଚାୟତର ସମସ୍ତ ଗ୍ରାମର ସରକାରୀ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ ।

## ଏବେ ବି ଝୁରୁଛନ୍ତି ବିଜୁ ସ୍ୱାସ୍ଥ୍ୟ କାର୍ଡ ସୁବିଧାକୁ

**ବେଗୁନିଆ,(ମହାଭାରତ) :** ବେଗୁନିଆ ସଦର ମହକୁମା ସ୍ଥିତ ଶ୍ରୀ କେୟାର ହସ୍ପିଟାଲରେ ବିରଳ ପାରା ଆମ୍ବିକାଲ ହାରନିଆ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ସମ୍ପୂର୍ଣ୍ଣ ମାଗଣାରେ ଅପରେସନ ହୋଇ କଠିନ ଯନ୍ତ୍ରଣାରୁ ମୁକ୍ତି ପାଇଛନ୍ତି। ତଥାପି ଲୋକମାନେ ଚିକିତ୍ସା ପାଇଁ ବର୍ତ୍ତମାନ ସୁଦ୍ଧା ଗରିବର ସାଥି ବିଜୁ ସ୍ୱାସ୍ଥ୍ୟ କାର୍ଡ ସୁବିଧାକୁ ନେଇ ଝୁରୁ ଥିବାର ପ୍ରତ୍ୟେକ ସ୍ଥାନରେ ପରି ଲକ୍ଷିତ ହେଉଛି । ସୂଚନା ଅନୁଯାୟୀ ବୋଲଗଡ ବ୍ଲକ ଅନ୍ତର୍ଗତ ମର୍ଦାବାଡି ଗ୍ରାମର ସାରଥ ବେହେରା (୪୯) ଦୀର୍ଘ ୫ ବର୍ଷ ଧରି ପାରାଅମ୍ବିକାଲ ହାରନିଆ ରୋଗରେ ଆକ୍ରାନ୍ତ ହୋଇଥିଲେ । ତେବେ କଠିନ ଯନ୍ତ୍ରଣା ଭୋଗ କରୁଥିବା ଶ୍ରୀ ବେହେରା ଅପରେସନ ହୋଇ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ବିଜୁ ସ୍ୱାସ୍ଥ୍ୟ କାର୍ଡ ବରଦାନ ଭଳି କାର୍ଯ୍ୟ କରିଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ବର୍ତ୍ତମାନର ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ହିରୀ ଗ୍ରାମରେ ଦେଖିବାକୁ ମିଳିଛି ପିଇବା ଜଳର ସଙ୍କଟ

**ନବରଙ୍ଗପୁର,(ମହାଭାରତ) :** ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କସକୋଙ୍ଗା ପଞ୍ଚାୟ ହିରୀ ଗ୍ରାମରେ ଦେଖିବାକୁ ମିଳିଛି ପିଇବା ଜଳର ସଙ୍କଟ ଲୋକଙ୍କୁ ଜଳକଷ୍ଟରୁ ମୁକ୍ତି ଦେବାକୁ ସରକାରଙ୍କ ଅନେକ ଯୋଜନା ଥାଇ ବି ନ ଥିଲା ଭଳି। କେଉଁଠି ବସୁଧା ଯୋଜନାରେ ବସିଥିବା ପାଣି ଟାଙ୍କି ମାସ ମାସ ଧରି ଅଚଳ ହୋଇ ପଡ଼ିଛି ତ ଆଉ କେଉଁଠି ପାଣି ପାଇଁ କୂଅ ଉପରେ ଲୋକଙ୍କ ଭରସା। ଏଭଳି ଭାବେ ପାଣି ଟିକିଏ ପାଇଁ ଡହଳ ବିକଳ ହେଉଛନ୍ତି ଲୋକେ। ହେଲେ ଏଥିପ୍ରତି ନା ବିଭାଗ



ନା ପ୍ରଶାସନ, କାହାରି ନଜର ପଡୁନାହିଁ। ଏମିତି ପାନୀୟ ଜଳ ପାଇଁ ଲୋକେ ହଇରାଣ ହେଉଥିବା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କଶକୋଙ୍ଗା ପଞ୍ଚାୟତ ଅନ୍ତର୍ଗତ ହୀରି ଗ୍ରାମରେ। ଯେଉଁଠି ଏକ କଟି ଦଶଲକ୍ଷ ଟଙ୍କାରେ ନିର୍ମାଣ ହୋଇଛି ଏକ ଲକ୍ଷ ପଚ୍ଚାଶ ହାଜର ଲିଟର ବିଶିଷ୍ଟ ପାଣି ଟାଙ୍କି, ହେଲେ ତାହା ଲୋକଙ୍କ ଶୋଷ ମେଣ୍ଟାଇବାରେ ବିଫଳ। ପାଣି ଟାଙ୍କି ଏବେ ଖତ ଖାଉଛି। ସରକାର ଙ୍କ ପକ୍ଷରୁ ଘରକୁ ଘର ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ସବୁ ଘରକୁ ପାଇପ ସଂଯୋଗ ହୋଇଛି। ମାତ୍ର ୫/୬ ଦିନ ଥରେ ଲେଖାଏଁ ଗୋଟିଏ ବେଳା ଏକ ଘଣ୍ଟା ପାନୀୟଜଳ ଦିଆଯାଉଛି। ଠିକ୍ ଭାବେ ଜଳ ଯୋଗାଣ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରି ଅସନ୍ତୁଷ୍ଟ ପ୍ରକାଶ କରୁଛନ୍ତି। କସକୋଙ୍ଗା ପଞ୍ଚାୟତ ହୀରୀ ଗ୍ରାମରେ ଭୋଟର ସଂଖ୍ୟା ୯୯୨ ଉର୍ଦ୍ଧ୍ୱ ଅଛନ୍ତି। ଟାଙ୍କି ନିର୍ମାଣ ହେଲା ଦିନରୁ ଟାଙ୍କିକୁ ପାଣି ନ ଆସିବାରୁ ଲୋକଙ୍କୁ ସିଧା ସଳଖ କୂଅ ପାଣି ବାଲ୍ଟି ଯୋଗେ ପାଣି ଯୋଗାଣ କରାଯାଉଛି। ତେବେ ଅଧିକାରୀ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେଇ ଲୋକଙ୍କ ଜଳକଷ୍ଟ ଦୂର କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ଭାରସାମ୍ୟ ହରାଇ ବାଇକରୁ ଖସି ଚାଳକ ଗୁରୁତର

**ପାଟଣା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଏରେଣ୍ଡେଇ ଗାଁ ନିକଟରେ ବାଇକ ଭାରସାମ୍ୟ ହରାଇ ଚାଳକ ଖସି ପଡି ଗୁରୁତର ହୋଇଛନ୍ତି । ଗୁରୁତର ଗୁଲୁଦିପଶି ଗ୍ରାମର ରାମ ନାଏକଙ୍କ ମୁହଁ, ମୁଣ୍ଡ, କାନ ରେ ଗଭୀର ଆହତ ଲାଗୁଥିବା ବେଳେ ଜଗଦୀଶ ପିଇଦା ର ଡାହାଣ ଗୋଡ଼, ମୁଣ୍ଡରେ ସାମାନ୍ୟ ଆହତ ଲାଗିଛି। ସ୍ଥାନୀୟ ଲୋକେ ଆହତ ଦୁଇଜଣ ଙ୍କୁ ଦେଖି ଆମ୍ବୁଲାନ୍ସ କୁ ଖବର ଦେଇ ଥିଲେ । ଖବର ପାଇ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଞ୍ଚି ଦୁହେଁ ଙ୍କୁ ଉଦ୍ଧାର କରି ଆଣି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ରୁ ରାମ ଙ୍କ ଅବସ୍ଥା ଗୁରୁତର ଥିବା ରୁ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର।



## ଯୁବ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ପ୍ରବେଶ ଉତ୍ସବ ପାଳିତ

**କପ୍ତିପଦା,(ମହାଭାରତ) :** ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷର କଳା ବିଭାଗରେ ନାମ ଲେଖାଇଥିବା ନବାଗତ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ମାନଙ୍କ ଉଦ୍ଦେଶ୍ୟରେ 'ପ୍ରବେଶ ଉତ୍ସବ' ପାଳିତ





ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଭଗବାନ ପଣ୍ଡାଙ୍କ ପୌରହିତ୍ୟ କରି ସ୍ୱେଚ୍ଛାସେବୀ ମାନଙ୍କୁ ରେଡକ୍ରସର ଇତିହାସ ଓ ସେବାର ଗୁରୁ ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସର ପରାମର୍ଶଦାତା ଅଧ୍ୟାପକ ଶ୍ରୀ ମନୋରଞ୍ଜନ ବିହାରୀ ରେଡକ୍ରସର ଜନକ ଜିନ ହେନେରୀ ଡୁନାଣ୍ଟଙ୍କର ସେବା ଓ ବିଶ୍ୱ ନିମନ୍ତେ ତାଙ୍କର ଅବଦାନ ସମ୍ବନ୍ଧେ ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ସୀତାକଣ୍ଠ ଦାସ ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଅଶୋକ କୁମାର , ସମ୍ମାନିତ ଅତିଥି ଭାବେ ଓ ଅଧ୍ୟାପିକା ଶ୍ରୀମତୀ ପାଙ୍କଜିନି ମହାନ୍ତ ପ୍ରମୁଖ ଉତ୍ତମ ସମାଜ ଗଠନରେ ସେବାର ଗୁରୁ ଦାୟିତ୍ୱ ସମ୍ବନ୍ଧେ ଆଲୋକପାତ କରିଥିଲେ । ଶେଷରେ ଅଧ୍ୟାପକ ଡମ୍ବରୁଧର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆମପାଣି ଅଞ୍ଚଳରେ ବେଆଇନ ଭାବେ ଚାଲିଛି ମଦ ବିକ୍ରି

**କୋକସରା,(ମହାଭାରତ) :** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଥାନା ଅଞ୍ଚଳରେ ଶହ ଶହ ମଦକୋଠି ଛତୁ ଫୁଟିଲା ପରି ବେଆଇନ ଖୋଲିବା ସହ ଦେଶୀ ଓ ବିଦେଶୀ ମଦ ଖୁଲମଖୁଲା ବିକ୍ରି ଚାଲିଛି। ଲୋକଙ୍କୁ ହାତ ପାଆନ୍ତାରେ ଗାଁରେ ଗାଁରେ ମଦ ମିଳୁଥିବା ଯୋଗୁଁ ବିଭିନ୍ନ ସମୟରେ ପାରିବାରିକ ଅଶାନ୍ତି,ଗଣ୍ଡଗୋଳ ଦେଖା ଦେଉଥିବା ବେଳେ। ମଦ୍ୟପାନ କରି ଗାଡ଼ି ଚଲାଇ ଦୁର୍ଘଟଣାର ଶିକାର ମଧ୍ୟ ହୋଇଛନ୍ତି। ମଦ ବେପାରୀ ମାନେ ସରକାରଙ୍କ ନିୟମ କୁ ଖାତିର ନକରି ଅବାଧରେ ଗାଁରେ ଗାଁରେ ବେଆଇନ ମଦ ବିକ୍ରି କରୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଚୋରା ମଦ କାରବାର କୁ ରୋକିବା ପାଇଁ ପୋଲିସ ଓ ଅବକାରୀ ବିଭାଗ ସ୍ୱତନ୍ତ୍ର ଭାବରେ ରହିଥିଲେ ମଧ୍ୟ ସେମିତି କୌଣସି କଠୋର ପଦକ୍ଷେପ ନେଇନଥିବା ଯୋଗୁଁ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି। ଅବକାରୀ ବିଭାଗ ଦ୍ୱାରା ଲୋକ ଦେଖାଣିଆ ଭାବରେ ଆମପାଣି ଅଞ୍ଚଳରେ କେବେ କେମିତି ଚଢ଼ାଉ କରି ନିଜର କର୍ତ୍ତବ୍ୟ ସାରିଦେଉଛନ୍ତି । ଅନ୍ୟ ପଟେ ଚୋରା ମଦ କାରବାର ଭଳି ବିଭିନ୍ନ ବେଆଇନ କାର୍ଯ୍ୟ କୁ ପୋଲିସ କୁ ଖବର ଦେବା ପାଇଁ ପୋଲିସ ଅଧିକାରୀ କହୁଥିବା ବେଳେ ବିଭାଗର କିଛି ପୋଲିସ କର୍ମଚାରୀ ହାତଗୁଞ୍ଜା ନେଇ ମଦ ବ୍ୟବସାୟ ମାନଙ୍କ ସହ ସଳା ସୁତୁରା ସାଜି ପୋଲିସ ଅଧିକାରୀ ଘଣ୍ଟ ଘୋଡ଼ାଇ ରଖିଥିବା ଲୋକେ ସଂନ୍ଦେହ କଲେଣି। ଏପରି କି ଆମପାଣି ଥାନା ଅଞ୍ଚଳର ବିଭିନ୍ନ ଗାଁର କିରାନା ଦୋକାନ, ପାନ ଦୋକାନ ଆଦିରେ ବେଆଇନ ବିଦେଶୀ ମଦ ବିକ୍ରି ହେଉଥିବା ଜାଣିଶୁଣି ମଧ୍ୟ ପୋଲିସ ନିରବ ରହିଥିବା ବୃଦ୍ଧି ଜୀବି ମହଲରେ ପ୍ରଶ୍ନ ଉଠିଛି । ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ବେଆଇନ ମଦ ବିକ୍ରି କାରବାର କୁ ବନ୍ଦ କରିବାକୁ ଦାବି ହୋଇଛି ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି



**ଗଜପତି,(ମହାଭାରତ) :** ଜିଲ୍ଲା ସଦମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ. କୁମାର, ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ଏସ.ଆନନ୍ଦ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଗଜପତି ଡ଼.ଗୁଣନିଧି ନାୟକ ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଳକଇଠା, ବାଘଶାଳ, ରାଣୀପେଣ୍ଠ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ମୋଟ- ୧୦୩ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୭୯ ଗୋଟି, ଗ୍ରାମ ଭିତ୍ତିକ ସମସ୍ୟା- ୨୪ ଗୋଟି ଓ ଗୋଟିଏ ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଗୋସାଣୀ ବ୍ଲକ୍ ଅନ୍ତର୍ଗତ ଉତ୍ତରାସେଲି ଗ୍ରାମର ଶ୍ରୀମତୀ କବିତା ବାରିକ ଓ ଶ୍ରୀ ଖିରୋଦ ଚନ୍ଦ୍ର ଦାସଙ୍କୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମାନଦଣ୍ଡ ଯୁକ୍ତ ଭିନ୍ନକ୍ଷମ ବିବହା ପ୍ରୋତ୍ସାହନ ରାଶି ଦୁଇ ଲକ୍ଷ ପଚାଶ ହଜାର ଟଙ୍କା ଚେକ୍ ପ୍ରଦାନ କରାଯାଇଛି। ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ପ୍ରକଳ୍ପ ପ୍ରଶାସକ,ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଦିଲ୍ଲୀପ କୁମାର ବେହେରା,ଅଭିଯୋଗ ଶୁଣାଣୀର ନୋଡାଲ ଅଧିକାରୀ ତଥା ଡେପୁଟି କଲେକ୍ଟର ଲିପିନା ଦାସ, ଗୋସାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜୟ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମହମ୍ମଦ ଆଲ୍ଲୀ, ସ୍ଥାନୀୟ ତହସିଲଦାର ଶ୍ରୀ ନାରାୟଣ ବେହେରା ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ରାୟଗଡ,(ମହାଭାରତ) :** ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ରାୟଗଡ ଜିଲ୍ଲା ସଦର ମହକୁମାସ୍ଥିତ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତକ୍ଷରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ, ଆରକ୍ଷୀ ଅଧିକ୍ଷକ, ଶ୍ରୀ ହରିଶକ୍ଷ ବି.ସି, ଖଣ୍ଡିୟ ବନ ଅଧିକାରୀ ସଚିନ ଆନ୍ନା ସାହେବ ଓହୋଲ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ, ଜିଲ୍ଲା ପରିଷଦ ଶ୍ରୀ ନିହାର ରଞ୍ଜନ କହଁର, ଉପ ଜିଲ୍ଲାପାଳ, ରାୟଗଡ କଲ୍ୟାଣୀ ସଂଘମିତ୍ରା ଦ୍ୱୋ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲାଲମୋହନ ରାଉତରାୟ , ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୮୨ଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ୬୫ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୭ ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ଜିଲ୍ଲାପାଳ ୦୮ ଜଣକୁ





ମୁଖ୍ୟମନ୍ତ୍ରୀ ସହାୟତା କୋଷରୁ ୭୫ହଜାର ଟଙ୍କା ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ମଧୁବାବୁ ପେନସନ ଯୋଜନାରେ ୫ଜଣକୁ ଏବଂ ଓଡିଶା ଜୀବିକା ମିଶନ ତରଫରୁ ମା ମଝିଗୌରୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ମାଛ ଚାଷ ଓ ଛେଳି ପାଳନ ପାଇଁ ୪ଲକ୍ଷ, ଶ୍ରୀ ଲକ୍ଷ୍ମୀ ସ୍ୱୟଂ ସହଯୋକ ଗୋଷ୍ଠୀକୁ ପନିପରିବା ଓ ମାଣ୍ଡିଆ ଚାଷ ପାଇଁ ୩ଲକ୍ଷ, ମା ମାଝୀ ଗୌରୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ ଓ ପନିପରିବା ଚାଷ ପାଇଁ ତଳଗୁରୁଟି, ହାଲୁଆ ଗ୍ରାମ ପଞ୍ଚାୟତକୁ ୧ଲକ୍ଷ୫୯ହଜାର ଟଙ୍କା, ମେରିମାତା ସ୍ୱୟଂ ସହଯୋକ ଗୋଷ୍ଠୀ ବୈଶିଙ୍ଗଙ୍କୁ ୫୦ହଜାର ଟଙ୍କା ଓ ପରିବକ୍ଷ ଚାଷ ପାଇଁ ୧ଲକ୍ଷ ୫୦ହଜାର ଟଙ୍କା ମେରିମାତା ଜରାବତ୍ତୁ, ବୈସିଙ୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି ଅଭିଯୋଗ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ବସନ୍ତ ନାୟକ, ରାୟଗଡ, ଜିଲ୍ଲା ମଙ୍ଗଳ ଅଧିକାରୀ, ଭରତ ଭୂଷଣ ବିଶ୍ୱାଳ, ରାୟଗଡ ପିଡି ୱାଟରସେଡ, ଡ଼ଃ ଦୟାନିଧି ବାଗ,ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦୟାନିଧି ରାଉତ , ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡି, ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ, ସହକାରୀ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଲଳିତ ମଣ୍ଡଳ, ସହକାରୀ ଜିଲ୍ଲାପାଳ ସସ୍ମିତା ପଟ୍ଟନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଜିଲ୍ଲକ୍ଷକ୍ରୀଡା ଅଧିକାରୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀକାନ୍ତ ପାଣିଗ୍ରାହୀ,ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ,ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ,ଓରମାସର ଡେପୁଟି ସିଇଓ ମନୋଜ କୁମାର ପାତ୍ର,ଓଡିଶା ଜୀବିକା ମିଶନର ଡିପିଏମ ହେମନ୍ତ ବାଗ, ଓ ଅନ୍ୟାନ୍ୟ ଜିଲ୍ଲା ସ୍ଥରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଜିଲ୍ଲାପାଳ କଟପେଟା ଗ୍ରାମପଂଚାୟତର କମ୍ପୋ ମାଲିଗାଁ ଯାଇ ସେଠାରେ ପଲିରୁ ପ୍ରଶାସନ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ସହାୟତା ପ୍ରଦାନ କରିଥିଲେ ।



# ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






# ଅବହେଳିତ ଅବସ୍ଥାରେ ପ୍ରାଚୀ ତଟ ପବିତ୍ର ଦେଉଳି ମଠ

## ଉଦ୍ଧାର ପାଇଁ ଗବେଷକ କଲେ ଦାବୀ




କାକଟପୁର,(ମହାଭାରତ):କାକଟପୁର ପ୍ରାଚୀ ନଦୀ ଅବବାହିକା ରେ ଅନେକ ଐତିହ୍ୟ ସମ୍ପନ୍ନ ମଠ, ଆଶ୍ରମ, ମନ୍ଦିର ରହିଛି, ଏହା ଭିତରେ ଅନେକ ଓଡିଶା ପର୍ଯ୍ୟଟନ ବିଭାଗ ଅଧୀନରେ ରହିଥିବା ବେଳେ ଏବେ ବି ଅନେକ ସ୍ଥାନ ରାଜ୍ୟସରକାର ଙ୍କ ଦୃଷ୍ଟି ରେ ନାହି,ମାଦଳା ପାଞ୍ଜି ବର୍ଣ୍ଣନା ଅନୁସାରେ ବିଦେଶୀ ଙ୍କ ଆକ୍ରମଣ ପୁରୀ ଶ୍ରୀ ମନ୍ଦିର ଉପରେ ହୋଇଥିବା ବେଳେ ଶ୍ରୀ ଜୀଉ ମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇ ପାତାଳି କରାଯାଇଥିଲା। ଦୀର୍ଘ ୧୪୪ ବର୍ଷ ପରେ ଉତ୍କଳ ର ମହାରାଜା ଯଯାତିକେଶରୀ ଙ୍କ ରାଜୁତି ସମୟ ରେ ଆଦି ଗୁରୁ ଶଙ୍କରାଚାର୍ଯ୍ୟ ଙ୍କ ମାର୍ଗ ଦର୍ଶିକା ରେ କାକଟପୁର ପ୍ରାଚୀ ତଟ ରେ ଅବସ୍ଥିତ ଜଗତଜନନୀ ମା ମଙ୍ଗଳା ଙ୍କ ଶରଣାପନ୍ନ ହୋଇଥିଲେ। ମା ଙ୍କ ଆଶୀର୍ବାଦ ରୁ ଶ୍ରୀ ଜୀଉ ମାନଙ୍କ ଆଦ୍ୟ ଚାରି ଗୋଟି ଦାରୁ ଯଥାକ୍ରମେ ବିଶ୍ୱାମିତ୍ର ମଠ, ଗୌତମ ଋଷି ବା ରୋହିଣୀ କୁଣ୍ଡ ମଠ, ଦେଉଳି ମଠ ଓ ଅପସରା ମଠ ରୁ ଯାଇଥିଲା ଏଂବ ଶ୍ରୀ ଜୀଉ ମାନଙ୍କ ନୂତନ ଶରୀର ନିର୍ମାଣ ହୋଇଥିଲା, କିନ୍ତୁ ଦୁଃଖ ଓ ଦୁର୍ବିପାକ ର କଥା ଯେ ଦେଉଳି ମଠ ଯେଉଁଠି ପ୍ରଥମେ ମା ମଙ୍ଗଳା ଙ୍କ ପୂଜା ହେଉଥିଲା ଆଉ ସେହି ସ୍ଥାନ ଆଦ୍ୟ ଦାରୁକ୍ଷେତ୍ର କିନ୍ତୁ ଆଜି ଅବହେଳିତ ଅବସ୍ଥା ରେ ରହିଛି। ୨୦୧୫ ମସିହା ରେ ନବକଳେବର ସମୟ ରେ ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର ପ୍ରଶାସନ ଓ ସରକାର ଙ୍କ ନିକଟରେ ଦାବୀ ରଖିଥିଲେ ଏହି ମଠ ଗୁଡିକ ର ବିକାଶ ପାଇଁ। ଏହା ବିଷୟରେ ସରକାର ଅବଗତ ହେବା ପରେ ପ୍ରଥମେ ଦେଉଳି ମଠ କୁ ରାଜ୍ୟ ପର୍ଯ୍ୟଟନ ର ମାନ୍ୟତା ଦେବା ସହିତ ପର୍ଯ୍ୟଟନ ଓ ବରିଷ୍ଠ ନାଗରିକ ଭବନ ନିର୍ମାଣ କରାଗଲା, କିନ୍ତୁ ତାହା ଏବେ ଭୁତ ଙ୍କ କବ୍ଜା ରେ ବୋଲି ପଣ୍ଡିତ ତ୍ରିଲୋଚନ ମିଶ୍ର ଅଭିଯୋଗ ଆଣିଛନ୍ତି। ଏହିଠାରେ ବିବାହ, ବାହାଘର, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ପାଇଁ ଲକ୍ଷାଧିକ ଟଙ୍କା ଆଦାୟ ହେଉଛି କିନ୍ତୁ ଏହି ଅର୍ଥ କେଉଁ ବିଭାଗ ପାଉଛି, କି କେଉଁ ପାଣ୍ଠି କୁ ଯାଉଛି ତାହା ସମ୍ପୂର୍ଣ୍ଣ ରୂପେ ଜଣାପଡୁନାହିଁ। ସେଥିପାଇଁ ନୂତନ ସରକାର ଏହି ଐତିହ୍ୟ ସମ୍ପନ୍ନ ତୀର୍ଥ ଭୂମି ଉପରେ ଦୃଢ ପଦକ୍ଷେପ ନେବା ସହ ଏହାକୁ ପୁନଃଉଦ୍ଧାର କରିବା ପାଇଁ ପ୍ରାଚୀ ଓ ଜଗନ୍ନାଥ ସଂସ୍କୃତି ର ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର ଦାବୀ କରିଛନ୍ତି।

# ସୁଭଦ୍ରା ଯୋଜନା ଫର୍ମ ବଣ୍ଟନ ଓ ଆବେଦନ ପ୍ରକ୍ରିୟା ଆରମ୍ଭ



ଅସ୍ତରଙ୍ଗ,(ମହାଭାରତ): ରାଜ୍ୟ ରେ ସୁଭଦ୍ରା ଯୋଜନା ଫର୍ମ ବଣ୍ଟନ ଓ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି, ଏହାକୁ ନେଇ ଅସ୍ତରଙ୍ଗ ବ୍ଲକ ରେ ବିଭିନ୍ନ ପଞ୍ଚାୟତ ର ଅଙ୍ଗନବାଡି କେନ୍ଦ୍ର ଓ ସହଜ ଜନସେବା ସହିତ ମୋ ସେବା କେନ୍ଦ୍ର ଗୁଡିକ ରେ ହିତାଧିକାରୀ ଓ ତାଙ୍କ ସମ୍ପର୍କୀୟ ଙ୍କ ଭିଡ଼ ଦେଖିବାକୁ ମିଳିଛି। ରାଜ୍ୟ ସରକାର ପ୍ରତ୍ୟେକ ମହିଳା ଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ତାଙ୍କୁ ୫ ବର୍ଷ ରେ ୫୦ ହଜାର ଟଙ୍କା ପ୍ରଦାନ କରିବେ, ଏହି ପଇସା ସିଧା ମହିଳା ଙ୍କ ଆଧାର ପଞ୍ଜିକୃତ ବ୍ୟାଙ୍କ ଆକାଉଣ୍ଟ କୁ ଯିବ, ୧ ବର୍ଷକୁ ୧୦ ହଜାର ଟଙ୍କା ଯେଉଁଟା ବର୍ଷକ ମଧ ରେ ୨ ଟି କିସ୍ତି ହିସାବରେ ପଠାଇବା ବ୍ୟବସ୍ଥା କରାଯାଇଛି। ପ୍ରଥମ କିସ୍ତି ଟଙ୍କା ଅନ୍ତର୍ଜାତୀୟ ମହିଳା ଦିବସ ରେ ୫ହଜାର ଟଙ୍କା ଓ ଦ୍ୱିତୀୟ କିସ୍ତି ରାକ୍ଷୀ ପୂର୍ଣ୍ଣିମା ରେ ୫ ହଜାର ଟଙ୍କା ମହିଳା ହିତାଧିକାରୀ ପାଇପାରିବେ, ଏହାକୁ ନେଇ ବ୍ଲକ ସ୍ତରରେ ସମସ୍ତ ଅଙ୍ଗନବାଡି ଦିଦି ଙ୍କର ମହିଳା ଓ ଶିଶୁ ବିକାଶ କଲ୍ୟାଣ ତରଫରୁ ଏକ ପ୍ରଶିକ୍ଷଣ ଶିବିର ହୋଇଥିଲା, ପ୍ରଶିକ୍ଷଣ ପରେ ଅଙ୍ଗନବାଡି କର୍ମୀ ନିଜ ନିଜ ସେଣ୍ଟର ରେ ଆଜି ହିତାଧିକାରୀ ମାନଙ୍କୁ ଫର୍ମ ବାଣ୍ଟିବା ସହିତ ଫର୍ମ ପୂରଣ କରିବାରେ ସାହାଯ୍ୟ କରିଛନ୍ତି। ଅସ୍ତରଙ୍ଗ ବ୍ଲକ ଅଧୀନରେ ୧୫ ଗୋଟି ପଞ୍ଚାୟତ ରେ ୧୭୮ ଟି ଅଙ୍ଗନବାଡି ସେଣ୍ଟର, ୬୦ ଟି ଜନସେବା କେନ୍ଦ୍ର ଓ ୧୫ ଗୋଟି ମୋ ସେବା କେନ୍ଦ୍ର ରେ ଆଜି ଅନେକ ଆବେଦନକାରି ଙ୍କ ଭିଡ଼ ଦେଖିବାକୁ ମିଳିଛି, ରାଜ୍ୟ ସରକାର ଙ୍କ ଏହି ସୁଭଦ୍ରା ଯୋଜନା ପାଇଁ ମହିଳା ମାନେ ଅତ୍ୟନ୍ତ ଖୁସି ରହିଛନ୍ତି ତା ସହିତ ନୂଆ ସରକାର ଙ୍କ ଏହି ଅନୁଦାନ ପାଇବା ପାଇଁ ସେମାନଙ୍କ ମନରେ ଗୋଟେ ଖୁସି ର ମାହୋଲ ଦେଖିବାକୁ ମିଳିଛି। ଏଇ ପରିସ୍ଥିତି ରେ ଅସ୍ତରଙ୍ଗ ମହିଳା ଓ ଶିଶୁ ବିକାଶ ଅଧିକାରୀ ମେରୀ ମାଇକେଲ ଖେସ୍ ଙ୍କ ମତାମତ ନେଇଥିଲୁ, ରାଜ୍ୟ ସରକାର ଙ୍କ ଏହି ଯୋଜନା ପର୍ଯ୍ୟାୟ କ୍ରମେ ସୁଚାରୁ ରୂପେ ପରିଚାଳିତ ହେଉଛି ବୋଲି ପ୍ରତିକ୍ରିୟା ରଖିଛନ୍ତି।

# ମାନନୀୟା ଅନୁଷ୍ଠାନ ପକ୍ଷରୁ ପାରାଦୀପ ରେ ନାଟକ ଉତ୍ସବ ଅନୁଷ୍ଠିତ



ପାରାଦୀପ (ମହାଭାରତ): ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ମାନନୀୟା' ଅନୁଷ୍ଠାନ ପକ୍ଷରୁ ପାରାଦୀପ ଜୟଦେବ ସଦନ ଠାରେ ରବିବାର ସନ୍ଧ୍ୟାରେ ଏକ ଦିନିକିଆ ନାଟକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସମାଜରେ ନାରୀ ସଶକ୍ତିକରଣ ଏବଂ ଲିଙ୍ଗଗତ ସମାନତା ଏହି କାର୍ଯ୍ୟକ୍ରମ ର ମୂଳ ଲକ୍ଷ । ଏହି ନାଟକ ଉତ୍ସବରେ ବିଭିନ୍ନ ମହିଳା ସଂଗଠନ ଯଥା ପିପିଏଲ ଲେଡିଜ କ୍ଲବ, ଇଫକୋ ଲେଡିଜ କ୍ଲବ ଏବଂ ପାରାଦୀପ ଲେଡିଜ କ୍ଲବ ମାନେ ଅଂଶଗ୍ରହଣ କରିଥିଲେ । ଏହି କ୍ଲବ ମାନଙ୍କ ମଧ୍ୟରେ ପୂର୍ବରୁ ବିଭିନ୍ନ କୁଇଜ, ଅନ୍ତାକ୍ଷରୀ, ଖାଦ୍ୟ ପ୍ରସ୍ତୁତି ଏବଂ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ଅବସରରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିବା ସହ ଆୟୋଜକ ମାନଙ୍କ ପ୍ରଚେଷ୍ଟା କୁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଫକୋ ନିର୍ଦ୍ଦେଶକ ତଥା ୟୁନିଟ ମୁଖ୍ୟ କେ.ଜେ.ପଟେଲ ଏବଂ ପିପିଏଲ ମୁଖ୍ୟ ପଲାନି ସୋନି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତଙ୍କୁ ଏକାଠି କରିବା ପ୍ରଚେଷ୍ଟା ପାଇଁ ଅନୁଷ୍ଠାନ ର ଉଦ୍ୟମ କୁ ଉଚ୍ଚ ପ୍ରଶଂସା କରିଥିଲେ । ତେବେ ନାଟକ ପ୍ରତିଯୋଗିତା ରେ ପାରାଦୀପ ଲେଡିଜ କ୍ଲବ ପ୍ରଥମ ହୋଇଥିବା ବେଳେ ଇଫକୋ ଲେଡିଜ କ୍ଲବ ଚମ୍ପିୟନ ହୋଇଥିଲେ। ଏହି କାର୍ଯ୍ୟକ୍ରମ କୁ ସାଇ ଶ୍ରୀ ହସ୍ପିଟାଲ ର ନୁର୍ଦ୍ଦେଶକ ଡା. ଅରବିନ୍ଦ ନାୟକ ପରିଚାଳନା କରି ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ।

## ଗଜପତି ରେ ସୁଧୁରୁ ନି ରାସ୍ତା ଘାଟ ସମସ୍ୟା

# ଷ୍ଟ୍ରେଚରରେ ବୁହା ହେଲେ ଗର୍ଭବତୀ ମହିଳା

ଗଜପତି(ମହାଭାରତ):ଗଜପତି ଜିଲ୍ଲାରେ ଏବେ ମଧ ରାସ୍ତା ଘାଟ ସମସ୍ୟା ଲାଗି ରହିଛି। ଏବେବି ଜିଲ୍ଲା ରେ ଅପହଞ୍ଚ ଇଲାକା ରହିଥିବା ବେଳେ ଜିଲ୍ଲା ସଦର ମହକୁମା ଠାରୁ ପାଖାପାଖି ୧୦ କିଲୋମିଟର ଦୂରରେ ଥିବା ଗୁମ୍ମା ବ୍ଲକ ଅନ୍ତର୍ଗତ ତରଙ୍ଗଡା ପଞ୍ଚାୟତର ସିତାନଗର ଗ୍ରାମକୁ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ଟିଏ ନଥିବା ଜଣା ପଡ଼ିଛି। ଜଣେ ଗର୍ଭବତୀ ମହିଳା



ଷ୍ଟ୍ରେଚରରେ ବୁହା ହୋଇଥିବା ଜଣା

ପଡ଼ିଛି। ଜଣେ ଗର୍ଭବତୀ ମହିଳା ଯନ୍ତ୍ରଣାରେ ଛଟପଟ ହେଉଥିବାରୁ ସେଠାକାର ଆଶା ଦିଦି ୧୦୮ ଆମ୍ବୁଲାନ୍ସ କୁ ଡକାଇଥିଲେ ମଧ ୧୦୮ ଆମ୍ବୁଲାନ୍ସ ଟି ଗ୍ରାମ ଠାରୁ ତିନି ,ଚାରି କିଲୋମିଟରର ଦୂରରେ ରାସ୍ତା ନ ଥିବାରୁ ଅଟକି ରହିଥିଲା। ଫଳରେ ଗର୍ଭବତୀଙ୍କ ପରିବାର ଲୋକ ଆମ୍ବୁଲାନ୍ସ କର୍ମଚାରୀମାନେ ଓ ଗ୍ରାମବାସୀ ଗର୍ଭବତୀ ମହିଳାଙ୍କୁ ଷ୍ଟ୍ରେଚରରେ କାଦୁଅ ରାସ୍ତାରେ ଚାଲି ଚାଲି ତିନି ଚାରି କିଲୋମିଟର ଦୂରରେ ଥିବା ଆମ୍ବୁଲାନ୍ସ ନିକଟରେ ପହଞ୍ଚିଥିଲେ।ଏହା ପରେ ଗର୍ଭବତୀଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତି କାଳୀନ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଜିଲ୍ଲା ସଦର ମହକୁମା ଠାରୁ ନିକଟବର୍ତ୍ତୀ ଗ୍ରାମାଞ୍ଚଳରେ ଏପରି ଅବସ୍ଥା ତେବେ ଜିଲ୍ଲାର ଦୁର୍ଗମ ଅଞ୍ଚଳର ଅବସ୍ଥା କିପରି ଥିବ ତାହା ସହଜରେ ଅନୁମେୟ।

# ପାରାଦୀପ ତୈଳ ବିଶୋଧନାଗାର ପକ୍ଷରୁ ୬୫ ତମ ଇଣ୍ଡିଆନ ଅଏଲ ଦିବସ ପାଳିତ





ପାରାଦୀପ(ମହାଭାରତ): ପାରାଦୀପ ତୈଳ ବିଶୋଧନାଗାର ରେ ୬୫ ତମ ଇଣ୍ଡିଆନ୍ ଅଏଲ୍ ଦିବସକୁ ଅତି ଉତ୍ସାହ ଏବଂ ଆନନ୍ଦ ସହିତ ପାଳନ କରାଯାଇଛି । ଅପରାହ୍ନରେ କର୍ମଚାରୀ ସମ୍ମିଳନୀର ଆୟୋଜନ କରାଯାଇଥିଲା ଏବଂ ଏଥିରେ କର୍ମଚାରୀମାନଙ୍କୁ ସମ୍ବୋଧିତ କରି ପାରାଦୀପ ତୈଳ ବିଶୋଧନାଗାର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ପ୍ରମୁଖ କୌଶିକ ବସୁ, ଇଣ୍ଡିଆନ୍ ଅଏଲର ଗୌରବମୟ ଯାତ୍ରା ବିଷୟରେ ଆଲୋକପାତ କରିଥିଲେ । ଶ୍ରୀ ବସୁ କମ୍ପାନୀର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ବଙ୍କୁ ପ୍ରଶଂସା ଓ କୃତଜ୍ଞତା ପ୍ରଦାନ କରିବା ସହ ଇଣ୍ଡିଆନ ଅଏଲ୍ କିପରି ଏକ ସାଧାରଣ ଆରମ୍ଭରୁ ଦେଶର ଏକ ବୃହ୍ତ ଶକ୍ତି କମ୍ପାନୀରେ ପରିଣତ ହୋଇଛି ସେ ବିଷୟରେ ସମସ୍ତଙ୍କୁ ଜଣାଇଥିଲେ । ସେ ପାରାଦୀପ ବିଶୋଧନାଗାର କର୍ମଚାରୀ ମାନଙ୍କର କଠିନ ପରିଶ୍ରମ ଏବଂ ନିଷ୍ଠା ପାଇଁ ସେମାନଙ୍କୁ ପ୍ରଶଂସା କରିଥିଲେ ଯ କୌସିକ ବସୁ ସମସ୍ତ କର୍ମଚାରୀଙ୍କୁ ଇଣ୍ଡିଆନ୍ ଅଏଲ୍ ଦିବସର ଶପଥ ପାଠ କରାଇଥିଲେ ଓ ଏହି ଅବସରରେ ପାରାଦୀପ ରିଫାଇନରୀରେ ଏକ ସ୍ୱତନ୍ତ୍ର କେକ୍ କାଟିବା ସମାରୋହର ମଧ୍ୟ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୟୁନିଟ୍ ସ୍ତରର ସଜେସନ୍ ସ୍କିମ୍ ଏବଂ ପ୍ରଡକ୍ସନ୍ ବିଭାଗ ପାଇଁ ଡିଭିଜନ୍ ସ୍ତରୀୟ କାର୍ଯ୍ୟକାରିଣୀ ଗ୍ରୁପ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି କଟକ ଜିଲ୍ଲା ରେଡକ୍ରସ୍ ସୋସାଇଟି ସହାୟତାରେ ଏକ ରକ୍ତଦାନ ଶିବିରର ମଧ ଆୟୋଜନ କରାଯାଇଥିଲା । ପାରାଦୀପ ବିଶୋଧନାଗାର ର ଏମ୍ପୁୟୀ କ୍ଲବ୍, ଉତ୍କଳ ଜ୍ୟୋତି ଅଫିସର୍ସ ୱାଇଭ କ୍ଲବ୍ ଏବଂ ଡବ୍ଲୁଆଇପିଏସ ସଦସ୍ୟଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଉତ୍ସବରେ ସ୍ଥାନୀୟ ଶିକ୍ଷ, ଡିପିଏସ୍ ପାରାଦୀପ ବିଶୋଧନାଗାର , ସିଆଇଏସ୍ଏଫ୍, ଆଇଓସିଏଲ୍ ଭିକେପିଆରଏମଏସ ହସ୍ପିଟାଲ୍ ର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ। ଅବସର ପ୍ରାପ୍ତ କର୍ମଚାରୀ, ଦୀର୍ଘକାଳୀନ ସେବା ପୁରସ୍କାର ପ୍ରାପ୍ତ କର୍ମଚାରୀ ଏବଂ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ମଧ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା ।

# ମୁଖ୍ୟମନ୍ତ୍ରୀ ଙ୍କୁ ଭେଟି ଜଣାଇଲେ ବ୍ଲକର ଅନେକ ସମସ୍ୟା

ନାରାୟଣପାଟଣା।(ମହାଭାରତ):କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ସରପଞ୍ଚ ରେବତୀ କୁନ୍ଦରିୟା, ନାୟ ସରପଞ୍ଚ ଶ୍ରୀନିବାସ ରାଓ ,ମେମ୍ବର ସିମାଞ୍ଚଳ ନାୟକ, ବାୟା ପାତ୍ର ସହ ସାଧାରଣ ଜନତା ଆଜି ନାରାୟଣପାଟଣା ପଞ୍ଚାୟତରେ ଲାଗି ରହିଥିବା ବିଭିନ୍ନ ସମସ୍ୟା କୁ ଆଜି ଭୁବନେଶ୍ୱର ରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମହନ ଚରଣ ମାଝୀଙ୍କୁ ଆଜି ମୁଖ୍ୟ ମନ୍ତ୍ରୀ ଙ୍କ କାର୍ଯ୍ୟାଳୟ ଠାରେ ସାକ୍ଷାତ କରି ବ୍ଲକର ଲାଗିରହିଥିବା ବିଭିନ୍ନ ସମସ୍ୟା କୁ ସମାଧାନ ନିମନ୍ତେ ଦାବି ଜଣାଇଛନ୍ତି। ଆଜି ସାଧାରଣ ଅଭିଯୋଗ ଶୁଣାଣି ବନ୍ଦ ରହି ଥିଲା କିନ୍ତୁ ବହୁ ଦୂରରୁ ଯାଇଥିବାରୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଅଫିସର ମାନେ ମୁଖ୍ୟମନ୍ତ୍ରୀ କୁ ଜନାଇଥିଲେ ।ସାଙ୍ଗେ ସାଙ୍ଗେ ସେମାନଙ୍କ ଅଭିଯୋଗ ଗ୍ରହଣ କରି ବାକୁ ନିର୍ଦ୍ଦେଶ ଆସିବା ପରେ ଅଭିଯୋଗ ଗ୍ରହଣ କରାଯାଇଥିଲା ତା ସହ ମୂଖ୍ୟମନ୍ତ୍ରୀ ଙ୍କ ପକ୍ଷରୁ ତୁରନ୍ତ ସମାଧାନ ଲାଗି ଅଶ୍ୱୋଷନା ମିଳିଥିବା ଶୁଣିବାକୁ ମିଳିଛି। ତାସହ ବେସ୍ତ ବହୁଳ ଥାଇ ମଧ ଦୂର ଦୁରନ୍ତରୁ ଆସିଥିବା ଯୋଗୁ କିଛି ଉନ୍ନତି ମୂଳକ କାର୍ଯ୍ୟକୁ ନେଇ ଆଲୋଚନା କରିଥିବାର ଦେଖିବାକୁ ମିଳିଛି। ମୁଖ୍ୟା ସମସ୍ୟା ଭିତରୁ ନାରାୟଣ ପାଟଣା ପଞ୍ଚାୟତରେ ପରିମଳ ବେବସ୍ଥା ବିଗିଡି ଯାଇଥିବାବେଳେ ଆଜି ପଞ୍ଚାୟତରେ ୩ଜଣଙ୍କ ଡେଙ୍ଗୁ ରେ ମୃତ୍ତୁ ହୋଇଛି। କିନ୍ତୁ ସରପଞ୍ଚ ଗାଁ ଗଣ୍ଡା ସଫକରିବାକୁ ଇଚ୍ଛାଥିଲେ ମଧ ପଞ୍ଚାୟତ ଅଧିକାରୀ ମହିଳା ସରପଞ୍ଚ ଙ୍କୁ ସହଯୋଗ କରୁନଥିବା ସହ କଟାକ୍ଷ କରୁଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ତରଫରୁ ପଞ୍ଚାୟତରେ ଆଲୋକ କରଣ କରିବାରେ ମଧ ସହଯୋଗ କରୁନଥିବା ବେଳେ ଅନ୍ଧାରରେ ଯାତାୟାତ କରୁଛନ୍ତି ଫଳରେ ବିଭିନ୍ନ ସମସ୍ୟା ଉପୁଜିଛି ବିଶେଷ କରି ସରୀସୃପ ଆକ୍ରମଣ ର ଶିକାର ହେବାକୁ ପଡୁଛି। ସେହିପରି ସ୍ଥାନୀୟ ସରକାରୀ ସ୍କୁଲ୍ ରେ ନୂତନ ଶ୍ରେଣୀଗୃହ ନିମନ୍ତେ ବହୁବାର ଜିଲ୍ଲାପାଳଙ୍କ ଅଭିଯୋଗ ରେ ଲିଖିତ ଦିଆଯାଇଥିବାବେଳେ ଜିଲ୍ଲାପାଳ ନିଜେ ସ୍କୁଲ୍ ପରିଦର୍ଶନ କରି ସ୍ଥିତି ପରଖି ତୁରନ୍ତ ଶ୍ରେଣୀଗୃହ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଆଜି ପର୍ଯ୍ୟନ୍ତ କାର୍ଯ୍ୟ ହେଉନଥିବା ବ୍ଲକ୍ ପ୍ରଶାସନ ଖାମଖିଆଲି ଯୋଗୁ ବାରଣ୍ଡାରେ ବସି ପାଠ ପଢୁଛନ୍ତି ଅନେକ ଛାତ୍ର ଛାତ୍ରୀୟସେହିପରି ନାରାୟଣପାଟଣା ପଞ୍ଚାୟତରେ ଅଫିସର ମାନଙ୍କ ରାଜ ଚାଲୁ ଥିବାରୁ ସରକାରଙ୍କ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ର ଯୋଜନା କେବଳ କାଗଜ କଲମରେ ରହିଯାଉଛି ଗରିବ ଲୋକଙ୍କ ପାଖରେ ପହଞ୍ଚିବାପରେ ବାଧକ ସାଜୁଛି। ଅଫିସର ରାଜ ପାଇ ଆଜିବି ପଞ୍ଚାୟତ ରେ ଅନେକ ସାହି କୁ ଆଜିବି ପାଇପି ଯୋଗେ ପିଇବା ପାଣି ପହଞ୍ଚି ନଥିବା ସହ ବିଶୁଦ୍ଧ ପାଣି ମିଳୁ ନଥିବା ଅଭିଯୋଗ ହୋଇଛି।

# ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

ଆସିକା (ମହାଭାରତ): ଆସିକା ବ୍ଲକ ସଭାଗୃହ ଠାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ଯୋଜନା ସମ୍ପର୍କିତ ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିର ଅନୁଷ୍ଠିତ ।ଆସିକା ବିଡ଼ିଓ ଫକୀର ଚରଣ ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜେନେରାଲ ମେନେଜର ଜିଲ୍ଲା ଶିଳ୍ପ କେନ୍ଦ୍ର ହୃଷିକେଶ ବେହେରା ଓ ଜିଲ୍ଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର ମଲ୍ଲ ଉପସ୍ଥିତ ଥିଲେୟ ବିଭିନ୍ନ ଲାଇନ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି ସମୀକ୍ଷା ଓ ଆଲୋଚନା କରିଥିଲେ ।ଏ ପି ଓ ନନ୍ଦିନୀ ଦାଶ ପ୍ରଥମେ ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା ସମ୍ପର୍କିତ ତଥ୍ୟ ପ୍ରଦାନ କରିବା ସହିତ କ୍ଷେତ୍ର କିଭଳି ଏହାର ଉନ୍ନତି କରାଯିବା ସହିତ ଅଧିକରୁ ଅଧିକ କର୍ମ ନିଯୁକ୍ତି ଦିଆଯାଇପାରିବ ଆଲୋକପାତ କରାଇଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରୁ ଜି ଆର ଏସ ଓ ଅନ୍ୟ କର୍ମଚାରୀ ମାନେ ମଧ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆସିକା ବ୍ଲକର ୨୭ ଗୋଟି ଗ୍ରାମ ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାର ବିଗତ ୬ମାସରେ କିଭଳି କାର୍ଯ୍ୟ ସଫଳତାର ସହିତ ହୋଇଥିଲା, ସେ ସମ୍ପର୍କରେ ଆଲୋଚନା ଓ ସମୀକ୍ଷା ହୋଇଥିଲା। ଆସିକା ବ୍ଲକରେ କର୍ମରତ ସମସ୍ତ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମୀଣ ରୋଜଗାର ସେବକ, ସମସ୍ତ ପଂଚାୟତର ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଯୋଗଦେଇ ସମୀକ୍ଷା ବୈଠକରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଜିଲ୍ଲା ସ୍ତରରେ ଆସିକା ବ୍ଲକ କିଭଳି ଏହି କ୍ଷେତ୍ରରେ ଅଧିକରୁ ଅଧିକ କାମ କରିପାରିବ ସେଥିପାଇଁ ଅଧିକ ଦୃଷ୍ଟି ଆକର୍ଷଣ କରିବା ସହିତ ନିଷ୍ଠାର ସହିତ କାମ କରିବେ ସେଥିପ୍ରତି ଧ୍ୟାନ ଦେଇଦେବାକୁ କହିଥିଲେ ଆସିକା ବି ଡ଼ି ଓ ଫକୀର ଚରଣ ପରିଡା।

# ବ୍ରିଜ୍ ଉପରୁ ସାଙ୍ଗକୁ ଧକ୍କାଦେଲା ସାଙ୍ଗ, ସାଙ୍ଗର ମୃତ୍ୟୁ

ପାଟଣାଗଡ଼ ( ମହାଭାରତ ) ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଥାନା ଗଡିଆଜୋର୍ ଗ୍ରାମରେ ଅଘଟଣ । ଗଡିଆଜୋର ଗ୍ରାମର ଗୋପ ଧରୁଆ ବୋଲି ଜଣେ ଯୁବକ ଗ୍ରାମମୁଣ୍ଡରେ ଥିବା ଏକ ବ୍ରିଜ୍ ଉପରେ ବସିଥିବା ଠିକ୍ ଏହି ସମୟରେ ଅଭିଯୁକ୍ତ ସୁଦାମ ଧରୁଆ ଗୋପ ଧରୁଆ ଙ୍କ ଛାତିରେ ଜୋରରେ ଧକ୍କା ମାରିବାରୁ ବ୍ରିଜ ତଳେ ପଡିଯାଇ ଗୁରୁତର ଆହାତ ହୋଇଥିଲେ । ଗୁରୁତର ଯୁବକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାକୁ ଆଣିବା ସମୟରେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଛି । ଏବିଷୟରେ ପାଟଣାଗଡ ପୁଲିସ ଖବର ପାଇ ଘଟଣାସ୍ଥଳକୁ ପହଞ୍ଚି ଅଭିଯୁକ୍ତକୁ ଗିରଫ କରି ଥାନାରେ ଅଟକ ରଖି ଅଧିକ ପଚରା ଉଚରା ପୁଲିସ ତାକୁ କୋର୍ଟ ଚାଲାଣ କରିଛି ବୋଲି ସୁଚନା ଦେଇଛନ୍ତି ପାଟଣାଗଡ଼ ଥାନାଧିକାରୀ ତାରାବତୀ ପଧାନ ।

# ଶିମିଳିପାଳ ଅଭୟାରଣ୍ୟରେ ପୁଣି ହାତୀ ମୃତ୍ୟୁ

କରଞ୍ଜିଆ, (ମହାଭାରତ) ଶିମିଳିପାଳ ଅଭୟାରଣ୍ୟ ଭିତରେ ଜେନାବିଲ ରେଞ୍ଜ ଅଞ୍ଚଳରେ ଗୋଟିଏ ଅଣ୍ଡିରା ହାତୀର ମୃତ୍ୟୁ ହୋଇଥିବା ଖବର ମିଳିଛି। ହାତୀ ଶାବକଟି ର ବୟସ ୧ ବର୍ଷ ବୋଲି କୁହାଯାଉଛି। ତେବେ ଅଣ୍ଡିରା ହାତୀର ମୃତ୍ୟୁ ନେଇ ପରିବେଶବିତଙ୍କ ମଧ୍ୟରେ ଗଭୀର ଆଲୋଡନ ସୃଷ୍ଟି ହୋଇଛି । ହାତୀର ମୃତ୍ୟୁ କ୍ଷତ ଯୋଗୁଁ ହୋଇଥିବା ବିଭାଗ ପକ୍ଷରୁ କୁହାଯାଉଛି । ତେବେ କ୍ଷତ ମୃତ୍ୟୁ ପୂର୍ବର କିମ୍ବା ପରେ ତାହା ତଦନ୍ତ ସାପେକ୍ଷ ବୋଲି କୁହାଯାଉଛି ।

# ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରଙ୍କ ଅଭାବ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଅଭାବ ଦେଖାଦେଇଛି ।ଦିନ କୁ ଦିନ ରୋଗୀ ସଂଖ୍ୟା ବଢୁଛି । ଏଠାରେ ସମସ୍ତ ଭିତ୍ତିଭୂମି ରହିଛି ହେଲେ ପରିଚାଳନା ପାଇଁ ନା ଅଛନ୍ତି ଡାକ୍ତର,ନା ଅଛନ୍ତି ନର୍ସ ଓ ଟେକ୍ନିସିଏନ । ଏଠାରେ ରୋଗୀଙ୍କ ଏକମାତ୍ର ଭଗବାନ ଭରସାୟ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏଠାରେ ଜିଲ୍ଲାର ୭ ବ୍ଲକ ବ୍ୟତୀତ ପଡୋଶୀ ରାୟଗଡା ଜିଲ୍ଲା ଓ ଆନ୍ଧ୍ରପ୍ରଦେଶ ରୋଗୀମାନେ ଏହି ମୁଖ୍ୟ ଚିକିତ୍ସାଳୟରେ ନିର୍ଭର କରିଥାନ୍ତି । ହେଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବେ ଦୁର୍ଦ୍ଦିନରେ ସମୟ କାଟୁଚି । ବର୍ତ୍ତମାନ ଡାକ୍ତର ,ନର୍ସ,ଟେକ୍ନିସିଏନ, କର୍ମଚାରୀ ସମସ୍ତ ଆଭା ଏକାସାଙ୍ଗେ ଦେଖାଦେଇଛି ଏଠାରେ ଡାକ୍ତର ଓ କର୍ମଚାରୀଙ୍କ ଆଭାବ ଯୋଗୁଁ ରୋଗୀ ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୨୮ ଜଣ ଡାକ୍ତର ଆବଶ୍ୟକ ରହିଛି। ବର୍ତ୍ତମାନ ୨୮ ଜଣ ଡାକ୍ତର ଅଛନ୍ତି ମୋଟା ମୋଟି ଆମେ ଗଜପତି ଜିଲ୍ଲା ରେ ଯଦି ଦେଖିବା ଜିଲ୍ଲାରେ ୩୧୫ ଡାକ୍ତର




ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ୧୦୮ ଜଣ ଡାକ୍ତର ଅଛନ୍ତି ବର୍ତ୍ତମାନ ୨୦୭ ଟି ଡାକ୍ତର ପଦବୀ ଖାଲି ପଡିଛି। ୩୯୯ ଜଣ ନର୍ସ ଆବଶ୍ୟକ ଥିବା ବେଳେ ୧୭୮ ଜଣ ନର୍ସ ଅଛନ୍ତି ,୨୨୧ ନର୍ସ ପଦବୀ ଖାଲିଅଛି। ୫୧ଜଣ ଫାର୍ମାସିଷ୍ଟ ଆବଶ୍ୟକ, ୨୩ ଫାର୍ମାସିଷ୍ଟ ଅଛନ୍ତି, ୨୮ ଟି ଫାର୍ମାସିଷ୍ଟ ପଦବୀ ଖାଲି ପଡିଛି। ଟେକନିସିଆନ୍ ୩୭ ଜଣ ଆବଶ୍ୟକ ୧୩ ଜଣ ଟେକ୍ନିସିଆନ ଅଛନ୍ତି,୨୪ ଟି ଟେକ୍ନିସିଆନ ପଦବୀ ଖାଲି ପଡିଛି। ରେଡ଼ିଓ ଲୋଜିରେ ଆବଶ୍ୟକ ପଦୀ ସଂଖ୍ୟା ୧୧ ଅଛନ୍ତି ୪ ଜଣ, ଆଉ ୭ ଜଣ ଟେକ୍ନିସିଆନ ଆବଶ୍ୟକ ଡାକ୍ତରଙ୍କୁ ଡକାଯାଉଛି। ସେମାନେ ମଧ ରହୁନାହାନ୍ତି ଯାହାଫଳରେ ରୋଗୀ ଆସିବା ମାତ୍ରେ ରେଫର ଆନ୍ଧ୍ର କିମ୍ବା ବ୍ରହ୍ମପୁର । ଯେଉଁଥି ପାଇଁ ଘରୋଇ ହସ୍ପିଟାଲକୁ ରୋଗୀ ବାଧ ହୋଇ ଯିବାକୁ ପଡୁଛି। ସ୍ଥିତି କିଭଳି ରହିଥିବ ତାହା ସ୍ୱଷ୍ଟ ଅନୁମାନ କରାଯାଇପାରେ। ବିକଳ୍ପ ପାଇଁ ଅନ୍ୟ କୋଣସି ଘରୋଇ ଚିକିତ୍ସାଳୟ ମଧ ଜିଲ୍ଲାରେ ନାହିଁ ଯ ରୋଗ ହେଲେ ରୋଗୀଙ୍କ ପାଇଁ ଏକମାତ୍ର ଭଗବାନ ଭରସା।ଏବେ ଏକ ନଜର ପକାଇବା ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗର ସ୍ଥିତିକୁ ନେଇୟଏଭଳି ସ୍ଥିତି ରହିଛି ଜିଲ୍ଲାର ସ୍ୱାସ୍ଥ୍ୟ ସେବା ତେବେ ଜିଲ୍ଲାର ସ୍ଥିତିକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସକଙ୍କ କହିବା ହେଲା ପ୍ରତି ମାସରେ ଜିଲ୍ଲା ପ୍ରସାସନ ଓ ରାଜ୍ୟ ସରକାରଙ୍କୁ ଆବଶ୍ୟକ ଡାକ୍ତର ଓ କର୍ମଚାରୀଙ୍କ ତାଲିକା ପଠାଯାଉଛି ସରକାରଙ୍କ ନିଯୁକ୍ତି ପ୍ରକ୍ରିୟା ଅପେକ୍ଷ କରିଥିବା କଥା ସେ କହିଛନ୍ତିଯଡ଼ଃ. ମହମ୍ମଦ ମୁବାରଖ ଅଲି, ଜିଲ୍ଲା ମୁଖ୍ୟ ଚିକିତ୍ସକ।

# ଭାରତୀୟ ବିଦ୍ୟା ନିକେତନ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ

ବେଗୁନିଆ,(ମହାଭାରତ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଢ଼ାଡିହ ଗ୍ରାମସ୍ଥିତ ଭାରତୀୟ ବିଦ୍ୟା ନିକେତନ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ ହୋଇଛି। ଏଥିରେ ବିଦ୍ୟା ନିକେତନର ପ୍ରତିଷ୍ଠାତା ସମ୍ପାଦକ ଶୁଭକାନ୍ତ ମହାପାତ୍ର, କୋଷାଧକ୍ଷ ସୁରେନ୍ଦ୍ର ନାଥ ମହାନ୍ତିଙ୍କ ସମେତ ଗୁରୁମା ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ବିଦ୍ୟାଳୟ ପରିସର ସମେତ ଗ୍ରାମର ବିଭିନ୍ନ ସ୍ଥାନରେ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ଓ ସରସ ସୁନ୍ଦର କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ତତ ସହିତ ପରିବେଶ ଥିଲେ ସ୍ୱଚ୍ଛ ନିର୍ମଳ ବଂଚି ରହିବ ଅଧିକ କାଳ ବାର୍ତ୍ତା ନେଇ ଜନ ସାଧାରଣଙ୍କ ନିକଟରେ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ୟମ ଜାରି ରହିବ।

ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



## କୃଷି ଓ ଚାଷୀଙ୍କ କଲ୍ୟାଣ ପାଇଁ ଆରମ୍ଭ ହେବ

# ୧୪ ହଜାର କୋଟି ଟଙ୍କାର କାର୍ଯ୍ୟକ୍ରମ



**ନୂଆଦିଲ୍ଲୀ,୨।୯ :** କୃଷି କ୍ଷେତ୍ରକୁ ବୃଷ୍ଟ ଯୋଗାଇ ଦେବା ପାଇଁ ଆଜି କେନ୍ଦ୍ର କ୍ୟାବିନେଟ ୭ ବଡ଼ ନିଷ୍ପତ୍ତି ନେଇଛି । କୃଷି ଓ ଚାଷୀଙ୍କ କଲ୍ୟାଣ ପାଇଁ ଆରମ୍ଭ ହେବ ୧୪ ହଜାର କୋଟି ଟଙ୍କାର କାର୍ଯ୍ୟକ୍ରମ । ଆଜି ଉକ୍ତ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ ମୋହର ମାରିଛି । ଡିଜିଟାଲ କୃଷି, ଖାଦ୍ୟ ସୁରକ୍ଷା, ଶିକ୍ଷା ଓ ନିୟମିତ ଫାର୍ମିଂ ଭଳି କୃଷି ସହ ଜଡ଼ିତ କାର୍ଯ୍ୟକ୍ରମକୁ କ୍ୟାବିନେଟ ଅନୁମତି ମିଳିଛି । ଡିଜିଟାଲ କୃଷି ମିଶନ ପାଇଁ ୨,୯୧୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏହି ମିଶନ ଜରିଆରେ କୃଷି କ୍ଷେତ୍ରକୁ ଅତ୍ୟାଧୁନିକ କରାଯିବ । ଟେକ୍ନୋଲୋଜିର ବ୍ୟବହାର କରି ଚାଷ ଜମିର କାର୍ଯ୍ୟଦକ୍ଷତା ଓ ଉତ୍ପାଦନ ବୃଦ୍ଧି କରିବା ପାଇଁ ପ୍ରୟାସ କରାଯିବ । ଖାଦ୍ୟ ଓ ପୁଷ୍ଟିକର ସୁରକ୍ଷା ପାଇଁ କେନ୍ଦ୍ର କ୍ୟାବିନେଟ କ୍ରପ ସାଇନ୍ସ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଅନୁମତି ଦେଇଛି । ଏଥିପାଇଁ ୩,୯୭୯ କୋଟି ଟଙ୍କା ଖର୍ଚ୍ଚ ହେବ । ଲୋକଙ୍କୁ ଉତ୍ତମ ଗୁଣବତ୍ତାର ଖାଦ୍ୟ ଓ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ କ୍ରପ ସାଇନ୍ସ ବିକାଶ ଓ ରିସର୍ଚ୍ଚ ଏହା ଦ୍ୱାରା କରାଯିବ । କୃଷି ଶିକ୍ଷା, ପରିଚାଳନା ଓ ସାମାଜିକ ବିଜ୍ଞାନ ପାଇଁ ୨୨୯୧ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ପାଣ୍ଠି ସମଗ୍ର ଦେଶରେ କୃଷି ଶିକ୍ଷା ଓ ପରିଚାଳନା କାର୍ଯ୍ୟକ୍ରମକୁ ସହାୟତା ପ୍ରଦାନ କରିବ । ପଶୁଧନର ପରିପୋଷଣୀୟ ସ୍ୱାସ୍ଥ୍ୟ ଓ ଉତ୍ପାଦନ ପାଇଁ ମଧ କେନ୍ଦ୍ର କ୍ୟାବିନେଟ ୧୭୦୨ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ଉଦ୍ୟାନ କୃଷିର ବିକାଶ ପାଇଁ ୮୬୦ କୋଟି ଟଙ୍କା, କୃଷି ବିଜ୍ଞାନ କେନ୍ଦ୍ରକୁ ଅଧିକ ସଶକ୍ତ କରିବା ପାଇଁ ୧୨୦୨ କୋଟି ଓ ପ୍ରାକୃତି ସମ୍ପଦର ପରିଚାଳନା ପାଇଁ ୧୧୧୫ କୋଟି ଟଙ୍କାର ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି ।

## ବୁଲଡୋଜର ଆକ୍ସନ ବିରୋଧରେ ସୁପ୍ରିମକୋର୍ଟ

# ଉଚ୍ଛେଦ ପାଇଁ ଜାରି ହେବ ଗାଇଡଲାଇନ

**ନୂଆଦିଲ୍ଲୀ,୨।୯ :** ବିଭିନ୍ନ ମାମଲାର ଅଭିଯୁକ୍ତଙ୍କ ଘର ଉପରେ ସରକାର ଚଢ଼ାଉଥିବା ବୁଲଡୋଜର କାର୍ଯ୍ୟାନୁଷ୍ଠାନ ବିରୋଧରେ ମତ ରଖିଛନ୍ତି ସୁପ୍ରିମକୋର୍ଟ । ଯଦି ଜଣେ ବ୍ୟକ୍ତି ଦୋଷୀ ବି ସାବ୍ୟସ୍ତ ହେଉଛନ୍ତି, ତଥାପି ତାଙ୍କ ଘର ଭଙ୍ଗା ଯାଇ ପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଅଭିଯୁକ୍ତଙ୍କ ଘର ଉପରେ ସରକାର ବୁଲଡୋଜର ଚଳାଉଥିବାରୁ ଏହା ବିରୋଧରେ ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଆଗତ କରାଯାଇଥିଲା । ଏହାର ଶୁଣାଣି କରି ସୁପ୍ରିମକୋର୍ଟ ଏପରି କଥା କହିଛନ୍ତି । ଜଷ୍ଟିସ ବିଆର ଗବାଇ ଓ ଜଷ୍ଟିସ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି, ସର୍ବଭାରତୀୟ ସ୍ତରରେ ଘର ଓ ବିଲଡିଂ ଉଚ୍ଛେଦ ନେଇ ସର୍ବୋଚ୍ଚ ଅଦାଲତ ଗୋଟିଏ ଗାଇଡଲାଇନ ଜାରି କରିବେ । ଜଣେ ବ୍ୟକ୍ତି ଅଭିଯୁକ୍ତ ହୋଇଛନ୍ତି ବୋଲି ତାଙ୍କ ଘର କେମିତି ଭାଙ୍ଗିବା ଯଦି ବି ସେ ଦୋଷୀ ସାବ୍ୟସ୍ତ ହେଉଛନ୍ତି, ତଥାପି ତାଙ୍କ ଘରକୁ ଭଙ୍ଗା ଯାଇ ପାରିବ ନାହିଁ । ଏ ସମ୍ପର୍କରେ ସୁପ୍ରିମକୋର୍ଟ ବାର ଆସୋସିଏସନକୁ କୁହାଯାଇଥିଲା । କିନ୍ତୁ ଏହି ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହେବା ଭଳି ଆମକୁ ଦୃଶ୍ୟମାନ ହେଉନି ବୋଲି ଜାମିଆ ଉଲେମା ଇ-ହିନ୍ଦର ଆବେଦନର ଶୁଣାଣି ବେଳେ ଜଷ୍ଟିସ ଗଭାଇ କହିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରୁଥିବା ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ କହିଥିଲେ ଯେ ୨୦୨୨ ଦଙ୍ଗା ପରେ ତୁରନ୍ତ ଦିଲ୍ଲୀରେ ଅନେକ ଘର ଭାଙ୍ଗି ଦିଆଯାଇଥିଲା । କୁହାଯାଇଥିଲା ଯେ ଏଠାରେ ରହୁଥିବା ଲୋକମାନେ ହିଂସାକୁ ଉସକାଇଥିଲେ । ବରିଷ୍ଠ ଆଇନଜୀବୀ ଚନ୍ଦ୍ର ଉଦୟ ସିଂହ ରାଜସ୍ଥାନର ଉଦୟପୁରରେ ଘଟିଥିବା ଗୋଟିଏ ଘଟଣାର ଉଦାହରଣ ଦେଇଥିଲେ । ଏଠାରେ ରହୁଥିବା ଜଣେ ବ୍ୟକ୍ତିଙ୍କ ପୁଅ ଗୋଟିଏ ଅପରାଧରେ ସାମିଲ ଥିବା ଅଭିଯୋଗ ହେବାରୁ ପ୍ରଶାସନ ତାଙ୍କ ଘର ଭାଙ୍ଗି ଦେଇଥିଲା । କେହି ବି ଲାକୁନାଗୁଡ଼ିକର ଫାଇଦା ଉଠାଇବା କଥା ନୁହେଁ ବୋଲି ମତ ରଖିଥିବା ଜଷ୍ଟିସ ବିଶ୍ୱନାଥନ କହିଛନ୍ତି ଯେ ବାପାଙ୍କର ସମ୍ଭବତଃ ଗୋଟିଏ ଆଜ୍ଞା ପାଳନ କରୁ ନଥିବା ପୁଅ ରହିଥାଇ ପାରେ, କିନ୍ତୁ ଏଥିପାଇଁ ଯେ ବାପା ରହୁଥିବା ଘରକୁ ଭାଙ୍ଗିବା ଆଦୌ ଉଚିତ ନୁହେଁ । ସଲିସିଟର ଜେନେରାଲ ତୁଷାର ମେହେଟା କେନ୍ଦ୍ର ସରକାରଙ୍କ ପକ୍ଷ ରଖି କହିଥିଲେ ଯେ ଘର ସେତେବେଳେ ଭଙ୍ଗା ଯାଉଛି ଯେତେବେଳେ ଆଇନର ଉଲ୍ଲଙ୍ଘନ ଥିବା ଜଣାପଡୁଛି । ପୌର ପାଳିକା ଆଇନ ଉଲ୍ଲଙ୍ଘନ ହେବା କଥା ଜଣାପଡ଼ିବା ପରେ ଆମେ କାର୍ଯ୍ୟାନୁଷ୍ଠାନ ନେଉଛୁ । ଏହାର ଜବାବରେ ବେଞ୍ଚ କହିଥିଲେ ଆମେ ଅଭିଯୋଗ ଗୁଡ଼ିକୁ ଦେଖିଲା ବେଳେ ଭାବୁଛୁ ଯେ କିଛି ତ ଉଲ୍ଲଙ୍ଘନ ହୋଇଛି । ଜଷ୍ଟିସ ଗବାଇ କହିଛନ୍ତି, "ଏହା ଏକ ଜବରଦଖଲ ଆଇନ ହୋଇଥିଲେ ହେଁ ଏହାକୁ ଅଲଗା ଉଦ୍ଦେଶ୍ୟରେ ଉଲ୍ଲଙ୍ଘନ କରି ବ୍ୟବହାର କରାଯାଉଛି । ଯଦି ନିର୍ମାଣ ବେଆଇନ ଭାବେ ହୋଇଛି, ତା'ହେଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ।" ବିଭିନ୍ନ ରାଜ୍ୟରେ ଅନାଧିକୃତ ଭାବେ ହୋଇଥିବା ବିଲଡିଂ ଭାଙ୍ଗିବା ପାଇଁ ଗୋଟିଏ ଗାଇଡଲାଇନର ଆବଶ୍ୟକତା ରହିଛି । ଏହା ପାଇଁ ପ୍ରସ୍ତାବ ଆସୁ । ଆମେ ସର୍ବଭାରତୀୟ ସ୍ତରରେ ଏନେଇ ଗାଇଡଲାଇନ ଜାରି କରିବୁ ବୋଲି ବିଶ୍ୱନାଥନ କହିଛନ୍ତି । ସୁପ୍ରିମକୋର୍ଟ ଆସନ୍ତା ୧୭ ତାରିଖରେ ପୁଣି ଏହା ଉପରେ ଶୁଣାଣି କରିବେ ।

# କେଜ୍ରିୱାଲଙ୍କ ସହଯୋଗୀଙ୍କୁ ମିଳିଲା ଜାମିନ



**ନୂଆଦିଲ୍ଲୀ,୨।୯ :** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଘନିଷ୍ଠ ସହଯୋଗୀ ବିଭବ କୁମାରଙ୍କୁ ଆଜି ସୁପ୍ରିମକୋର୍ଟ ଜାମିନ ଦେଇଛନ୍ତି । ସେ ଆପ୍‌ର ରାଜ୍ୟସଭା ସାଂସଦ ସ୍ୱାତୀ ମାଲିୱାଲଙ୍କୁ ମାଡ଼ ମାରିବା ଘଟଣାରେ ଗିରଫ ହୋଇ ଜେଲରେ ଥିଲେ । ପ୍ରାୟ ୧୦୦ ଦିନ ପରେ ତାଙ୍କୁ ଆଜି ଜାମିନ ମିଳିଛି । ଜଷ୍ଟିସ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ଆଜି ତାଙ୍କ ଆବେଦନର ଶୁଣାରି କରି ଜାମିନ ପ୍ରଦାନ କରିଛନ୍ତି । ଶୁଣାଣି ବେଳେ ଜଷ୍ଟିସ ଭୂୟାଁ କହିଥିଲେ ଯେ ବିଭବ କୁମାର ୧୦୦ ଦିନ ହେଲା ବିଚାର ବିଭାଗୀୟ ହାଜତରେ ଅଛନ୍ତି । ମାମଲାରେ ଚାର୍ଜଶିଟ ମଧ ଦାଖଲ ହୋଇ ସାରିଛି । ଆଘାତ ଚିହ୍ନ(ମାଲିୱାଲ) ମଧ ସାଧାରଣ । ଏହା ଏକ ଜାମିନ ଯୁକ୍ତ ମାମଲା । ଆପଣ ଏହାକୁ ବିରୋଧ କରନ୍ତୁ ନାହିଁ । ଏପରି ଏକ ମାମଲାରେ ଆପଣ ଜଣଙ୍କୁ ଜେଲରେ ରଖି ପାରିବେ ନାହିଁ । ଦିଲ୍ଲୀ ପୁଲିସ୍ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍‌ଭି ରାଜୁ କହିଥିଲେ ଯେ ମାମଲାରେ ଏମିତି କିଛି ନିର୍ଦ୍ଦିଷ୍ଟ ସାକ୍ଷୀ ରହିଛନ୍ତି, ଯେଉଁମାନେ ବିଭବ କୁମାରଙ୍କ ଦ୍ୱାରା ପ୍ରଭାବିତ ହୋଇପାରନ୍ତି । ତାଙ୍କ ବୟାନକୁ ଯାଞ୍ଚ କରାଯାଉ । ଏହାପରେ ମୁଁ ଜାମିନକୁ ବିରୋଧ କରିବି ନାହିଁ ବୋଲି ସେ କହିଥିଲେ । ଏହାର ଜବାବର ଜଷ୍ଟିସ ଭୂୟାଁ କହିଥିଲେ ଯେ "ଯଦି ଏମିତି ବିଚାର କରାଯିବ । ଆମେ ତା'ହେଲେ କାହାକୁ ବି ଆଉ ଜାମିନ ଦେଇପାରିବୁ ନାହିଁ । ଏପରି ଆଶଙ୍କା କେବଳ ଅତିରଞ୍ଜିତ ।" ଏହାପରେ କୋର୍ଟ ବିଭବ କୁମାରଙ୍କୁ ଜାମିନ ପ୍ରଦାନ କରିଥିଲେ । ମେ' ୧୩ରେ କେଜ୍ରିୱାଲଙ୍କ ବାସଭବନରେ ବିଭବ କୁମାର ଆପ୍ ସାଂସଦ ମାଲିୱାଲଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା । ତାଙ୍କ ଗୋଡ଼ ଓ ମୁହଁରେ ସାମାନ୍ୟ ଆଘାତ ଲାଗିଥିବା ମେଡିକାଲ ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା । ଏହାପରେ ମେ' ୧୮ରେ ଦିଲ୍ଲୀ ପୁଲିସ୍ ବିଭବ କୁମାରଙ୍କୁ ଗିରଫ କରିଥିଲା । ସେବେଠାରୁ ସେ ଜେଲରେ ରହିଥିଲେ ।

# ସ୍ୱାମୀଙ୍କ ପରେ ମୁଖ୍ୟ ଶାସନ ସଚିବ ପଦ ଗ୍ରହଣ କଲେ ସ୍ତ୍ରୀ



**ଥିରୁଭାନନ୍ତପୁରମ୍,୨।୯ :** ୧୯୯୦ ବ୍ୟାଚର ଆଇଏଏସ ଅଧିକାରୀ ଶାରଦା ମୁରଲୀଧରନ କେରଳର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଦାୟିତ୍ୱ ଶାରଦା ମୁରଲୀଧରନ ତାଙ୍କ ସ୍ୱାମୀଙ୍କ ଠାରୁ ଗ୍ରହଣ କରିଛନ୍ତି । ଅମଲାତାନ୍ତ୍ରିକ ଇତିହାସରେ ପ୍ରଥମଥର ସ୍ୱାମୀଙ୍କ ପରେ ସ୍ତ୍ରୀ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଭି.ବେଣୁ ଗତ ଶନିବାର ମୁଖ୍ୟ ଶାସନ ସଚିବ ପଦରୁ ଅବସର ନେଇଥିଲେ । ଏବେ ବେଣୁଙ୍କ ପରେ ତାଙ୍କ ସ୍ତ୍ରୀ ଆଇଏଏସ୍ ଶାରଦା ମୁରଲୀଧରନ ରାଜ୍ୟ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରି ଚର୍ଚ୍ଚାରେ ରହିଛନ୍ତି । ଏହାପୂର୍ବରୁ ଶାରଦା ମୁରଲୀଧରନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବରେ କାର୍ଯ୍ୟ କରୁଥିଲେ । ଏଭଳି ଏକ ବିରଳ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ପି. ବିଜୟନ କହିଛନ୍ତି, ପୂର୍ବରୁ ଜିଲ୍ଲାପାଳ ଭାବେ ସ୍ୱାମୀଙ୍କ ଠାରୁ ସ୍ତ୍ରୀ ଦାୟିତ୍ୱ ନେବାର ଘଟଣା ସାମ୍ନାକୁ ଆସିଥିଲା । କିନ୍ତୁ କେରଳର ଅମଲାତାନ୍ତ୍ରିକ ଇତିହାସରେ ମୁଖ୍ୟ ଶାସନ ସଚିବ ସ୍ୱାମୀଙ୍କ ଠାରୁ ସ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ଅଥବା ସ୍ୱାମୀ ଯେଉଁ ଚୌକିରେ ବସି ସେବା ଯୋଗାଉଥିଲେ ସେ ଆସନରେ ସ୍ତ୍ରୀ ବସିବା ଘଟଣା ପ୍ରଥମ । ମୁଖ୍ୟ ଶାସନ ସଚିବ ହେବାପରେ ସ୍ତ୍ରୀ ଶାରଦା ମୁରଲୀଧରନ୍ କହିଛନ୍ତି, ଏହି ମୁହୂର୍ତ୍ତ ମୋ ଜୀବନରେ ଆସିଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି । ସ୍ୱାମୀଙ୍କୁ ବିଦାୟ ଦେଇ ତାଙ୍କ ପଦରେ କାମ କରିବାର ସୁଯୋଗ ମିଳିଥିବାରୁ ମୁଁ ଗର୍ବିତ । ମୁଁ ମୋର ସ୍ୱାମୀଙ୍କ ସହିତ ୩୪ ବର୍ଷ ପର୍ଯ୍ୟନ୍ତ ସରକାରୀ କର୍ମଚାରୀ ଭାବରେ ଏକାଠି କାମ କରିଛି ।'

# ଜାତି ଭିତ୍ତିକ ଗଣନା ଅତ୍ୟନ୍ତ ସମ୍ବେଦନଶୀଳ: ଆରଏସ୍‌ଏସ

**ନୂଆଦିଲ୍ଲୀ,୨।୯ :** ବିଜେପିର ବିଚାରଧାରା ମାର୍ଗଦର୍ଶକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସଏସ) ଦେଶରେ ଜାତି ଭିତ୍ତିକ ଜନ ଗଣନାକୁ ନେଇ ବଡ଼ ବୟାନ ଦେଇଛି । ଏହି ଜନଗଣନା କଲ୍ୟାଣକାରୀ ଯୋଜନାର ଆବଶ୍ୟକତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ । କିନ୍ତୁ ଜାତି ଭିତ୍ତିକ ଜନଗଣକୁ ନିର୍ବାଚନ ଉଦ୍ଦେଶ୍ୟରେ ଆଦୌ ବ୍ୟବହାର କରାଯିବା ଉଚିତ ନୁହେଁ । ଜାତି ଭିତ୍ତିକ ଜନଗଣନା ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ବୋଲି ଆରଏସଏସ ପକ୍ଷରୁ କୁହାଯାଇଛି । ଆରଏସଏସର ପ୍ରଚାର ପ୍ରମୁଖ ସୁନୀଲ ଆମ୍ବେକର କହିଛନ୍ତି, "ଜାତି ଭିତ୍ତିକ ଜନଗଣନା ଗୋଟିଏ ସ୍ପର୍ଶକାତର ପ୍ରସଙ୍ଗ । ଏହା ଆମର ଜାତୀୟ ଏକତା ଓ ଅଖଣ୍ଡତା ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ଅତ୍ୟନ୍ତ ଗୁରୁତ୍ୱର ସହ ଏହାକୁ ଦେଖିବାକୁ ପଡ଼ିବ । ବେଳବେଳେ ସରକାରଙ୍କୁ ସଂଖ୍ୟାର ଆବଶ୍ୟକ ପଡ଼େ । ତେଣୁ ପୂର୍ବରୁ ସମାନ କାର୍ଯ୍ୟପନ୍ଥା ଆପଣ ଯାଇଥିଲା ।" କେରଳର ପାଲକ୍କଡରେ ୩ ଦିନିଆ କନକ୍ଲେଭ ଶେଷ ହେବା ପରେ ଆମ୍ବେକର ଏପରି ମନ୍ତବ୍ୟ ରଖିଛନ୍ତି । ସେ ଜାତିଗତ ଜନଗଣନାର ତଥ୍ୟକୁ ରାଜନୀତିକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ବିରୋଧରେ ମତ ରଖିଛନ୍ତି । ସେ କହିଛନ୍ତି ଯେ "ଜାତି ଭିତ୍ତିକ ଜନଗଣନାର ତଥ୍ୟକୁ କେବଳ ସେହି ସଂପ୍ରଦାୟ ଓ ଜାତିର କଲ୍ୟାଣ ପାଇଁ ବ୍ୟବହାର କରାଯିବା ଉଚିତ । ଜାତି ଭିତ୍ତିକ ଜନଗଣନାକୁ ନିର୍ବାଚନ ପ୍ରଚାର ଓ ନିର୍ବାଚନ ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ଉଚିତ ନୁହେଁ । ଜାତି ଭିତ୍ତିକ ଜନଗଣନାକୁ କେବେ ହେଲେ ଗୋଟିଏ ରାଜନୀତିକ ଅସ୍ତ୍ର କରା ନଯାଉ ।"କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ସହ ପ୍ରାୟ ଅଧିକାଂଶ ବିରୋଧୀ ଦଳ ଜାତି ଭିତ୍ତିକ ଜନଗଣନା ପାଇଁ ଦାବି କରି ଆସୁଛନ୍ତି । ଦେଶବ୍ୟାପୀ ଜାତି ଭିତ୍ତିକ ଜନଗଣନା ହେଲେ ନୀତି ନିର୍ଦ୍ଧାରଣରେ ଏହା ସହାୟକ ହେବ । ସେହିପରି ପଛୁଆ ବର୍ଗର ପ୍ରତିନିଧିତ୍ୱ ମଧ ତଦନୁସାରେ ବଢ଼ିପାରିବ । ଆମ୍ବେକରଙ୍କ ବୟାନ ପରେ ଉଭୟ ବିଜେପି ଓ ଆରଏସଏସକୁ ଟାର୍ଗେଟ କରିଛି କଂଗ୍ରେସ । ଆରଏସଏସ ଓ ବିଜେପି ପଛୁଆ ବର୍ଗର କଲ୍ୟାଣ ବିରୋଧରେ ରହିଛନ୍ତି ବୋଲି ଦଳ କହିଛି ।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ



**ମଧୁପୁର,(ମହାଭାରତ) :** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ୍ ଅନ୍ତର୍ଗତ ମଧୁପୁର ସରକାରୀ (ଏସ୍.ଏସ୍. ଡି) ବାଳିକା ଉଚ୍ଚ ବିଦ୍ୟାଳୟ ରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ।ଆୟୋଜିତ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ନିରୀକ୍ଷକ କମଳାକାନ୍ତ ପ୍ରହରାଜ ଏବଂ ସଭାପତି ଭାବେ ଅନୁଷ୍ଠାନ ର ପ୍ରଧାନ ଶିକ୍ଷକ ବେଦବ୍ୟାସ ପ୍ରଧାନ ଏବଂ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ, କଳାହାଣ୍ଡିର ସାଧାରଣ ସମ୍ପାଦକ ସନ୍ଦୀପ୍ ମିଶ୍ର ଉପସ୍ଥିତ ରହି କୁନିକୁନି ବୈଜ୍ଞାନିକ ମାନଙ୍କୁ ଆହୁରି ଉନ୍ନତ ଧରଣର ମଡେଲ୍ ପ୍ରସ୍ତୁତ କରି ଆହୁରି ଆଗକୁ ବଢ଼ିବାକୁ ଉପଦେଶ ଦେଇଥିଲେ । ବିଜ୍ଞାନ ପ୍ରଦର୍ଶନୀର ବିଚାରକ ଭାବେ ଜୁନାଗଡ଼ ସରକାରୀ(ଏମ୍.ଏସ୍.ଡି) ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ସାମନ୍ତ,କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ବରିଷ୍ଠ ବିଜ୍ଞାନ ଶିକ୍ଷକ ସୁଶିଳ କୁମାର ନାଗ ଏବଂ ବିଜ୍ଞାନ ଶିକ୍ଷକ ତଥା ଏନ୍.ସି.ସି ଅଫିସର୍ ସନ୍ତୋଷ କୁମାର ମେହେର ଯୋଗ ଦେଇଥିଲେ ।ଅନୁଷ୍ଠାନ ର ବିଜ୍ଞାନ ଶିକ୍ଷୟିତ୍ରୀ ନମିତା ମାଝୀ ଏବଂ ସସ୍ମିତା ସାହୁ ଙ୍କ ମାର୍ଗ ଦର୍ଶନ ରେ ସମୁଦାୟ ୨୩ ଟି ବିଜ୍ଞାନ ଓ ଗଣିତ ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା । ବରିଷ୍ଠ ବିଭାଗ ରେ ନିହାରିକା ଏବଂ ସହଯୋଗୀ ପ୍ରଥମ,କସ୍ତୁରୀ ଦ୍ୱିତୀୟ,ପଙ୍କଜିନୀ ଓ ସହଯୋଗୀ ତୃତୀୟ ସେହିପରି କନିଷ୍ଠ ବିଭାଗ ରେ ଗୀତାଞ୍ଜଳୀ ପ୍ରଥମ, ହରିପ୍ରିୟା ଓ ଚଞ୍ଚଳା ଦ୍ୱିତୀୟ ଏବଂ ଜୟପ୍ରଭା ଓ ସହଯୋଗୀ ତୃତୀୟ ହୋଇଥିଲେ । ଏହି ପ୍ରଦର୍ଶନୀ ରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସତ୍ୟବାଦୀ ନାଏକ, କ୍ରୀଡା ଶିକ୍ଷକ କାମସେନ୍ ଭୋଇ, ସାରିକା ପଣ୍ଡା, ବସନ୍ତ ପାଣ୍ଡେ,ସୋନାଲିକା ପାଢ଼ୀ, ବୈଜୟନ୍ତୀ ବେହେରା, ପାର୍ଥ ଶବର, ଦିଲିପ୍ ସାହୁ, ସୁଧାଂଶୁ ସାସ୍ ମଲଙ୍କ ସମେତ ଅନୁଷ୍ଠାନ ର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଦେବଗଡ,(ମହାଭାରତ) :** ଦେବଗଡ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୪୦ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୨୮ଟି ବ୍ୟକ୍ତିଗତ ଏବଂ ୧୨ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି । ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ୦.୦୪ ଜମିର ପଟ୍ଟା, ରାସ୍ତା ଓ ଡ୍ରେନଜ ମରାମତି, ବିଦ୍ୟୁତ୍ ସଂଯୋଗ ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା । ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ଅନୁପମା ଜେମସ୍, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଧର୍ମାନନ୍ଦ ବେହେରା, ଅତିରିକ୍ତ ତହସିଲଦାର ସୂର୍ଯ୍ୟ କାନ୍ତ ବରିହା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର ସମେତ ସମସ୍ତ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ସ୍ୱାମୀ ସ୍ତ୍ରୀ କୁ ଦଳିଦେଲା ଦନ୍ତା ହାତୀ

**ପାଟଣାଗଡ଼,(ମହାଭାରତ) :** ବର୍ତ୍ତମାନ ର ବଡ ଖବର ଏବେ ଅଞ୍ଚଳ ବାସୀଙ୍କ ମନରେ ଛନକା.... ଗତରାତି ୨ ଟାରୁ ୩ ଟା ସମୟରେ ଚାବିରିପାଲି ଗ୍ରାମରେ ଘଟିଛି ଛାତି ଦୋହଲାଇ ଦେଲା ଭଳି ଘଟଣା । ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ୍ ବ୍ଲକ ଭାନପୁର ପଞ୍ଚାୟତ ଚାବିରିପାଲି ଗ୍ରାମର ଗୋଟିଏ ପରିବାର ତାଙ୍କ ଜମିରେ ଦୀର୍ଘଦିନ ରେ ବସବାସ କରି ଆସୁଥିଲେ । ରବିବାର ରାତି ୩ଟା ସମୟରେ ଏକ ବିରାଟ ଦନ୍ତା ହାତୀ ଆସି ସେମାନଙ୍କ ବାସସ୍ଥାନକୁ ଅତର୍କିତ ଆକ୍ରମଣ କରିଥିଲା । ଆକ୍ରମଣରେ ବୃଦ୍ଧ ନୀଳାମ୍ବର ବରିହା ଓ ତାଙ୍କ ସ୍ତ୍ରୀଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା ଓ ଅଳ୍ପକେ ବର୍ତ୍ତୀଯାଇଥିଲେ ମୃତକଙ୍କ ପୁଅ ଓ ବୋହୂ । ସୋମବାର ଭୋର୍ ସକାଳରୁ ଖପ୍ରାଖୋଲ ପୁଲିସ , ବନବିଭାଗ ଓ ଅଗ୍ନିଶମ ବିଭାଗ ଘଟଣା ସ୍ଥଳକୁ ପହଞ୍ଚି ଶବକୁ ଜବତ କରି । ଖପ୍ରାଖୋଲ କୁ ଅଣା ଯାଇଛି ପରେ ପୋର୍ଟମୋଟମ ହେଲା ପରେ ପରିବାର ଲୋକଙ୍କୁ ହତାନ୍ତର କରାଯିବ ବୋଲି ସୁଚନା ମିଳିଛି ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟତା ଉପକରଣ ବଣ୍ଟନ

**ପାଟଣା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କୁ ସହାୟତା ଉପକରଣ ବଣ୍ଟନ କରାଯାଇଛି । ପାଟଣା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତଙ୍କ ଅଧକ୍ଷତାରେ ଦିବ୍ୟାଙ୍ଗ ଙ୍କ ପାଇଁ ସହାୟତା ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ପାଟଣା ତହସିଲଦାର ଲୀଳାବତୀ ନାୟକ ଯୋଗଦାନ କରି ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଙ୍କୁ ସହାୟତା ଉପକରଣ ବଣ୍ଟନ କରିଥିଲେ । ପାଟଣା ମଣ୍ଡଳ ଶିକ୍ଷା କେନ୍ଦ୍ର ଅନ୍ତର୍ଗତ ୨୩ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ତାଙ୍କ ପାଠପଢା ସାମଗ୍ରୀ ସହ ମୋବାଇଲ ହାତଘଣ୍ଟା, ଖେଳନା ସାମଗ୍ରୀ,ବ୍ରେଲ ବ୍ୟାଗ, ହୁଇଲ ଚ୍ୟାୟର ସାଇକେଲ, ସହାୟତା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ ଦିବ୍ୟାଙ୍ଗ ସମ୍ବଳ ସହାୟକ ଶିକ୍ଷକ ରଜନୀ ନାଏକ, ମୀନକେତନ ପାତ୍ର, ସି.ରା.ସି ଜ୍ୟୋତିର୍ମୟ ତ୍ରିପାଠୀ, ସନ୍ତୋଷ କୁମାର ନାଏକ ପ୍ରମୁଖ ସଂପୂର୍ଣ୍ଣ ସହଯୋଗ କରିଥିଲେ ।




# ଚାରି ଭାଇଙ୍କୁ ହତ୍ୟା ଘଟଣାରେ ପାଞ୍ଚ ଜଣଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ

**ଆସିକା/ହିଞ୍ଜିଳ,(ମହାଭାରତ) :** ବହୁ ଚର୍ଚ୍ଚିତ ପିତଳଛକରେ ଚାରି ଭାଇଙ୍କୁ ହତ୍ୟା ଘଟଣାରେ ପାଞ୍ଚ ଜଣଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଣି ହୋଇଛି କ୍ଷଗତ ୨୨/୦୩/୨୦୨୨ ରେ ଗଂଜାମ ଜିଲ୍ଲା ହିଂଜିଳି ଥାନା ଅନ୍ତର୍ଗତ ପିତଳ ଛକ ଠାରେ ଫାଷ୍ଟ ଫୁଡ୍ ଦୋକାନରେ କାମ କରୁଥିବା ଚାରି ଭାଇଙ୍କୁ ସଂଘବଧ ଆକ୍ରମଣ ଓ ହତ୍ୟା ଘଟଣାରେ ଆଜି ଆସିକା ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ବିଚାରପତି ପ୍ରବୀର କୁମାର ଚୌଧୁରୀ ୨୪ ଜଣ ସାକ୍ଷୀ ସାଙ୍ଗକୁ ୨ଜଣ ପ୍ରତ୍ୟକ୍ଷ ସାକ୍ଷୀଙ୍କର ବୟାନକୁ ଭିତ୍ତି କରି ପାଞ୍ଚ ଜଣଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ପ୍ରକାଶ ଥାଉକି ନରେନ୍ଦ୍ରପୁର ଗ୍ରାମର ମଙ୍ଗୁଲୁ ସ୍ୱାଇଁଙ୍କ ତିନି ପୁଅ ରାଜା ସ୍ୱାଇଁ , ସମ୍ଭୁ ସ୍ୱାଇଁ, ପାଣ୍ଡବ ସ୍ୱାଇଁ ଓ ପୁତୁରା ଚନ୍ଦନ ସ୍ୱାଇଁ ଏହି ଚାରି ଭାଇଙ୍କୁ ଫାଷ୍ଟ ଫୁଡ୍ ସେଣ୍ଟରରେ କାମ କରୁଥିବା ବେଳେ ଦୋକାନ ସମ୍ମୁଖରେ ଜଣେ ଯୁବତୀଙ୍କୁ କିଛି ଯୁବକ କମେଣ୍ଟ ମାରିଥିଲେ । ଦୋକାନ ଭିତରେ ଥିବା ଏହି ଚାରି ଭାଇ ଏହାକୁ ପ୍ରତିବାଦ କରିଥିଲେ । ଏ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ହଠାତ୍ ଉତ୍ କ୍ଷିପ୍ତ ହୋଇ ରାମଚନ୍ଦ୍ରପୁରର ସାଧୁ ସ୍ୱାଇଁ ( ଅମିୟ) ଓ ତାର ପାଞ୍ଚ ଜଣ ସହଯୋଗୀ ଏହି ଚିତ୍ର ସେନ ସେଠୀ, ମିଳନ ସ୍ୱାଇଁ, ସନ୍ତୋଷ ସ୍ୱାଇଁ, ବାହାନ ପତି ବେହେରା ଓ ଜଣେ ନାବାଳକ ସଂଘବୋଧ ଭାବେ ଶକ୍ତ ଲୁହା ଏଙ୍ଗଲ୍ ଓ କାଠ ବେଷ୍ଟ ବିଭିନ୍ନ ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ କରିବାରୁ ଚାରି ଭାଇଙ୍କର ମୃତ୍ୟୁ ହୋଇଥିଲା । ଏହି ହତ୍ୟାକାଣ୍ଡ ବିରୋଧରେ ହତ୍ୟାର ଶିକାର ହୋଇଥିବା ମୃତକଙ୍କ ବାପା ମଙ୍ଗଲୁ ସ୍ୱାଇଁଙ୍କ ଅଭିଯୋଗ କୁ ଭିତ୍ତିକରି ହିଞ୍ଜିଳି ଥାନା ପକ୍ଷରୁ କେସ୍ ନମ୍ବର ୧୪୧/୨୨ ଦଫା ୩୦୨, ୩୪ଆଇ ପି ସି ରେ ମକଦ୍ଦମା ରୁଜୁ ହୋଇଥିଲା । ଏହି ଘଟଣାର ତଦନ୍ତ ଅଧିକାରି ଭାବେ ଅଭିମନ୍ୟୁ ଦାସ ଏବଂ ଆସିକା ପୋଲିସ ଉପଖଣ୍ଡ ଅଧିକାରୀ ଉମାକାନ୍ତ ସିଂ ଘଟଣାର ତଦନ୍ତ କରୁଥିଲେ । ଘଟଣା ଦିନ ଏହି ହତ୍ୟାକାଣ୍ଡ ରାଜ୍ୟ ଓ ଜିଲ୍ଲାର ଏକ ବହୁଚର୍ଚ୍ଚିତ ହତ୍ୟା କାଣ୍ଡ ରୂପେ ପରଗଣିତ ହୋଇଥିଲା । ଘଟଣା ଦିନ ଗ୍ରାମବାସୀ ଓ ବ୍ୟବସାୟୀ ମାନେ ପିତଳ ଛକ ଠାରେ ୫୯ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରି ଦୋଷୀକୁ ଦଣ୍ଡ ବିଧାନ କରିବା ପାଇଁ ଦାବୀ କରାଥିଲେ । ଘଟଣା ସ୍ଥଳରେ ଗଂଜାମ ଏସ. ପି ଓ ଜିଲ୍ଲାପାଳ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା । ପ୍ରକାଶ ଥାଉ କି ଆଜିର ଏହି ଦଣ୍ଡ ବିଧାନରେ ମାନ୍ୟବର କୋର୍ଟ ଏହି ଘଟଣା ଏକ ଜଘନ୍ୟ ହତ୍ୟାକାଣ୍ଡ ହୋଇଥିବା ଯୋଗୁ ମୁଖ୍ୟ ଆସାମୀ ସାଧୁ କୁ ସ୍ୱତନ୍ତ୍ର ଭାବେ ୨୫ବର୍ଷ ଓ ଅନ୍ୟ ଚାରିଜଣଙ୍କୁ ୨୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିଥିବା ବେଳେ ଅନ୍ୟତମ ନାବାଳକ ଅଭିଯୁକ୍ତଙ୍କ କେସ ବ୍ରହ୍ମପୁରର ବାଳ ଅପରାଧି କୋର୍ଟ ରେ ବିଚାରଧୀନ ରହିଛି । ଏହି ମାମଲାରେ ସରକାରଙ୍କ ପକ୍ଷରୁ କେଡର୍ ପି.ପି ତ୍ରିଲୋଚନ ପରିଡ଼ା କେସ ଲଢ଼ିଥିଲେ । ମୁଖ୍ୟ ଆସାମୀ ସାଧୁ ନାମରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଥାନାରେ ବହୁ ହତ୍ୟା, ଡକାୟତ ଓ ରାହାଜାନୀ ମାମଲା ରହିଛି । ଏହି ରାୟ ପ୍ରକାଶ ପାଇବା ପରେ ଜିଲ୍ଲାର ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।

# ପିଏମ ଜନମନ ସଚେତନତା କାର୍ଯ୍ୟକ୍ରମ



**ଦେବଗଡ଼,(ମହାଭାରତ) :** ପିଏମ ଜନମନ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ର ବାରକୋଟ ବ୍ଲକ ପାଉଡି ଭୂୟାଁ ଉନ୍ନୟନ ସଂସ୍ଥା ରୁଗୁଡ଼ାକୁଦର କାର୍ଯ୍ୟାଳୟ ପକ୍ଷରୁ ପାଚେରୀପାଣି, ମହୁଲତା ଏବଂ ବାଇଧର ଗ୍ରାମରେ ପିଏମ ଜନମନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଦିବାସୀ ଲୋକନୃତ୍ୟ ଓ ଦାସକାଠିଆ ମାଧ୍ୟମରେ ଲୋକଙ୍କୁ ସଚେତନତା କରିବା ସହିତ ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ତିଲେଇବଣୀ ସନ୍ଧ୍ୟା ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ବିଭୂ ରଞ୍ଜନ ମହାନ୍ତି, ସ୍ୱତନ୍ତ୍ର ଅଧିକାରୀ ପିବିଡିଏ ରୁଗୁଡ଼ାକୁଡ଼ାର ରାଜେନ୍ଦ୍ର କୁମାର ବାନରା ଓ ପ୍ରକଳ୍ପ ପରିଚାଳକ ପ୍ରବିଣ କୁମାର ପାତ୍ର ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଯୋଗଦେଇ ଲୋକ ମାନଙ୍କର ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପାଉଡି ଭୂୟାଁ ଗ୍ରାମ ଗୁଡ଼ିକରେ ମୌଳିକ ସୁବିଧା ପକ୍କାଘର, ବିଦ୍ୟୁତ ସଂଯୋଗୀ କରଣ, ପାନୀୟ ଜଳ ର ସୁବିଧା, ଧନ୍ଦାମୂଳକ ଶିକ୍ଷା, ସ୍ୱାସ୍ଥ୍ୟ ସେବା, ପୋଷଣ ଯୁକ୍ତ ଆହାର, ସତପ୍ରତିସତ ଆଧାର ପଞ୍ଜିକରଣ ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ । ପରେ ପରେ ଆଦିବାସୀ ଲୋକନୃତ୍ୟ କଳାକାର ଓ ଦାସକାଠିଆ କଳାକାର ମାନଙ୍କୁ ନେଇ ଗ୍ରାମବାସୀ ମଧ୍ୟସ୍ଥଳରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ପାଉଡି ଭୂୟାଁ ଗ୍ରାମବାସୀ ମାନେ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ସମ୍ମତି ପ୍ରକାଶ କରିଥିଲେ ।



ପାରା ଅଲିମ୍ପିକ୍ସରେ ଭାରତକୁ ଆଜି ଐତିହାସିକ ସଫଳତା ମିଳିଛି । ଭାରତ ଆଜି ମୋଟ ୮ଟି ପଦକ ହାତେଇବାରେ ସଫଳ ହୋଇଛି। ଫଳରେ ଭାରତର ପଦକ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ଆଜି ଭାରତ ଦୁଇଟି ସ୍ୱର୍ଣ୍ଣ (ଜାଭେଲିନ୍, ବ୍ୟାଡମିଣ୍ଟନ), ୩ ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ହାସଲ କରିଛି।

# କେନ୍ଦ୍ରାପଡା କ୍ରିକେଟ୍ ଆସୋସିଏସନର ବାର୍ଷିକ ଅଧିବେଶନ

କେନ୍ଦ୍ରାପଡ଼ା, ୨୧୯ : କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ର ୨୦୨୪-୨୫ ବାର୍ଷିକ ଅଧିବେଶନ ବିଜୁ ପଟ୍ଟନାୟକ ଷ୍ଟାଡିୟମ ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଭାପତି ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ସଭାପତିତ୍ୱ ରେ କ୍ରିକେଟର ବିକାଶ ବିଷୟରେ ଆଲୋଚନା ହେବା ସହ ଚଳିତ ବର୍ଷର ଆୟ ବ୍ୟୟ ଏବଂ ବାର୍ଷିକ କାର୍ଯ୍ୟକ୍ରମ ଉପରେ ସାଧାରଣ ସଂପାଦକ ଶୁଭାଶିଷ ସେନାପାତି ସମସ୍ତ ସଭ୍ୟ ମାନଙ୍କୁ ଅବଗତ କରାଇଥିଲେ । ଏହି ସଭାରେ ୩ଜଣ ବିଶିଷ୍ଟ ବ୍ୟକ୍ତି ଏମଡି ସଲିମ ଖାନ, ସମାଜସେବୀ ପ୍ରତାପ କୁମାର ଦାସ, କାଉନସିଲର କାଳୀପ୍ରସାଦ ମିଶ୍ରଙ୍କୁ ଉତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇ ଥିଲା। କ୍ରିକେଟର ସର୍ବାଙ୍ଗିନ ଉନ୍ନତି ନିମନ୍ତେ ଉପ ସଭାପତି ଯୁଗ୍ମ ସଂପାଦକ ଦିପ୍ତି ନାରାୟଣ ଶତପଥୀ, କୋଷାଧ୍ୟକ୍ଷ ନୃସିଂହ ଚରଣ ରଥ, ଉପଦେଷ୍ଟା ଆଇନଜୀବି ଗୋକୁଳି ଚନ୍ଦ୍ର ଦାସ, ଅକିଲ ଅହମଦ, ରାଜେନ୍ଦ୍ର ସୁଆର ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସତ୍ୟପ୍ରକାଶ ତ୍ରିପାଠୀ, ଜଗନ୍ନାଥ ସାହୁ, ରଶ୍ମି ରଂଜନ ବାରିକ, ରଶ୍ମି ରଂଜନ ସିଂହ, ଆକବର ଅଲ୍ଲୀ, ଅଣାୟ ପରିଡା, ପିତାମ୍ବର ଦାସ, ତୃପ୍ତିମୟୀ କର, ଲକ୍ଷ୍ମୀପ୍ରିୟା ବେହେରା, ସ୍ମୃତିପ୍ରଭା ନାୟକ, ତମସା ପାତ୍ର ନିଜ ନିଜର ମତ ରଖିଥିଲେ । ସଭା ପରିଚାଳନା ରେ ବରାଳକାନ୍ତ ବରାଳ ସହଯୋଗ କରିଥିଲେ । ଶେଷରେ ଜ୍ୟୋତିର୍ମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।




# ବକ୍ସିଂ ବିବାଦ ଘନେଇଲା : ଅଲିମ୍ପିକ୍ସରୁ ବାଦ୍ ପଡ଼ିବା ଆଶଙ୍କା

ନୂଆଦିଲ୍ଲୀ, ୨୧୯ : ଅଲିମ୍ପିକ୍ସରେ ମୁଷ୍ଟିଯୁଦ୍ଧର ଭବିଷ୍ୟତ ନେଇ ଘୋର ଅନିଶ୍ଚିତତା ସୃଷ୍ଟି ହୋଇଛି। ବିଶ୍ୱ ବକ୍ସିଂ (ଡବ୍ଲ୍ୟୁବି) ନାମରେ ଗଠିତ ବିଦ୍ରୋହୀ ସଂଘକୁ ଅନ୍ତର୍ଜାତୀୟ ଅଲିମ୍ପିକ୍ସ ପରିଷଦ (ଆଇଓସି) ଦୃଢ଼ ସମର୍ଥନ ଦେଉଥିଲା ବେଳେ ସଦସ୍ୟରାଷ୍ଟ୍ର ପୁରୁଣା ମହାସଂଘ ଅନ୍ତର୍ଜାତୀୟ ମୁଷ୍ଟିଯୁଦ୍ଧ ସଂଘ (ଆଇବିଏ)କୁ ସମର୍ଥନ କରୁଛନ୍ତି। ଫଳରେ ମୁଷ୍ଟିଯୁଦ୍ଧ ଦୁନିଆ। ଏକପ୍ରକାର ଦୁଇ ଫାଳ ହୋଇଛି। ଏସିଆ। ମୁଷ୍ଟିଯୁଦ୍ଧ ସଂଘ ଡବ୍ଲ୍ୟୁବିରେ ଯୋଗଦେବା ବିପକ୍ଷରେ ଭୋଟ ଦେବା ପରେ ଏହି ସଙ୍କଟ ଆହୁରି ଘନିଭୂତ ହୋଇଛି। ଶନିବାର ଅନୁଷ୍ଠିତ ଗୁପ୍ତ ଭୋଟରେ ୨୧ ଦେଶ ଡବ୍ଲ୍ୟୁବିରେ ଯୋଗଦେବା ବିପକ୍ଷରେ ମତ ଦେଇଥିଲା ବେଳେ ୧୪ ଦେଶ ସପକ୍ଷରେ ମତ ଦେଇଛନ୍ତି।

ଗୋଟିଏ ଭୋଟ ନାକଚ ହୋଇଯାଇଥିଲା। ଫଳରେ ଡବ୍ଲ୍ୟୁବି ସହ ଆଇଓସିର ଅଡୁଆ। ମଧ୍ୟ ବଢ଼ିଛି। ଅନ୍ୟପକ୍ଷରେ ଅଧିକ ସଦସ୍ୟଙ୍କ ସମର୍ଥନ ଦୃଷ୍ଟିରୁ ଆଇବିଏ ନିଜକୁ ମୁଷ୍ଟିଯୁଦ୍ଧର ଏକମାତ୍ର ସ୍ୱୀକୃତିପ୍ରାପ୍ତ ବିଶ୍ୱ ସଂଘ ଭାବେ ଦାବି କରିବା ଆରମ୍ଭ କରିଛି। ତେବେ ଆଇଓସିର ଦୃଢ଼ ସମର୍ଥନ ଦୃଷ୍ଟିରୁ ଏବେବି ଡବ୍ଲ୍ୟୁବିର ପଲା ଭାରି ରହିଛି। ଏପରିକି ଜାତୀୟ ସଂଘଗୁଡ଼ିକ ଆଇବିଏକୁ ସମର୍ଥନ ଦେବା ଜାରି ରଖିଲେ ୨୦୨୮ ଲସ୍ଏଞ୍ଜେଲ୍ସ ଅଲିମ୍ପିକ୍ସରୁ ମୁଷ୍ଟିଯୁଦ୍ଧକୁ ବାଦ୍ ଦେବାକୁ ଆଇଓସି ପୁନର୍ବାର ଧମକ ଦେଇଛି। ସୂଚନା ଅନୁସାରେ ଡବ୍ଲ୍ୟୁବିକୁ ୪୨ ସଦସ୍ୟ ଦେଶ ସମର୍ଥନ ଦେଉଥିଲା ବେଳେ ଆଇବିଏକୁ ୧୦୦ରୁ ଅଧିକ ସଦସ୍ୟ ଦେଶ ସମର୍ଥନ କରୁଛନ୍ତି ଭାରତ ଡବ୍ଲ୍ୟୁବିକୁ ସମର୍ଥନ କରୁଥିବାରୁ ଆଇବିଏର କୋପ ଦୃଷ୍ଟିରେ ରହିଛି । ଏସୀୟ ମୁଷ୍ଟିଯୁଦ୍ଧ ମହାସଂଘ (ଏଏସବିସି) ଡବ୍ଲ୍ୟୁବିରେ ଯୋଗଦେବା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ମଧ୍ୟ ଭାରତୀୟ ମୁଷ୍ଟିଯୁଦ୍ଧ ମହାସଂଘ (ବିଏଫଆଇ) ଏହାକୁ ସମର୍ଥନ କରୁଛି। ଖୁବ୍‌ଶୀଘ୍ର ଡବ୍ଲ୍ୟୁବି ୫୦ ସଦସ୍ୟଙ୍କ ସମର୍ଥନ ହାସଲ କରି ଆଇଓସି ଦ୍ୱାରା ସ୍ୱୀକୃତି ଲାଭ କରିବ ବୋଲି ବିଏଫଆଇ ସଭାପତି ଅଜୟ ସିଂହ ଆଶା ପ୍ରକାଶ କରିଛନ୍ତି ସେ କହିଛନ୍ତି, ମୁଷ୍ଟିଯୁଦ୍ଧ ଯେଭଳି ଅଲିମ୍ପିକ୍ସ ଅଭିଯାନରେ ସାମିଲ ରହିବ, ସେନେଇ ସବୁପ୍ରକାର ପଦକ୍ଷେପ ବିଏଫଆଇ ନେଉଛି। ଏହା ମଧ୍ୟ ସ୍ପଷ୍ଟ ଯେ ଆଇବିଏକୁ ବିଶ୍ୱସଂଘ ଭାବେ ଆଇଓସି ଆଉ ଗ୍ରହଣ କରିବନି। ଏଣୁ ଏକ ସମୟପୋଯୋଗୀ ବିକଳ୍ପ ଭାବେ ଭାରତ ଡବ୍ଲ୍ୟୁବିକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛି ଭୋଟିଂରୁ ଜଣାପଡ଼ିଯାଇଛି ଯେ ୧୪ ସଦସ୍ୟରାଷ୍ଟ୍ର ଡବ୍ଲ୍ୟୁବିରେ ଯୋଗଦେବାକୁ ରାଜି ଅଛନ୍ତି ଆମେ ସ୍ଥିର ନିଶ୍ଚିତ ଯେ ଡବ୍ଲ୍ୟୁବି ଅତିଶୀଘ୍ର ଆଇଓସିର ସ୍ୱୀକୃତି ପାଇଁ ଆବଶ୍ୟକ ସର୍ବନିମ୍ନ ସଦସ୍ୟଙ୍କ ସମର୍ଥନ ହାସଲ କରିବ।



# ଶ୍ରୀଲଙ୍କାକୁ ୨-୦ରେ ପରାସ୍ତ କଲା ଇଂଲଣ୍ଡ

ଲଣ୍ଡନ: ଲର୍ଡସ ଟେଷ୍ଟକୁ ୧୯୦ ରନ୍‌ର ବଡ଼ ବ୍ୟବଧାନରେ ଜିତି ନେଇଛି ଇଂଲଣ୍ଡ ତାସହିତ ଶ୍ରୀଲଙ୍କା ବିପକ୍ଷ ତିନି ଟିକିଆ। ଶୃଙ୍ଖଳାକୁ ଅାଗୁଆ। ୨-୦ରେ ଜିତି ନେଇ ୨୦୧୧ ମସିହା ପରେ ଘରୋଇ ପରିବେଶରେ ଲଗାତାର ୫ ଟେଷ୍ଟ ଜିତିବାର କୀର୍ତ୍ତିମାନ କରିଛି ଶୃଙ୍ଖଳାର ତୃତୀୟ ତଥା ଶେଷ ଟେଷ୍ଟ ଶୁକ୍ରବାରଠାରୁ ଦ ଓଭାଲ୍ ପଡ଼ିଆରେ ଖେଳାଯିବ ଏଥିରେ ଶ୍ରୀଲଙ୍କା ପାଇଁ ସମ୍ମାନ ରକ୍ଷା ଏବଂ ଇଂଲଣ୍ଡକୁ ମୂଳପୋଛ ବିଜୟର ସୁଯୋଗ ରହିବ । ଲର୍ଡସରେ ଇଂଲଣ୍ଡ ୪୮୩ ରନ୍‌ର ଲକ୍ଷ୍ୟ ଦେବା ପରେ ଶ୍ରୀଲଙ୍କା ଶନିବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୨ ୱିକେଟ୍ ବିନିମୟରେ ୫୩ ରନ୍ କରିଥିଲା। ରବିବାର ୨୩୯ ରନ୍ ବିନିମୟରେ ଅବଶିଷ୍ଟ ୮ ୱିକେଟ୍ ହରାଇବା ପରେ ଇଂଲଣ୍ଡ ଦେଢ଼ ଦିନ ପୂର୍ବରୁ ବିଜୟର ମିଠାମିଠା ଚାଖିଥିଲା। ଉଭୟ ପାଳିରେ ଶତକ ଅର୍ଜନ କରି ଜୋ ରୁଟ୍ ଇତିହାସ ରଚିଥିଲେ ମଧ୍ୟ ଗସ୍ ଆଟକିନସନ୍ ଅଲରାଉଣ୍ଡ ପ୍ରଦର୍ଶନ କରି (୧୩୨ ରନ୍ ଓ ୭/୧୦୨) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରିଛନ୍ତି

ସଂକ୍ଷିପ୍ତ ସ୍କୋର୍: ଇଂଲଣ୍ଡ ପ୍ରଥମ ପାଳି: ୪୨୭ ଶ୍ରୀଲଙ୍କା ପ୍ରଥମ ପାଳି: ୧୯୬ ଇଂଲଣ୍ଡ ଦ୍ୱିତୀୟ ପାଳି: ୨୫୧ ଶ୍ରୀଲଙ୍କା ଦ୍ୱିତୀୟ ପାଳି: ୮୬.୪ ଓଭରରେ ୨୯୨ (ଦୀନେଶ ଚନ୍ଦିମାଲ-୫୮, ଧନଞ୍ଜୟ ଡିସିଲଭା-୫୦, ମିଲାନ ରତ୍ନାୟକେ-୪୩, ଗସ୍ ଆଟକିନସନ୍-୫/୬୨, ଓଲି ଷ୍ଟୋନ୍-୨/୫୬, କ୍ରିସ୍ ଓକ୍ସ-୨/୪୬) ।

# ୨୦୨୫ ପାଇଁ ବଡ଼ ପ୍ଲାନ କରୁଛି ବିସିସିଆଇ !

ନୂଆଦିଲ୍ଲୀ, ୨୧୯ : ଆସନ୍ତାବର୍ଷ ଫେବୃଆରୀ-ମାର୍ଚ୍ଚ ମାସରେ ପାକିସ୍ତାନରେ ଆୟୋଜିତ ହେବ ଚମ୍ପିଅନ୍ସ ଟ୍ରଫି-୨୦୨୫ । ତେଣୁ ପାକିସ୍ତାନ ବୋର୍ଡ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ପାଇଁ ପ୍ରସ୍ତୁତି ଜାରି ରଖିଛି। ତେବେ ଏହାପୂର୍ବରୁ ଟିମ ଇଣ୍ଡିଆର ପାକିସ୍ତାନ ଗସ୍ତକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ଭାରତୀୟ ଟିମ୍ ପାକିସ୍ତାନ ଯିବ କି ନାହିଁ, ସେ ନେଇ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

ରାଜନୈତିକ ଏବଂ କୁଟନୀତିକ ସମ୍ପର୍କ ଯୋଗୁଁ ଟିମ ଇଣ୍ଡିଆର ପାକିସ୍ତାନ ଗସ୍ତ ଉପରେ ସନ୍ଦେହ ରହିଛି ଯଦି ଭାରତ ସରକାର ରାଜି ହେବେ, ତେବେ ଭାରତୀୟ ଦଳ ପାକିସ୍ତାନ ଗସ୍ତ କରିପାରିବ। ଏଭଳି ସ୍ଥିତିରେ ପ୍ରଶଂସକଙ୍କ ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଛି, କଣ ଟିମ୍ ଇଣ୍ଡିଆ। ସହିତ ଭାରତ ଏହାର ନିଜର ସୁରକ୍ଷା ପାକିସ୍ତାନକୁ ପଠାଇପାରିବ କି ?

ସାଧାରଣତଃ, ଯେକୌଣସି ଇଭେଣ୍ଟକିମ୍ବା ଟୁର୍ଣ୍ଣାମେଣ୍ଟ ପାଇଁ ଗୋଟିଏ ଦଳ ଅନ୍ୟ କୌଣସି ଦେଶ ଗସ୍ତରେ କିଛି ତ୍ରୁଟି ଆଶଙ୍କା କରନ୍ତି, ସେତେବେଳେ ପ୍ରଥମେ ସେହି ଦେଶର ସୁରକ୍ଷା ଦଳ ପରିଦର୍ଶନ କରନ୍ତି। କ୍ରିକେଟ୍ ପଡିଆ ଏବଂ ଅନ୍ୟାନ୍ୟ ସୁବିଧାଗୁଡ଼ିକର ମୂଲ୍ୟାଙ୍କନ ପାଇଁ ଏହି ସୁରକ୍ଷା ଦଳ ପଠାଯାଏ। କିନ୍ତୁ ଆୟୋଜକ ଦେଶ ଦ୍ୱାରା ହିଁ ଭ୍ରମଣକାରୀ ଖେଳାଳିଙ୍କୁ ମୁଖ୍ୟ ସୁରକ୍ଷା ଯୋଗାଇ ଦିଆଯାଏ। ସୁରକ୍ଷା ପରିଚାଳକମାନେ କ୍ରିକେଟ୍ ଦଳ ସହିତ ଯାତ୍ରା କରିପାରିବେ। ତେବେ କୌଣସି ଦେଶକୁ କ୍ରିକେଟ୍ ଦଳ ସହିତ ସେନା କିମ୍ବା କୌଣସି ସଶସ୍ତ୍ର ସୁରକ୍ଷା ନେବାକୁ ଅନୁମତି ନାହିଁ ଏଭଳି ପରିସ୍ଥିତିରେ ଭାରତୀୟ ଦଳ ଯଦି ପାକିସ୍ତାନ ଯାଏ, ତେବେ ଏହା ପୂର୍ବରୁ ଯାଞ୍ଚ ପାଇଁ ଏହାର ଏଜେନ୍ସି ପଠାଇ ପାରିବେ କିନ୍ତୁ ସେହି ଏଜେନ୍ସିରେ କେବଳ ସୁରକ୍ଷା ଅଧିକାରୀଙ୍କୁ ଅନୁମତି ମିଳିବ କୌଣସି ସଶସ୍ତ୍ର ବାହିନୀକୁ ଯିବାକୁ ଦିଆଯିବ ନାହିଁ। ଏହାପୂର୍ବରୁ ଅନେକ ଦଳ ଗସ୍ତ ପୂର୍ବରୁ ନିଜର ସୁରକ୍ଷା ବାହିନୀଙ୍କୁ ପଠାଇ ସାରିଛନ୍ତି।

ଟିମ୍ ଗସ୍ତ ପୂର୍ବରୁ ସୁରକ୍ଷା ଟିମ୍ ପଠାଇଥିବା ଦେଶ :-

ପାକିସ୍ତାନକୁ ସୁରକ୍ଷା ଏଜେନ୍ସି ପଠାଇଥିଲା ବାଂଲାଦେଶ (୨୦୨୪): ବାଂଲାଦେଶ କ୍ରିକେଟ୍ ବୋର୍ଡ ସେମାନଙ୍କର ପାକିସ୍ତାନ ଗସ୍ତ ପୂର୍ବରୁ ସୁରକ୍ଷା ଯାଞ୍ଚ ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ଏହାପରେ ବାଂଲାଦେଶ ସରକାର ଏହାର ସୁରକ୍ଷା ବିଶେଷଜ୍ଞଙ୍କୁ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପୂର୍ବରୁ ପାକିସ୍ତାନ ଗସ୍ତରେ ପଠାଇଥିଲା।

ପାକିସ୍ତାନକୁ ସୁରକ୍ଷା ଏଜେନ୍ସି ପଠାଇଥିଲା ନ୍ୟୁଜିଲାଣ୍ଡ (୨୦୨୪): ନ୍ୟୁଜିଲାଣ୍ଡ କ୍ରିକେଟର ଏକ ସୁରକ୍ଷା ପ୍ରତିନିଧି ଦଳ ଏପ୍ରିଲ ମାସରେ ଟି୨୦ ସିରିଜ୍ ପୂର୍ବରୁ ପାକିସ୍ତାନରେ ପହଞ୍ଚି କି ଦଳର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଯେଉଁଥିରେ ନ୍ୟୁଜିଲ୍ୟାଣ୍ଡ କ୍ରିକେଟର ୨ ଜଣ ସଦସ୍ୟ ଏବଂ ଜଣେ ସ୍ୱାଧୀନ ସୁରକ୍ଷା ବିଶେଷଜ୍ଞ ରହିଥିଲେ। ସେ ପାକିସ୍ତାନରେ ପହଞ୍ଚି ଲାହୋର, ରାଲପିଣ୍ଡି ଏବଂ ଇସଲାମାବାଦ ପରିଦର୍ଶନ କରିଥିଲେ।

ଭାରତକୁ ସୁରକ୍ଷା ଏଜେନ୍ସି ପଠାଇଥିଲା ଇଂଲଣ୍ଡ (୨୦୦୮): ୨୦୦୮ରେ ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ୍ ବୋର୍ଡର ସୁରକ୍ଷା ବିଶେଷଜ୍ଞ ରେଗ ଡିକାସନ ଭାରତରେ ପହଞ୍ଚି ଷ୍ଟାଡିୟମ ଏବଂ ହୋଟେଲର ରିସେପ୍ଟ କରିବା ସହ ଅଧିକାରୀଙ୍କ ସହ ଇଂଲଣ୍ଡର ଦୁଇ ଟେଷ୍ଟ ସିରିଜର ସୁରକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ ।

ପାକିସ୍ତାନକୁ ସୁରକ୍ଷା ଏଜେନ୍ସି ପଠାଇଥିଲା ଇଂଲଣ୍ଡ (୨୦୦୫): ୨୦୦୫ରେ ଇଂଲଣ୍ଡ ଗସ୍ତ ପୂର୍ବରୁ ଭେନ୍ୟୁ ଯାଞ୍ଚ କରିବା ପାଇଁ ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)ର ଦୁଇ ସୁରକ୍ଷା ବିଶେଷଜ୍ଞ ପାକିସ୍ତାନର କରାଚିରେ ପହଞ୍ଚିଥିଲେ ।

ଭାରତକୁ ସୁରକ୍ଷା ଏଜେନ୍ସି ପଠାଇଥିଲା ଇଂଲଣ୍ଡ (୨୦୦୧): ୨୦୦୧ରେ ଏକ ସିରିଜ ଖେଳିବାକୁ ଇଂଲଣ୍ଡ ଭାରତ ଗସ୍ତ ସମୟରେ ବିସିସିଆଇ ପ୍ରଥମରୁ କହିଥିଲା ଯେ ଭ୍ରମଣକାରୀ ଦଳକୁ ଭାରତ କୌଣସି ବିଶେଷ ସୁରକ୍ଷା ଯୋଗାଇବ ନାହିଁ ଏବଂ ଭାରତରେ ଥିବାବେଳେ ଇଂଲଣ୍ଡକୁ ନିଜ ସୁରକ୍ଷା ଉପରେ ନିର୍ଭର କରିବାକୁ ପଡିବ। ଇଂଲଣ୍ଡର ଦୁଇଜଣ ହାଇ-ପ୍ରୋଫାଇଲ୍ ଅଧିକାରୀ ମାଥ୍ୟୁ କିଲବ୍ରାଇଡ୍ ଏବଂ ଡଗଲସ୍ ଡିକ୍ କ୍ରିକେଟ୍ ଦଳ ସହିତ ଭାରତ ଆସି ଦଳର ସୁରକ୍ଷା ଦାୟିତ୍ୱ ନେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଇଂଲଣ୍ଡ ଦଳକୁ ସୁରକ୍ଷା ଯୋଗାଇବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲା।



# ଗେଲ୍‌ଙ୍କ ବିଶ୍ୱ ରେକର୍ଡ ଭାଙ୍ଗିଲେ ପୂରନ



ଜାମାଇକା: କ୍ରିକେଟ୍ ଦୁନିଆରେ ପ୍ରଥମ ଥର ଗୋଟିଏ ଓଭରରେ ୬ ଛକାର ୫୬ ବର୍ଷ ପୂର୍ତ୍ତି ପାଳନ କରିଥିବାବେଳେ ଉକ୍ତ ଦିନ ଏକାଧିକ ସ୍ଥାନରେ ଛକା ବର୍ଷା ନଜରକୁ ଆସିଛି। ପ୍ରଥମ ୬ ଛକା ମାରିଥିବା ଗ୍ୟାରି ସୋବର୍ସଙ୍କ ଦେଶରେ ବି ଶନିବାର ଛକାରେ ବିଶ୍ୱ ରେକର୍ଡ ପ୍ରତିଷ୍ଠା ହୋଇଛି। କାରବୀୟ ପ୍ରିମିୟର୍ ଲିଗ୍ (ସିପିଏଲ)ରେ ଶନିବାର ରାତିରେ ଷ୍ଟେଇଣ୍ଡିଜ୍ ତାରକା ନିକୋଲାସ ପୂରନ ଛକାରେ ଏକ ନୂଆ। ବିଶ୍ୱ ରେକର୍ଡ କରିଛନ୍ତି।

ଗୋଟିଏ ବର୍ଷରେ ସର୍ବାଧିକ ଛକା ମାରିବାରେ ଏହା ପୂର୍ବରୁ କ୍ରିସ୍ ଗେଲଙ୍କ ନାମରେ ଥିଲା। ଗେଲ୍ ୨୦୧୫ ମସିହାରେ ୧୩୫ ଛକା ମାରିଥିଲେ। କିନ୍ତୁ ଚଳିତ ବର୍ଷର ଆହୁରି ୪ ମାସ ବାକି ଥିବାବେଳେ ନିକୋଲାସ୍ ପୂରନ ୨୦୨୪ରେ ନିଜ ଛକା ସଂଖ୍ୟାକୁ ୧୩୯ରେ ପହଞ୍ଚାଇ ସାରିଛନ୍ତି।

ସିପିଏଲରେ ତ୍ରିନବାଗ୍ ନାଇଟ୍ ରାଇଡର୍ସ ପାଇଁ ଖେଳୁଥିବା ପୂରନ ଶନିବାର ରାତିରେ ସେଣ୍ଟ କିଟ୍ସ ଆଣ୍ଡ ନେଭିସ୍ ପ୍ୟାଟ୍ରିଅଟ୍ସ ବିପକ୍ଷରେ ୪୩ ବଲରୁ ୯୭ ରନ୍ କରିବା ଅବସରରେ ୯ ଛକା ମାରିଥିଲେ। ତାଙ୍କ ଦଳ ୨୫୦ ରନ୍ କରିବା ସହ ଏହି ମ୍ୟାଚକୁ ୪୪ ରନ୍ରେ ବି ଜିତିଛି। ଏବେ ଗୋଟିଏ କ୍ୟାଲେଣ୍ଡର୍ ବର୍ଷର ସର୍ବାଧିକ ଛକା ତାଲିକାରେ ପୂରନ ଶୀର୍ଷକୁ ଉଠିଛନ୍ତି। ଗେଲ୍ କିନ୍ତୁ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ୨୦୧୫ରେ ୧୩୫ ଛକା, ୨୦୧୨ରେ ୧୨୧ ଛକା ଓ ୨୦୧୧ରେ ୧୧୬ ଛକା ମାରିଥିଲେ ଗେଲ୍। ଛକା କୃତିତ୍ୱ ବ୍ୟତୀତ ପୂରନ ମଧ୍ୟ ଗୋଟିଏ କ୍ୟାଲେଣ୍ଡର୍ ବର୍ଷରେ ସର୍ବାଧିକ ରନ୍ (୧୮୪୪ ରନ୍) ତୃତୀୟରେ ରହିଛନ୍ତି। ପାକିସ୍ତାନର ମହମ୍ମଦ ରିଜୱାନ (୨୦୩୬ ରନ୍, ୨୦୨୧) ଏବଂ ଇଂଲଣ୍ଡର ଆଲେକ୍ସ ହେଲ୍ସ (୧୯୪୬ ରନ୍, ୨୦୨୨) ପ୍ରଥମ ଦୁଇ ସ୍ଥାନରେ ଅଛନ୍ତି।

# ପ୍ରୀତିଙ୍କୁ ଦ୍ୱିତୀୟ ପଦକ

ନୂଆଦିଲ୍ଲୀ, ୨୧୯ : ପ୍ୟାରିସ୍ ପାରା ଅଲିମ୍ପିକ୍ସରେ ଦମ୍ ଦେଖାଉଛନ୍ତି ଭାରତୀୟ ଆଥଲେଟ୍



ଚଳିତ ଅଲିମ୍ପିକ୍ସରେ ଇତିହାସ ରଚିଲେ ପାରା ସ୍ପିଣ୍ଟର ପ୍ରୀତି ପାଲ। ଦୁଇଟି ପଦକ ଜିତିଛନ୍ତି ଗତକାଲି ୨୦୦ ମିଟର ୩୫ ରେସରେ ବ୍ରୋଞ୍ଜ ଆଣିଛନ୍ତି। ପ୍ରୀତି ପାଲ ୩୦.୦୧ ସେକେଣ୍ଡରେ ଏହି ଦୂରତା ଅତିକ୍ରମ କରିଥିଲେ। ପୂର୍ବରୁ ଶହେ ମିଟରରେ ବ୍ରୋଞ୍ଜ ଜିତିଥିଲେ। ଅଲିମ୍ପିକ୍ସର ଟ୍ରାକ୍ ଏଣ୍ଡ ଫିଲ୍ଡ ଇଭେଣ୍ଟରେ ଦୁଇଟି ମେଡାଲ୍ ଜିତିବାରେ ପ୍ରଥମ ଭାରତୀୟ ଆଥଲେଟ ଭାବରେ ଇତିହାସ ରଚିଛନ୍ତି ପ୍ରୀତ। ସେ କହିଛନ୍ତି, ପ୍ରଥମ ମେଡାଲ୍ ଜିତିବା ପରେ ଗ୍ରେଟ୍ ହୋଇଥିଲେ। ଏହା ହିଁ ତାଙ୍କୁ ଦ୍ୱିତୀୟ ପଦକ ଜିତିବାରେ ପ୍ରେରଣା ଦେଇଥିଲା।

# ଟେଷ୍ଟ ସିରିଜ ପାଇଁ ଟେନସନରେ ରୋହିତ-ଗମ୍ଭୀର

ମୁମ୍ବାଇ, ୨୧୯ : ଶ୍ରୀଲଙ୍କା ଠାରୁ ଶୋଚନୀୟ ଦିନିକିଆ ସିରିଜ୍ ପରାଜୟ ପରେ ଟିମ୍ ଇଣ୍ଡିଆ ଏବେ ବାଂଲାଦେଶ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି । ଆସନ୍ତା ମାସରେ ବାଂଲାଦେଶ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳିବ ରୋହିତ ବାହିନୀ। ହେଡ୍ କୋଚ୍ ଗେତମ ଗମ୍ଭୀରଙ୍କ ନେତୃତ୍ୱରେ ପ୍ରଥମ ଥର ଟେଷ୍ଟ ସିରିଜ୍ ଖେଳିବ ଭାରତ। ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଶ୍ରୀଲଙ୍କା ବିପକ୍ଷରେ ଟ୍ୱେଣ୍ଟି ଟ୍ୱେଣ୍ଟି ସିରିଜ୍ ଜିତିଥିଲା ଭାରତ।

ପରେ କିନ୍ତୁ ଦିନିକିଆ। ସିରିଜ୍‌ରେ ଦଳ ପରାସ୍ତ ହୋଇଥିଲା। ଏବେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ନେତୃତ୍ୱରେ ପ୍ରଥମ ଥର ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି ଭାରତ।

ଟେଷ୍ଟ ସିରିଜ୍ ପାଇଁ ଆହୁରି ମାସେରୁ ଅଧିକ ସମୟ ଥିବାରୁ ଏବେ ଘରୋଇ ମ୍ୟାଚ୍ ଖେଳିବାକୁ ନିର୍ଦ୍ଦେଶ ଦେଇଛନ୍ତି ହେଡ୍ କୋଚ୍। ଏପରିକି



କ୍ୟାପଟେନ୍ ରୋହିତ ଶର୍ମାଙ୍କ ସମେତ ବିରାଟ କୋହଲିଙ୍କ ଭଳି ବରିଷ୍ଠ ଖେଳାଳିଙ୍କୁ ମଧ୍ୟ ଡୋମେଷ୍ଟିକ୍ କ୍ରିକେଟ ଖେଳିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଉ ଦିଲୀପ ଟ୍ରଫି କ୍ରିକେଟରେ ଉଭୟଙ୍କୁ ଦେଖିବାକ ମିଳିବ। ତେବେ ହେଡ୍ କୋଚ୍ ଗୌତମ ଗମ୍ଭୀର ଓ ଅଧିନାୟକ ରୋହିତ ଶର୍ମାଙ୍କ ପାଇଁ ଏବେ ସବୁଠୁ ବଡ ଚ୍ୟାଲେଞ୍ଜ ହେଉଛି ବାଂଲାଦେଶ ବିପକ୍ଷରେ ପ୍ଲେଇଂ ଇଲେଭେନ୍ ଚୟନ। କାହାକୁ ସାମିଲ କରାଯିବ ଏବଂ କିଏ ବାଦ୍ ପଡିବେ ସେ ନେଇ କସରତ ଆରମ୍ଭ କରିଦେଇଛନ୍ତି ହେଡ୍ କୋଚ୍ ଗୌତମ ଗମ୍ଭୀର।

ଶୁଣିବାକୁ ମିଳୁଛି ଟିମ୍‌ରେ ଋଷଭ ପନ୍ତ ଏବଂ ଲୋକେସ ରାହୁଲ ପୁଣି ଫେରିବାକୁ ଯାଉଛନ୍ତି। ପନ୍ତ ପ୍ରାୟ ୨ ବର୍ଷ ପରେ ଟେଷ୍ଟ କ୍ରିକେଟ ଖେଳିବାକୁ ଯାଉଛନ୍ତି। ତେଣୁ ପନ୍ତ ଆସିଲେ ମିଡିଲ୍ ଅର୍ଡରରୁ ଜଣଙ୍କୁ ବାଦ୍ ଦିଆଯିବ। ସେହିଭଳି ଲୋକେସ ରାହୁଲ ମଧ୍ୟ ଟେଷ୍ଟ ଟିମ୍‌ରେ ସାମିଲ ହେବାର ସମ୍ଭାବନା ଅଧିକ।

ତେବେ ଯଦି ଋଷଭ ପନ୍ତ ଏବଂ ଲୋକେସ ରାହୁଲ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସାମିଲ ହୁଅନ୍ତି ତେବେ କେଉଁ ୨ ଜଣ ବାଦ୍ ପଡିବେ ? ପନ୍ତ ଏବଂ ଲୋକେସ ରାହୁଲ ଦଳରେ ସାମିଲ ହେଲେ ଧ୍ରୁବ ଜୁରେଲ୍ ଏବଂ ସର୍ଫରାଜ ଖାନଙ୍କୁ ବାଦ୍ ଦିଆଯିବାର ସମ୍ଭାବନା ଅଧିକ। ଉଭୟ ଚଳିତ ବର୍ଷ ଆରମ୍ଭର ହୋଇଥିବା ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଦଳରେ ସାମିଲ ହୋଇଥିଲେ। ସର୍ଫରାଜ ଖାନଙ୍କ ପ୍ରଦର୍ଶନ ଆଖିଦୃଶିଆ। ରହିଥିବା ବେଳେ ଧ୍ରୁବ ଜୁରେଲ କିନ୍ତୁ ସେଭଳି କିଛି କମାଲ କରିପାରିନଥିଲେ। ତେଣୁ ଉଭୟଙ୍କୁ ସ୍କ୍ୱାଡରୁ ବାଦ୍ ଦିଆଯାଇପାରେ। ତାଙ୍କ ସ୍ଥାନରେ ୱିକେଟ୍ କିପର ବ୍ୟାଟର ଋଷଭ ପନ୍ତ ଏବଂ ଲୋକେସ ରାହୁଲ ସାମିଲ ହେବେ। ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍‌ର ପ୍ରଥମ ଇନିଂସରେ ଲୋକେସ ରାହୁଲ ୮୬ ରନ୍ କରିଥିଲେ। କିନ୍ତୁ ସେହି ମ୍ୟାଚ୍‌ରେ ସେ ଆହତ ହେବା ପରେ ପୂରା ସିରିଜ୍‌ରୁ ବାଦ୍ ପଡିଥିଲେ। ସେହି ମ୍ୟାଚ୍ ଭାରତ ହାରିଯାଇଥିଲା। ସେହିଭଳି ସୂର୍ଯ୍ୟକୁମାର ଯାଦବଙ୍କୁ ମଧ୍ୟ ଟେଷ୍ଟରେ ଡେବ୍ୟୁ କରିବାକୁ ସୁଯୋଗ ମିଳିପାରେ। ମହମ୍ମଦ ସାମି ଯଦି ସୁସ୍ଥ ହୋଇଯାନ୍ତି ତେବେ ତାଙ୍କୁ ମଧ୍ୟ ଦଳରେ ସାମିଲ କରାଯିବାର ସମ୍ଭାବନା ରହିଛି।

# ଏବେବି ଧୋନୀଙ୍କ ଉପରେ ରାଗିଛନ୍ତି ଯୁବରାଜଙ୍କ ପିତା

ନୂଆଦିଲ୍ଲୀ: ଭାରତର ପୂର୍ବତନ କ୍ରିକେଟର ଯୁବରାଜ ସିଂଙ୍କ ପିତା ଯୋଗରାଜ ସିଂ ପୁଣି ଥରେ ଭାରତର ଷ୍ଟାର କ୍ରିକେଟର ତଥା ପୂର୍ବତନ ଅଧିନାୟକ ଏମଏସ ଧୋନିଙ୍କ ଉପରେ ବର୍ଷିଛନ୍ତି ଅତୀତରେ ସର୍ବୋଚ୍ଚ ସ୍ତରରେ ଭାରତ ପାଇଁ ୭ଟି ମ୍ୟାଚ ଖେଳି ଖେଳିଥିବା ଯୋଗରାଜ, ଧୋନିଙ୍କୁ ସମାଲୋଚନା କରି ତାଙ୍କ ପୁଅ ଯୁବରାଜଙ୍କ କ୍ୟାରିୟର ନଷ୍ଟ କରିଥିବା ଅଭିଯୋଗ କରିଛନ୍ତି ।



ଧୋନିଙ୍କୁ ଟାର୍ଗେଟ କରି ଯୋଗରାଜ କହିଛନ୍ତି ଯେ ଧୋନିଙ୍କୁ ଜୀବନରେ କେବେ କ୍ଷମା କରାଯିବ ନାହିଁ ଯୋଗରାଜଙ୍କ ମନ୍ତବ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଜି ସୁଇଚ୍ ୟୁଟ୍ୟୁବ୍ ଚ୍ୟାନେଲକୁ ସାକ୍ଷାତକାର ଦେଇ ସେ କହିଛନ୍ତି ମୁଁ ଏମଏସ ଧୋନିଙ୍କୁ କ୍ଷମା କରିବି ନାହିଁ ସେ ଦର୍ପଣରେ ତାଙ୍କ ମୁହଁକୁ ଦେଖିବା ଉଚିତ୍ ସେ ଜଣେ ବହୁତ ବଡ କ୍ରିକେଟର, କିନ୍ତୁ ମୋ ପୁଅ ବିରୋଧରେ ସେ ଯାହା କରିଛନ୍ତି, ତାହା ବର୍ତ୍ତମାନ ବାହାରକୁ ଆସୁଛି ଏହାକୁ ଜୀବନରେ କେବେ କ୍ଷମା କରାଯାଇପାରିବ ନାହିଁ ମୁଁ ଜୀବନରେ କେବେବି ଦୁଇଟି ଜିନିଷ କରିନାହିଁ - ପ୍ରଥମ, ମୁଁ କାହାକୁ କ୍ଷମା କରି ନାହିଁ, ଯିଏ ମୋ ସହିତ ଭୁଲ କରିଛନ୍ତି ଏବଂ ଦ୍ୱିତୀୟରେ ମୁଁ ମୋ ଜୀବନରେ କେବେବି ସେମାନଙ୍କୁ ଆଲିଙ୍ଗନ କରି ନାହିଁ, ସେ ମୋ ପରିବାର ସଦସ୍ୟ ହୁଅନ୍ତୁ କି ମୋର ପିଲାମାନେ।

୨୦୨୪ରେ ସିଏସକେ ଆଇପିଏଲ ହାରିବା ପରେ ବି ଯୋଗରାଜ, ଧୋନିଙ୍କୁ ଟାର୍ଗେଟ କରିଥିଲେ ଧୋନୀ, ଯୁବରାଜଙ୍କୁ ଈର୍ଷା କରନ୍ତି ବୋଲି କହିଥିଲେ ଯୋଗରାଜ ସେ ଏହା ବି କହିଥିଲେ ଯେ, ସିଏସକେ ଆଇପିଏଲ-୨୦୨୪ ହାରିଗଲା ସେମାନେ କାହିଁକି ହାରିଲେ ? କାରଣ ଯିଏ ଯେମିତି କରେ, ତାକୁ ସେହିଭଳି ଫଳ ମିଳେ ଯୁବରାଜ ସିଂ ଆଇସିସିର ଆମ୍ବାସାଡାର ତାଙ୍କୁ ଈର୍ଷା କରୁଥିବା ଧୋନି ଏବେ କେଉଁଠି ? ଧୋନୀଙ୍କ କର୍ମ ପାଇଁ ଆଜି ସିଏସକେ ହାରିଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ